Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 123
Wednesday, 08 July 2026
Balasore, Page : 8, ₹ 2/
ବାଲେଶ୍ୱର, ବୁଧବାର, ୦୮ ଜୁଲାଇ, ୨୦୨୬
ପୃଷ୍ଠା:୮ , ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ବନ ସୁରକ୍ଷା ଓ ସବୁଜବଳୟ ସୃଷ୍ଟିରେ ଓଡ଼ିଶା ଦେଶରେ ତୃତୀୟ

ଭୁବନେଶ୍ୱର, ୦୭/୦୬: ବିଶ୍ୱବ୍ୟାପୀ ଜଳବାୟୁ ପରିବର୍ତ୍ତନ ଓ ବିକଟ ଗ୍ରୀଷ୍ମ ଲହରର ମୁକାବିଲା ପାଇଁ ବ୍ୟାପକ ବୃକ୍ଷରୋପଣ ହିଁ ଏକମାତ୍ର ଦୀର୍ଘକାଳୀନ ସମାଧାନ । ବିକାଶ ଓ ପରିବେଶ ପରସ୍ପରର ବିରୋଧୀ ନୁହଁନ୍ତି, ବରଂ ପରିପୂରକ । ଏହି ଦୂରଦର୍ଶୀ ଆଭିମୁଖ୍ୟ ସହ ବନ ସୁରକ୍ଷା ଓ ସବୁଜବଳୟ ସୃଷ୍ଟିରେ ଓଡ଼ିଶା ଆଜି ସାରା ଦେଶରେ ଏକ ଅଗ୍ରଣୀ ରାଜ୍ୟ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି । ବିଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ୫୫୮ ବର୍ଗ କିଲୋମିଟର ବନ ଓ ବୃକ୍ଷ ଆବରଣ ବୃଦ୍ଧି ପାଇଛି, ଯାହା ଫଳରେ ସମଗ୍ର ଭାରତବର୍ଷରେ ଓଡ଼ିଶା ଆଜି ଗୌରବଜନକ ତୃତୀୟ ସ୍ଥାନ ଅଧିକାର କରିଛି ବୋଲି କପିଳେଶ୍ୱର ଠାରେ ଆୟୋଜିତ ରାଜ୍ୟସ୍ତରୀୟ ୭୭ ତମ ବନ ମହୋତ୍ସବ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ରାଜ୍ୟର ପ୍ରବାହିତ ନଦୀଗୁଡ଼ିକୁ ଚିରସ୍ରୋତା କରିବା ପାଇଁ 'ସବୁଜ ମହାନଦୀ ମିଶନ' ଅଧୀନରେ ମହାନଦୀ, ତେଲ, ଇବ୍, ବ୍ରାହ୍ମଣୀ, ଋଷିକୁଲ୍ୟା, ବୈତରଣୀ ଓ ବଂଶଧାରା ନଦୀ ପାର୍ଶ୍ୱରେ ୧.୫ କିଲୋମିଟର ପ୍ରଶସ୍ତ ସବୁଜ ବଳୟ ସୃଷ୍ଟି କରାଯାଉଛି । ୨୦୨୫-୨୬ ଆର୍ଥିକ ବର୍ଷରେ ୭୭୪ ହେକ୍ଟର ଅଂଚଳରେ ୫.୬୫ ଲକ୍ଷ ଚାରା ରୋପଣ କରାଯାଇଥିବା ବେଳେ ୨୦୨୬-୨୭ ବର୍ଷରେ ୨,୭୦୨ ହେକ୍ଟର ଅଂଚଳରେ ପ୍ରାୟ ୯ ଲକ୍ଷ ଚାରା ରୋପଣର ଲକ୍ଷ୍ୟ ରଖାଯାଇଛି । ସେହିପରି 'ବର୍ଦ୍ଧିତ ସବୁଜ ବଳୟ ଯୋଜନା' ମାଧ୍ୟମରେ ଚଳିତ ବର୍ଷ ୩,୫୮ ହେକ୍ଟର ଜମିରେ ୧୫ ଲକ୍ଷ ୯୩ ହଜାର ବୃକ୍ଷଚାରା ରୋପଣ କରାଯିବ । ସହରାଂଚଳରେ ପ୍ରଦୂଷଣ କମାଇବା ପାଇଁ ଚଳିତ ବର୍ଷ ପ୍ରାୟ ୬ ଲକ୍ଷ ୯୫ ହଜାର ଚାରା ରୋପଣର ଲକ୍ଷ୍ୟ ରହିଛି । 'ଆମ ଜଙ୍ଗଲ ଯୋଜନା' ଅଧୀନରେ ୧୯,୯୭୫ ହେକ୍ଟର ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର କରାଯାଇ ୪୩.୧୮ ଲକ୍ଷ ସ୍ଥାନୀୟ ହିତାଧିକାରୀଙ୍କୁ ୧,୪୮୮.୫୨ କୋଟି ଟଙ୍କାର ଜୀବିକା ଭିତ୍ତିକ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି । ରାଜ୍ୟର ଅନ୍ୟାନ୍ୟ ପ୍ରମୁଖ ପଦକ୍ଷେପ ବାବଦରେ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କାମ୍ପା (CAMPA) ଯୋଜନାରେ ଆସନ୍ତା ବର୍ଷ ପାଇଁ ୨୦,୫୬୨ ହେକ୍ଟରରୁ ଅଧିକ ଜଙ୍ଗଲ ଜମିରେ ବୃକ୍ଷରୋପଣର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଜାପାନ ଆନ୍ତର୍ଜାତୀୟ ସଂସ୍ଥାର ସହାୟତାରେ ଓଡ଼ିଶା ବନାଂଚଳ ଉନ୍ନୟନ ପ୍ରକଳ୍ପ-୨ (OFSDP-II) ମାଧ୍ୟମରେ ୧,୨୧୦ଟି ବନସୁରକ୍ଷା ସମିତିକୁ ସାମିଲ କରାଯାଇଛି । ଉପକୂଳ ଅଂଚଳର ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କ 'ମିଷ୍ଟି' (MISHTI) ଯୋଜନାରେ ୮୯ ହେକ୍ଟର ଅଂଚଳରେ ହେନ୍ତାଳ ବନ ସୃଷ୍ଟି ଏବଂ 'ECRICC' ଯୋଜନାରେ ୨,୪୦୫ ହେକ୍ଟର ଲୁଣି ଜଙ୍ଗଲର ପୁନରୁଦ୍ଧାର କରାଯାଉଛି । ଏହା ସହିତ ବଜ୍ରପାତରୁ ରକ୍ଷା ପାଇବା ପାଇଁ ଗତ ଆର୍ଥିକ ବର୍ଷରେ ୧୭.୯୦ ଲକ୍ଷ ତାଳ ଚାରା ରୋପଣ କରାଯାଇଛି । ଚଳିତ ଜୁଲାଇ ୧ ତାରିଖରୁ କେନ୍ଦ୍ର ଓ ରାଜ୍ୟର ମିଳିତ ସହଯୋଗରେ ଏକ ନୂତନ ଯୋଜନା 'ବିକଶିତ ଭାରତ - ରୋଜଗାର ଗ୍ୟାରେଂଟି ଏବଂ ଆଜୀବିକା ମିଶନ (ଗ୍ରାମୀଣ)' କାର୍ଯ୍ୟକାରୀ ହୋଇଛି, ଯାହା ବୃକ୍ଷରୋପଣ ସହ ଲୋକଙ୍କୁ ରୋଜଗାରକ୍ଷମ କରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଏକ ପେଡ୍ ମା କେ ନାମ' ଅଭିଯାନକୁ ଓଡ଼ିଶାବାସୀ ଏକ ଜନ ଆନ୍ଦୋଳନରେ ପରିଣତ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି । ଗତ ବର୍ଷ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିବସରେ ଓଡ଼ିଶାରେ ଗୋଟିଏ ଦିନରେ ୧ କୋଟି ୪୯ ଲକ୍ଷ ଚାରା ରୋପଣ କରାଯାଇଥିଲା ଏବଂ 'ମେରୀ ଲାଇଫ୍' ପୋର୍ଟାଲରେ ୮ କୋଟି ୧୨ ଲକ୍ଷ ବୃକ୍ଷରୋପଣର ତଥ୍ୟ ଅପଲୋଡ୍ କରାଯାଇଛି । ଚଳିତ ବର୍ଷ ଭାରତ ସରକାରଙ୍କ ପକ୍ଷରୁ ରାଜ୍ୟ ପାଇଁ ୩ କୋଟି ୭୬ ଲକ୍ଷ ବୃକ୍ଷଚାରା ରୋପଣର ଲକ୍ଷ୍ୟ ରହିଛି । ବିକାଶ ଏବଂ ପରିବେଶ ପରସ୍ପରର ବିରୋଧୀ ନୁହଁନ୍ତି, ବରଂ ପରିପୂରକ ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ପରିବେଶବିତମାନଙ୍କୁ ସରକାରୀ ନିୟମାବଳୀର କଡ଼ାକଡ଼ି ପାଳନ ପାଇଁ ଦାବି କରିବାକୁ ଆହ୍ୱାନ ଦେଇଛନ୍ତି । ଶେଷରେ ସେ ସମସ୍ତ ରାଜ୍ୟବାସୀଙ୍କୁ ବହୁଳ ଭାବେ ଗଛ ଲଗାଇ ଏକ ସୁସ୍ଥ ଓ ସବୁଜ ସୁନ୍ଦର ଓଡ଼ିଶା ଗଠନ କରିବାକୁ ନିବେଦନ କରିଛନ୍ତି । ସମାରୋହରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଶ୍ରୀ ଗଣେଶରାମ ସିଂ ଖୁଂଟିଆ ବନୀକରଣ କ୍ଷେତ୍ରରେ ଜନଭାଗୀଦାରି ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି । ସେ କହିଛନ୍ତି ଯେ, କେବଳ ସରକାରୀ ସ୍ତରରେ ଯୋଜନା ପ୍ରଣୟନ କଲେ ଜଙ୍ଗଲର ସୁରକ୍ଷା ସମ୍ଭବ ନୁହେଁ, ଏଥିପାଇଁ ଗ୍ରାମାଂଚଳରୁ ସହରାଂଚଳ ପର୍ଯ୍ୟନ୍ତ ସମସ୍ତ ନାଗରିକ ଓ ସାମାଜିକ ସଂଗଠନକୁ ଆଗେଇ ଆସିବାକୁ ହେବ । ଏହି ଅବସରରେ ଜଙ୍ଗଲ ସୁରକ୍ଷା ଓ ବନୀକରଣ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁଗୁଳର 'ଚେରେଙ୍ଗ ବୁଧିପଙ୍କାଡ଼ ବନ ସୁରକ୍ଷା ସମିତି' ଏବଂ ମୟୂରଭଞ୍ଜର 'ଗୁଡ଼ଗୁଡ଼ିଆ ପରିବେଶ ବିକାଶ ସମିତି (ଇଡିସି)' କୁ ରାଜ୍ୟ ସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର ସ୍ୱରୂପ ୨ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି । ସମାରୋହରେ, ଏକାମ୍ର-ଭୁବନେଶ୍ୱର ବିଧାୟକ ଶ୍ରୀ ବାବୁ ସିଂ, ପ୍ରମୁଖ ଶାସନ ସଚିବ ଶ୍ରୀ ଭାସ୍କର ଜ୍ୟୋତି ଶର୍ମା ଏବଂ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଡକ୍ଟର କେ. ମୁରୁଗେଶନଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ, ସାମାଜିକ ସଂଗଠନର ପ୍ରତିନିଧି ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।

'ବିନ୍ତାଙ୍ଗ ଆଦିପୂର୍ଣ୍ଣ' ମେଡାଲରେ ସମ୍ମାନିତ ହେଲେ ମୋଦି

ନୂଆଦିଲ୍ଲୀ୦୭/୭(ନ୍ୟୁ.ଏ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଇଣ୍ଡୋନେସିଆ ତାହାର ସର୍ବୋଚ୍ଚ ନାଗରିକ ସମ୍ମାନ 'ବିନ୍ତାଙ୍ଗ ଆଦିପୂର୍ଣ୍ଣ' ପ୍ରଦାନ କରିଛି । ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋଓ୍ୱୋ ସୁବିଆନ୍ତୋ ଜାକର୍ତ୍ତାର ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଏହି ସମ୍ମାନ ପ୍ରଦାନ କରିଥିଲେ । ଭାରତ-ଇଣ୍ଡୋନେସିଆ ସମ୍ପର୍କକୁ ସୁଦୃଢ଼ କରିବା ସହ ଆଂଚଳିକ ଓ ବିଶ୍ୱସ୍ତରୀୟ ସହଯୋଗ ବୃଦ୍ଧିରେ ମୋଦୀଙ୍କ ଅବଦାନକୁ ସ୍ୱୀକୃତି ଦେଇ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏଥି ସହ ମୋଦୀଙ୍କୁ ମିଳିଥିବା ବିଭିନ୍ନ ଦେଶର ସର୍ବୋଚ୍ଚ ସମ୍ମାନ ସଂଖ୍ୟା ୩୫ରେ ପହଂଚିଛି । ସମ୍ମାନ ଗ୍ରହଣ ପରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, ଏହା କେବଳ ତାଙ୍କର ବ୍ୟକ୍ତିଗତ ସମ୍ମାନ ନୁହେଁ, ବରଂ ୧୪୦ କୋଟି ଭାରତବାସୀଙ୍କ ପ୍ରତି ସମ୍ମାନ । ସେ ଏହି ପୁରସ୍କାରକୁ ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ଦୀର୍ଘଦିନର ବନ୍ଧୁତ୍ୱ, ପାରସ୍ପରିକ ବିଶ୍ୱାସ ଓ ସଭ୍ୟତାଗତ ସମ୍ପର୍କର ପ୍ରତୀକ ବୋଲି କହିଥିଲେ । ଉଭୟ ଦେଶ ଆଗାମୀ ଦିନରେ ମଧ୍ୟ ବିଭିନ୍ନ କ୍ଷେତ୍ରରେ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ସେ ଆଶା ପ୍ରକାଶ କରିଥିଲେ । ରାଷ୍ଟ୍ରପତି ପ୍ରବୋଓ୍ୱୋ ସୁବିଆନ୍ତୋ କହିଥିଲେ, ଭାରତ ଇଣ୍ଡୋନେସିଆର ଘନିଷ୍ଠ ବନ୍ଧୁ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଦୁଇ ଦେଶର ସମ୍ପର୍କ ନୂଆ ଉଚ୍ଚତାରେ ପହଂଚିଛି । ବାଣିଜ୍ୟ, ପ୍ରତିରକ୍ଷା, ସାମୁଦ୍ରିକ ସୁରକ୍ଷା, ଡିଜିଟାଲ୍ ପ୍ରଯୁକ୍ତି, ଶକ୍ତି, ସ୍ୱାସ୍ଥ୍ୟ ଓ ଶିକ୍ଷା ଭଳି କ୍ଷେତ୍ରରେ ଉଭୟ ଦେଶର ସହଯୋଗ ନିରନ୍ତର ବୃଦ୍ଧି ପାଉଥିବା ସେ କହିଥିଲେ । ଉଲ୍ଲେଖଯୋଗ୍ୟ ଯେ, 'ବିନ୍ତାଙ୍ଗ ଆଦିପୂର୍ଣ୍ଣ' ହେଉଛି ଇଣ୍ଡୋନେସିଆର ସର୍ବୋଚ୍ଚ ନାଗରିକ ସମ୍ମାନ । ଦ୍ୱିପାକ୍ଷିକ ସମ୍ପର୍କ, ଆନ୍ତର୍ଜାତିକ ସହଯୋଗ ଓ ବିଶ୍ୱ ଶାନ୍ତି ପାଇଁ ଉଲ୍ଲେଖନୀୟ ଅବଦାନ ରଖିଥିବା ବିଦେଶୀ ରାଷ୍ଟ୍ରନେତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଏ ।

ସୋସିଆଲ ମିଡିଆରେ ପ୍ରଚାରିତ ଶିଶୁ ବାଟିକା ଶିକ୍ଷକ ନିଯୁକ୍ତି ବିଜ୍ଞପ୍ତି ଜାଲ୍ : ଗଣଶିକ୍ଷା ବିଭାଗ

ଭୁବନେଶ୍ୱର, ୦୭/୭ (ଆ.ପ୍ର) : ଶିଶୁ ବାଟିକା ଶିକ୍ଷକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ବିଭିନ୍ନ ସୋସିଆଲ ମିଡିଆରେ ଘୁରି ବୁଲୁଛି । ଅର୍ଥ ବିଭାଗର ପତ୍ର ସଂଖ୍ୟା ୧୦୯୧୧/ର, ତାରିଖ ୨୪।୪।୨୦୨୬ ନାମରେ ଏହି ବିଜ୍ଞପ୍ତି ବିଭିନ୍ନ ସୋସିଆଲ ମିଡିଆରେ ପ୍ରଚାର କରାଯାଉଛି । ଏହି ଜାଲ୍ ପତ୍ରକୁ ଆଧାର କରି କେତେକ ଗଣମାଧ୍ୟମରେ ମଧ୍ୟ ସମ୍ବାଦ ପ୍ରକାଶ ପାଇଥିବା ଦେଖାଯାଇଛି, ଯାହା ସାଧାରଣ ଲୋକଙ୍କ ମଧ୍ୟରେ ବିଭ୍ରାନ୍ତି ସୃଷ୍ଟି କରିଛି । ଏହି ବିଜ୍ଞପ୍ତି ସମ୍ପୂର୍ଣ୍ଣ ଜାଲ, ମନଗଢ଼ା ଏବଂ ଅନଧିକୃତ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି । ଉକ୍ତ ଜାଲ୍ ପତ୍ରରେ ଓସେପା ଅଧୀନରେ ୭୨୩୪ ଟି ଶିଶୁ ବାଟିକା ଶିକ୍ଷକ ପଦବୀ ସୃଷ୍ଟି ଓ ନିଯୁକ୍ତି ସହ ପ୍ରତି ଶିକ୍ଷକଙ୍କୁ ମାସିକ ୨୬୦୦୦ ପ୍ରଦାନ ପାଇଁ ଅର୍ଥ ବିଭାଗ ଅନୁମୋଦନ କରିଥିବା ଉଲ୍ଲେଖ ରହିଛି । ଅର୍ଥ ବିଭାଗ ଦ୍ୱାରା ଏପରି କୌଣସି ପ୍ରସ୍ତାବ ଅନୁମୋଦନ କରାଯାଇନାହିଁ । ୭୨୩୪ ଟି ଶିଶୁ ବାଟିକା ଶିକ୍ଷକ ପଦବୀ ସୃଷ୍ଟି କିମ୍ବା ନିଯୁକ୍ତି ସମ୍ପର୍କରେ ଉକ୍ତ ପତ୍ର ମାଧ୍ୟମରେ କୌଣସି ସରକାରୀ ଅନୁମୋଦନ ପ୍ରଦାନ କରାଯାଇନାହିଁ ବୋଲି ସ୍ପଷ୍ଟୀକରଣ ଦିଆଯାଇଛି । ପତ୍ରରେ ଥିବା ଦସ୍ତଖତ, ପତ୍ର ସଂଖ୍ୟା, ବିଷୟବସ୍ତୁ ଓ ଅନୁମୋଦନ ସମ୍ପୂର୍ଣ୍ଣ ମିଥ୍ୟା ଏବଂ ସରକାରୀ ଅଭିଲେଖରେ ଏହାର କୌଣସି ଆଧାର ନାହିଁ । ଜାଲ୍ ସରକାରୀ ପତ୍ର ପ୍ରସ୍ତୁତ କରି ପ୍ରଚାର କରିବା ଏକ ଗୁରୁତର ଅପରାଧ । ଏହି ଘଟଣା ସମ୍ପର୍କରେ ଉପଯୁକ୍ତ ଆଇନଗତ ପଦକ୍ଷେପ ଗ୍ରହଣ ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଅବଗତ କରାଯାଇଛି ବୋଲି ସୂଚନା ଦିଆଯାଇଛି । ସ୍ପଷ୍ଟୀକରଣରେ ରାଜ୍ୟ ସରକାର ସାଧାରଣ ଜନତା ଓ ଗଣମାଧ୍ୟମକୁ ଅନୁରୋଧ କରିଛନ୍ତି ଯେ, ସୋସିଆଲ ମିଡିଆରେ ପ୍ରଚାରିତ କୌଣସି ସରକାରୀ ପତ୍ରକୁ ଯାଂଚ ବିନା ବିଶ୍ୱାସ କିମ୍ବା ପ୍ରଚାର କରନ୍ତୁ ନାହିଁ । ସରକାରୀ ସୂଚନା କେବଳ ସରକାରୀ ବିଜ୍ଞପ୍ତି, ୱେବସାଇଟ୍ କିମ୍ବା ସମ୍ପୃକ୍ତ ବିଭାଗରୁ ହିଁ ନିଶ୍ଚିତ କରନ୍ତୁ ବୋଲି ପରାମର୍ଶ ଦିଆଯାଇଛି ।

କ୍ୟାସଲେସ୍ ହେବ ଜମି କିଣା ବିକା

ଭୁବନେଶ୍ୱର, ୦୭/୭ (ଆ.ପ୍ର) : ଏଣିକି ରାଜ୍ୟ ସମ୍ପୂର୍ଣ୍ଣ କ୍ୟାସ୍ ଲେସ ହେବ ଜମିକିଣା ବିକ । ଗୋଟିଏ ବି ଟଙ୍କା ନଗଦ କାରବାର ହେବ ନାହିଁ । ଜମି ପଞ୍ଜିକରଣ କାର୍ଯ୍ୟାଳୟକୁ ଦଲାଲ ମୁକ୍ତ କରିବାକୁ ଏଭଳି ନିଷ୍ପତି ବଡ଼ ନିଷ୍ପତି ନେଲେ ରାଜ୍ୟ ସରକାର । ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି । ପୂର୍ବରୁ ୧୫ ହଜାର ଯାଏ କ୍ୟାସ କାରବାର ହେଉଥିଲା । ରାଜସ୍ୱ ମନ୍ତ୍ରୀ କହିଛନ୍ତି, ଏଣିକି ଜମି ପଞ୍ଜିକରଣ ପାଇଁ ଆଉ ବାରମ୍ବାର ରେଜିଷ୍ଟ୍ରେସନ ଅଫିସକୁ ଆସିବାକୁ ପଡ଼ିବନି । କେବଳ ଜମି ମାଲିକ ଚିହ୍ନଟ ପାଇଁ ଅଫିସ ଯିବାକୁ ହେବ । ରେଜିଷ୍ଟ୍ରେସନ ପରେ ଦଲିଲ ମଧ୍ୟ ଅନଲାଇନରେ ପାଇବେ । ଏନେଇ ରାଜସ୍ୱ ବିଭାଗ ପକ୍ଷରୁ ଖୁବଶୀଘ୍ର ଏସ୍ଓପି ଜାରି ହେବ । ଏହା ସହ ରାଜସ୍ୱ ଅଧିକାରୀଙ୍କୁ ସ୍ୱତନ୍ତ୍ର ଟ୍ରେନିଂ ଦିଆଯିବ ।

ମହାରାଷ୍ଟ୍ର ବର୍ଷା , ଜୁଲାଇ ୮ ପର୍ଯ୍ୟନ୍ତ ହାଇ ଆଲର୍ଟ

ମୁମ୍ବାଇ : ମହାରାଷ୍ଟ୍ରରେ ପ୍ରବଳ ବର୍ଷା ସାଧାରଣ ଜନଜୀବନକୁ ବ୍ୟତିବ୍ୟସ୍ତ କରିଦେଇଛି । ବର୍ଷା କମିଥିଲେ ସୁଦ୍ଧା ଆସନ୍ତା ଜୁଲାଇ ୮ ତାରିଖ ପର୍ଯ୍ୟନ୍ତ ମହାରାଷ୍ଟ୍ରରେ ହାଇ ଆଲର୍ଟ ଜାରି ହୋଇଛି । ଆଇଏମ୍ଡି ମୁମ୍ବାଇରେ ରେଡ୍ ଆଲର୍ଟ ବଦଳରେ ଅରେଞ୍ଜଆଲର୍ଟ ଜାରି କରିଥିଲେ ସୁଦ୍ଧା ବିଏମ୍ସି ଆଜି ମୁମ୍ବାଇରେ ସମସ୍ତ ସ୍କୁଲ, କଲେଜ ବନ୍ଦ ଘୋଷଣା କରିଛି । ଥାଣେ, ପାଲଘର ଏବଂ ରାୟଗଡ଼ରେ ମଧ୍ୟ ଏହି ସମାନ ଢଙ୍ଗରେ ସମସ୍ତ ସ୍କୁଲ୍ ଓ କଲେଜ ବନ୍ଦ ରହିଛି । ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବିସ ମହାରାଷ୍ଟ୍ରକୁ ଆସନ୍ତା ଜୁଲାଇ ୮ ତାରିଖ ପର୍ଯ୍ୟନ୍ତ ହାଇ ଆଲର୍ଟରେ ରଖିଛନ୍ତି । ଲଗାଣ ବର୍ଷା ପାଇଁ ପୁଣେ ଜିଲ୍ଲାର କିମ୍ବଦନ୍ତୀ ଏବଂ ମନୋରମ ହିଲ୍ ଷ୍ଟେସନ୍ ଲୋନାୱାଲାରେ ଗତ ୪୮ ଘଂଟାରେ ୧୨୯୦ ମିମି ବର୍ଷା ହୋଇଛି । ଲୋନାୱାଲାରେ ଜୁଲାଇ ୫ ତାରିଖରେ ୬୭୦ ମିମି ବର୍ଷା ହୋଇଥିବାବେଳେ ଜୁଲାଇ ୬ରେ ୬୨୦ ମିମି ବର୍ଷା ହୋଇଛି । ଏହା ଏକ ରେକର୍ଡ । ପ୍ରବଳ ବର୍ଷା ଯୋଗୁ ମୁମ୍ବାଇ-ପୁନେ ଲାଇନର କରଜଟ-ଲୋନାୱାଲା ଘାଟ ସେକ୍ସନ୍‌ରେ ଏକାଧିକ ଭୂସ୍ଖଳନ ହୋଇଛି । କେବଳ ପୁଣେ ଜିଲ୍ଲାରେ ଗତ ୨ ଦିନ ମଧ୍ୟରେ ୨୨ସ୍ଥାନରେ ଭୂସ୍ଖଳନ ହୋଇଛି । ଭୂସ୍ଖଳନ ଯୋଗୁ ମୁମ୍ବାଇରେ ୪ ଜଣଙ୍କର ମୃତ୍ୟୁ ହୋଇଛି । ଅନ୍ୟପକ୍ଷେ ସମଗ୍ର ମହାରାଷ୍ଟ୍ରରେ ବର୍ଷା ଜନିତ କାରଣ ପାଇଁ ଗତ ୩ ଦିନ ମଧ୍ୟରେ ୧୫ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି । ନାଶିକରେ ବାଦଲଫଟା ବର୍ଷା ନେଇ ସତର୍କତା ଜାରି ହୋଇଥିବାବେଳେ ଜିଲ୍ଲାରେ ଆଜି ପ୍ରବଳ ବର୍ଷା ହୋଇଛି । କିନ୍ତୁ ପରିସ୍ଥିତି ଏବେ ନିୟନ୍ତ୍ରଣାଧୀନ ରହିଛି । ୨ ଦିନର ଲଗାଣ ବର୍ଷା ପରେ ମୁମ୍ବାଇରେ ଆଜି ପାଗରେ ସୁଧାର ଆସିଛି । କିନ୍ତୁ ଗତ ୨୪ ଘଂଟା ମଧ୍ୟରେ ମୁମ୍ବାଇରେ ୨ ନାବାଳକଙ୍କୁ ପାଣିରେ ଭାସିଯାଇ ମୃତ୍ୟୁ ହୋଇଛି । ଅନ୍ୟପକ୍ଷେ ଏକ ବଗିଚାରେ ସିମେଂଟ ସିଟ୍ ଭୁଶୁଡ଼ିବା ଫଳରେ ୨ ଜଣ ମହିଳା ଆହତ ହୋଇଛନ୍ତି ।

ରାଜ୍ୟରେ ସକ୍ରିୟ ରହିଛି ଲଘୁଚାପ

ଭୁବନେଶ୍ୱର, ୦୭/୭ (ଆ.ପ୍ର) : ରାଜ୍ୟରେ ସକ୍ରିୟ ରହିଛି ଲଘୁଚାପ । ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତ୍ତର ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳରେ ସୃଷ୍ଟି ହୋଇଥିବା ଅବପାତ ବର୍ତ୍ତମାନ ଦକ୍ଷିଣ ଝାଡ଼ଖଣ୍ଡ ଓ ଉତ୍ତର ଆଭ୍ୟନ୍ତରୀଣ ଓଡିଶା ପାର୍ଶ୍ୱବର୍ତ୍ତୀ ଅଂଚଳରେ ସକ୍ରିୟ ରହିଛି । ଆସନ୍ତା ୨୪ ଘଂଟାରେ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗ ଦେଇ ଉତ୍ତର ଛତିଶଗଡ଼ ଓ ଦକ୍ଷିଣ ଝାଡ଼ଖଣ୍ଡ ଦେଇ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟରେ ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ କିଛି କିଛି ଅଂଚଳରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଆହୁରି ୨ ଦିନ ପ୍ରବଳ ବର୍ଷା ସମ୍ଭାବନା ଥିବା ବେଳେ ଆସନ୍ତା ୨୪ ଘଂଟାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନାକୁ ନେଇ ବରଗଡ଼, ବଲାଙ୍ଗୀର, ନୂଆପଡ଼ା, ସୋନପୁର,ସମ୍ବଲପୁର, ଝାରସୁଗୁଡା,ଓ ସୁନ୍ଦରଗଡ ଓ ଦେବଗଡ ଏହି ୮ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ପ୍ରବଳ ବର୍ଷା ପାଇଁ ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଅନୁଗୁଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲା ପାଇଁ ୟେଲୋ ଆଲର୍ଟ । ଆଜି କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ ପ୍ରବଳ ବର୍ଷାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ବିଭାଗ । ତେବେ ଆହୁରି ୨୪ ଘଂଟା ପାଇଁ ପ୍ରବଳ ଓ ଲଗାଣ ବର୍ଷା ଯୋଗୁଁ ସହରାଂଚଳରେ ଜଳବନ୍ଦୀ ସମସ୍ୟା, କୃତ୍ରିମ ବନ୍ୟା ରାସ୍ତାଘାଟ ବୁଡ଼ିଯିବା ଏବଂ ଚାଷ ଜମି ନଷ୍ଟ ହେବାର ଆଶଙ୍କା ଥିବାରୁ ଜନସାଧାରଣଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି । ୭ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଅଶାନ୍ତ ରହିବାକୁ ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ସେପଟେ ଜୁନ ୧ରୁ ଏଯାବତ ୩୨୪.୨ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ସ୍ୱାଭାବିକ ବର୍ଷା ରହିଛି ୨୬୫ . ୮ ମିମି । ଏହା ସ୍ୱାଭାବିକ ବର୍ଷାଠାରୁ ୨୨ପ୍ରତିଶତ ଅଧିକ ବର୍ଷା ରାଜ୍ୟରେ ହୋଇଛି । ୧୨ଟି ସ୍ଥାନରେ ଅତ୍ୟଧିକ ବର୍ଷା ରେକର୍ଡ ହୋଇଥିବା ବେଳେ ପ୍ରବଳରୁ ଅତି ପ୍ରବଳ ୨୪ଟି ସ୍ଥାନରେ ବର୍ଷା ଓ ପ୍ରବଳ ବର୍ଷା ୨୭ଟି ଷ୍ଟେସନ ରେକର୍ଡ ହୋଇଛି ।

ଅମାନିଆ ଇସ୍କନର ଅଦିନିଆ ରଥଯାତ୍ରା, ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଗଜପତିଙ୍କ ଚିଠି

ପୁରୀ, ୦୭/୭ (ଆ.ପ୍ର) : ରଥଯାତ୍ରାକୁ ଆଉ ମାତ୍ର କେଇଟା ଦିନ । ହେଲେ ତା ପୂର୍ବରୁ ତେଜିଛି ଇସ୍କନର ଅଦିନିଆ ରଥଯାତ୍ରା ବିବାଦ । ବିଦେଶରେ ଇସ୍କନ ପକ୍ଷରୁ ଶାସ୍ତ୍ର ନିର୍ଦ୍ଧାରିତ ତିଥି ବାହାରେ ସ୍ନାନଯାତ୍ରା ଓ ରଥଯାତ୍ରା ପାଳନକୁ ନେଇ ପୁଣି ଥରେ ସ୍ୱର ଉଠାଇଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ । ଆଉ ଇସ୍କନକୁ ନୁହେଁ, ଏଥର ସିଧା ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ହସ୍ତକ୍ଷେପ ଲୋଡ଼ିଛନ୍ତି । ଇସ୍କନ ବିରୋଧରେ କ୍ଷୋଭ ପ୍ରକାଶ କରି ଗଜପତି ଲେଖିଛନ୍ତି, ପରମ୍ପରାକୁ ଭାଙ୍ଗି ସ୍ନାନଯାତ୍ରା ଓ ରଥଯାତ୍ରା ଆୟୋଜନ କରୁଛି ଇସ୍କନ୍ । ବିରୋଧ ସତ୍ତ୍ୱେ ବର୍ଷ ସାରା ଯେ କୌଣସି ଦିନରେ ବି ରଥଯାତ୍ରା କରୁଛି । ଯାହାକି ଜଗନ୍ନାଥପ୍ରେମୀଙ୍କ ଧର୍ମୀୟ ଭାବାବେଗକୁ କଠୋର ଆଘାତ । ମହାପ୍ରଭୁଙ୍କ ପବିତ୍ରତା ବଜାୟ ରଖିବା ପାଇଁ ତୁରନ୍ତ ଏହାକୁ ବନ୍ଦ କରିବାକୁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ଗଜପତି ମହାରାଜା । ଏଥିସହିତ ରାଷ୍ଟ୍ରପତିଙ୍କୁ ସାକ୍ଷାତ ପାଇଁ ସମୟ ମାଗିବା ସହ ପ୍ରଧାନମନ୍ତ୍ରୀଙ୍କ ସହଯୋଗ ମଧ୍ୟ ଚାହିଁଛନ୍ତି । କଥା ଆଜି- କାଲିର ନୁହେଁ, ଜଗନ୍ନାଥ ସଂସ୍କୃତିର ସୁରକ୍ଷା ପାଇଁ ଗଲା ୨୦ ବର୍ଷ ଧରି ଇସ୍କନର ବିଧର୍ମୀ ଆଚରଣ ବିରୋଧରେ ଲଢେଇ କରିଆସୁଛି ଶ୍ରୀମନ୍ଦିର ପ୍ରଶାସନ । ବାରମ୍ବାର ଚିଠି ଲେଖି ତିଥି ମାନିବାକୁ ପରାମର୍ଶ ସତ୍ତ୍ୱେ ଇସ୍କନ ନଛୋଡ଼ବନ୍ଦା । ସଂଗୀନ କଥା ହେଲା, ନିଜ କଥାକୁ ନିଜେ ଗିଳିଦେଉଛି ଇସ୍କନ । ଗଜପତିଙ୍କ କହିବା ଅନୁସାରେ, ୨୦୨୪ ଡିସେମ୍ବରରେ ତତ୍କାଳୀନ ଇସ୍କନ ଚେୟାରମ୍ୟାନଙ୍କ ଅନୁରୋଧରେ ମାର୍ଚ୍ଚ ୨୦୨୫ରେ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ଅନୁମୋଦିତ ବିଦ୍ୱାନମଣ୍ଡଳୀ ଓ ଇସ୍କନର ଇଂଟରନ୍ୟାସନାଲ୍ ବିଦ୍ୱାନ ଆସି ତର୍କ କରିଥିଲେ । ଦେଶ-କାଳ-ପାତ୍ରର ଯୁକ୍ତି ବର୍ଷାଇଥିଲେ । ହେଲେ ସବୁକୁ ଖଣ୍ଡନ କରି ତିଥି ପରିବର୍ତ୍ତନ ହେବନାହିଁ ବୋଲି ସଫା ସଫା ଶୁଣାଇଦେଇଥିଲେ ବିଦ୍ୱାନମଣ୍ଡଳୀ । ୧୯ ଅକ୍ଟୋବର ୨୦୨୫ରେ ତିଥିରେ ରଥଯାତ୍ରା କରିବାକୁ ଏବଂ ଦେଶ ଭିତରେ ଅଦିନିଆ ରଥ ନ ଗଡ଼ାଇବାକୁ ଇସ୍କନ ନିଷ୍ପତି ନେଇଥିଲା । ହେଲେ ତା ବି ପାଳନ କଲାନି । ଅନ୍ୟପଟେ କୋଭିଡ୍ କାଳରେ କିଭଳି ତିଥି ନ ବଦଳାଇ ଭିନ୍ନ ପନ୍ଥାରେ ରଥଯାତ୍ରା ଆୟୋଜନ କରାଗଲା ତାର ବି ଉଦାହରଣ ଦେଇଛନ୍ତି ଗଜପତି । ଗୁରୁତ୍ୱପୂର୍ଣ୍ଣ କଥା ହେଲା, ପଶ୍ଚିମବଙ୍ଗର ମାୟାପୁରରେ ଇସ୍କନର ମୁଖ୍ୟାଳୟ ରହିଛି । ଯେଉଁଠାରୁ ଇସ୍କନର ବିଶ୍ୱବ୍ୟାପୀ କାର୍ଯ୍ୟକ୍ରମ ଧାର୍ଯ୍ୟ ହୋଇଥାଏ । ଏବେ ମାୟାପୁରରେ ଇସ୍କନର ନୂଆ ଅଧକ୍ଷ ନିଯୁକ୍ତ ହୋଇଥିବାବେଳେ ପଶ୍ଚିମବଙ୍ଗରେ ମଧ୍ୟ ସରକାର ବଦଳିଛି । ଏଣୁ କେନ୍ଦ୍ର ସରକାର ଏଥିରେ ହସ୍ତକ୍ଷେପ କଲେ ସମସ୍ୟାର ସମାଧାନ ହେବା ଆଶା କରିଛନ୍ତି ଗଜପତି । ଶ୍ରଦ୍ଧାଳୁ ଓ ସେବାୟତ ବି ଏଥିରେ ସହମତ ।

ଭାରତଠାରୁ ବ୍ରହ୍ମୋସ୍, ଅସ୍ତ୍ର କିଣିବ ଇଣ୍ଡୋନେସିଆ

ନୂଆଦିଲ୍ଲୀ୦୭/୭(ନ୍ୟୁ.ଏ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଇଣ୍ଡୋନେସିଆ ଗସ୍ତ ସମୟରେ ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା, ଖଣିଜ ସମ୍ପଦ, ସାମୁଦ୍ରିକ ସୁରକ୍ଷା, ବାଣିଜ୍ୟ ଓ ପ୍ରଯୁକ୍ତି କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇଁ ଏକାଧିକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ବିଶେଷକରି ଭାରତ ନିର୍ମିତ ବ୍ରହ୍ମୋସ୍ ସୁପରସୋନିକ୍ କ୍ଷେପଣାସ୍ତ୍ର ଏବଂ ଆକାଶରୁ ଆକାଶକୁ ନିକ୍ଷେପ କରାଯାଉଥିବା 'ଅସ୍ତ୍ର' କ୍ଷେପଣାସ୍ତ୍ର କ୍ରୟ ପାଇଁ ଇଣ୍ଡୋନେସିଆ ଆଗ୍ରହ ପ୍ରକାଶ କରିଥିବାବେଳେ, ଉଭୟ ଦେଶ ଏହାକୁ ନେଇ ଆଗକୁ ବଢ଼ିବାକୁ ସହମତ ହୋଇଛନ୍ତି । ଦୁଇ ଦେଶର ଶୀର୍ଷ ନେତୃତ୍ୱଙ୍କ ମଧ୍ୟରେ ହୋଇଥିବା ଆଲୋଚନା ପରେ ଜାରି ମିଳିତ ବିବୃତିରେ ପ୍ରତିରକ୍ଷା ସହଯୋଗକୁ ଅଧିକ ମଜବୁତ କରିବା, ଯୁଗ୍ମ ସାମରିକ ଅଭ୍ୟାସ, ପ୍ରତିରକ୍ଷା ଶିଳ୍ପରେ ସହଭାଗିତା ଏବଂ ଆଧୁନିକ ସାମରିକ ପ୍ରଯୁକ୍ତିର ଆଦାନପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଛି । ଭାରତୀୟ ପ୍ରତିରକ୍ଷା ସାମଗ୍ରୀର ରପ୍ତାନି ବଢ଼ାଇବା ଦିଗରେ ଏହି ଆଲୋଚନାକୁ ଏକ ବଡ଼ ପଦକ୍ଷେପ ବୋଲି ଦେଖାଯାଉଛି । ଗସ୍ତ ସମୟରେ ଉଭୟ ଦେଶ ଗୁରୁତ୍ୱପୂର୍ଣ୍ଣ ଖଣିଜ ସମ୍ପଦ କ୍ଷେତ୍ରରେ ମଧ୍ୟ ସହଯୋଗ ଚୁକ୍ତି କରିଛନ୍ତି । ବୈଦ୍ୟୁତିକ ଯାନ, ବ୍ୟାଟେରି ଓ ସେମିକଣ୍ଡକ୍ଟର ଶିଳ୍ପ ପାଇଁ ଆବଶ୍ୟକ ନିକେଲ୍, କୋବାଲ୍ଟ ଓ ଅନ୍ୟାନ୍ୟ ଦୁର୍ଲଭ ଖଣିଜର ଅନ୍ୱେଷଣ, ପ୍ରକ୍ରିୟାକରଣ ଓ ଯୋଗାଣ ଶୃଙ୍ଖଳକୁ ମଜବୁତ କରିବା ଉପରେ ଏହି ସହଯୋଗ କେନ୍ଦ୍ରିତ ରହିବ । ଏହା ଭବିଷ୍ୟତର ସ୍ୱଚ୍ଛ ଶକ୍ତି ଓ ଉନ୍ନତ ଉତ୍ପାଦନ କ୍ଷେତ୍ରରେ ଉଭୟ ଦେଶକୁ ଲାଭ ଦେବ ବୋଲି ଆଶା କରାଯାଉଛି । ଏହାବ୍ୟତୀତ ସାମୁଦ୍ରିକ ସୁରକ୍ଷା, ଆତଙ୍କବାଦ ମୁକାବିଲା, ସାଇବର ସୁରକ୍ଷା, ଡିଜିଟାଲ୍ ପ୍ରଯୁକ୍ତି, ସ୍ୱାସ୍ଥ୍ୟ, ଶିକ୍ଷା, ଅନ୍ତରୀକ୍ଷ, ନବୀକରଣଯୋଗ୍ୟ ଶକ୍ତି ଓ ବାଣିଜ୍ୟ କ୍ଷେତ୍ରରେ ସହଯୋଗ ବଢ଼ାଇବାକୁ ମଧ୍ୟ ଉଭୟ ଦେଶ ସହମତ ହୋଇଛନ୍ତି ।

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ଆରମ୍ଭ
SEITHO ARAMBHA
ବୁଧବାର, ୦୮ ଜୁଲାଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୨

ଆଦିବାସୀମାନଙ୍କ ଅଧିକାର ପାଇଁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଧାରଣା

ଖୋର୍ଦ୍ଧା।ଭୁବନେଶ୍ୱର, ୦୭/୦୭ (ଆ.ପ୍ର) : ସିପିଆଇ (ଏମଏଲ) ଲିବରେସନ ଓ ଅଖିଳ ଭାରତୀୟ କୃଷି ଓ ଗ୍ରାମୀଣ ଶ୍ରମିକ ସଂଘ (ଆଇଲା) ତରଫରୁ ପାର୍ଟୀ କାର୍ଯ୍ୟାଳୟ ଠାରୁ ଏକ ଶୋଭାଯାତ୍ରା ବାହାରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଓ ଏକ ପ୍ରତିବାଦ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧ ଦଫା ଦାବି ନେଇ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ବିଷମକଟକ ତହସିଲ କାର୍ଯ୍ୟାଳୟ ତରଫରୁ ସିଳିଂ ବହିଃଭୂତ ଜମିର ଜାରି କରାଯାଇଥିବା ନୋଟିଫିକେସନ୍‌କୁ ଆଧାର କରି ଗରୀବ ମାନଙ୍କ ମଧ୍ୟରେ ଜମି ବଂଟନ କରିବା, ବିକାଶ ନାମରେ ପ୍ରକୃତିକ ସମ୍ପଦକୁ ଲୁଣ୍ଠନ ବନ୍ଦ କରିବା, ଲଢେଇ କରୁଥିବା ଆଦିବାସୀ ମାନଙ୍କ ଉପରେ ମିଥ୍ୟା କେସ ବନ୍ଦ କରିବା, ବସୁନ୍ଧରା ଯୋଜନାରେ ସମସ୍ତ ଗରୀବ, ଆଦିବାସୀ, ଦଳିତ ମାନଙ୍କୁ ଘରଡ଼ିହ ପଟ୍ଟା ବଂଟନ କରିବା, ଏମ୍‌ଜିଏନ୍‌ଆରଇଜିଏ କାମରେ ଦୈନିକ ୬୦୦ /- ଟଙ୍କା ମଜୁରୀ ଓ ବି ଭି ଜି-ରାମ ଜୀ କଳା ଆଇନ ବାତିଲ କରିବା ଏବଂ ରେସନ୍ କାର୍ଡ ଧାରୀଙ୍କୁ ୫୦ କେ.ଜି. ଚାଉଳ ଯୋଗାଇ ଦେବା, ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ସହାୟତା ୫ ଲକ୍ଷ ଟଙ୍କା ଓ ସମସ୍ତ ଗରିବ ଏବଂ ବିପିଏଲ ପରିବାରକୁ ୩୦୦ ୟୁନିଟ୍ ବିଦ୍ୟୁତ୍ ଯୋଗାଇ ଦେବା, କେନ୍ଦ୍ର ସରକାରଙ୍କ ଦ୍ୱାରା ଜଙ୍ଗଲ ଅଧିକାର ଆଇନ ୨୦୦୬ ଓ ଗ୍ରାମ ସଭାକୁ ଅକାମୀ କରିଦେବା ଚକ୍ରାନ୍ତକୁ ବନ୍ଦ କରିବା, ବିଭିନ୍ନ ପଂଚାୟତରୁ ଆଦିବାସୀମାନଙ୍କ ଦ୍ୱାରା ଆଦାୟ କରାଯାଇଥିବା ମହୁଲ, ଝୁଣା, ଝାଡୁ, ହଳଦୀ, ଟୋଲ, କାଜୁ, ଜଙ୍ଗଲଜାତ ଦ୍ରବ୍ୟ ଗୁଡ଼ିକ ଟିଡ଼ିସିସି ଜରିଆରେ କ୍ରୟ ବିକ୍ରୟ ନିମନ୍ତେ ବ୍ୟବସ୍ଥା କରିବା, ଆଦିବାସୀମାନଙ୍କର ଭୋଗ ଦଖଲରେ ରହିଥିବା ସରକାରୀ ଜମି, ଜଙ୍ଗଲ ଜମିକୁ ଚିହ୍ନଟ କରିବା ପାଇଁ ଆରଆଇ ଓ ଅମିନ୍‌କୁ ମାସିକ ୧୫ ଦିନ ପାଇଁ ନିର୍ଦ୍ଦେଶ ଦେବା, ବିଷମକଟକ ତହସିଲ ତରଫରୁ ଦିଆଯାଉଥିବା ଜାତି ପ୍ରମାଣ ପତ୍ର ଅତିଶୀଘ୍ର ପ୍ରଦାନ କରିବା, ସରକାରଙ୍କ ଦ୍ୱାରା ପ୍ରଚଳିତ "କାଳା" ଆଇନ ସଂପୂର୍ଣ୍ଣ ରଦ୍ଦ କରିବା ନେଇ ସିପିଆଇ (ଏମଏଲ) ଲିବରେସନ ରାଜ୍ୟ କମିଟି ସଭ୍ୟ ମହେନ୍ଦ୍ର ପରିଡା ଓ ଜିଲ୍ଲା ସମ୍ପାଦକ ତ୍ରିପତି ଗମାଙ୍ଗ ରାଜ୍ୟ ସରକାରଙ୍କ ପାଖରେ ଦାବି କରିଛନ୍ତି ।

ଚକ୍ଷୁ ରୋଗୀ ଚିହ୍ନଟ ଓ ନିଃଶୁଳ୍କ ଚିକିତ୍ସା ଶିବିର

ଖୋର୍ଦ୍ଧା/ଟାଙ୍ଗୀ, ୦୭/୦୭ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ କୁହୁଡି ସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପକେନ୍ଦ୍ର ପରିସରରେ ଖୋରଧା ଜିଲ୍ଲା ମୁଖ୍ୟଚିକିତ୍ସାଳୟ ପକ୍ଷରୁ ସୋନେତ୍ର ଭ୍ରାମ୍ୟମାଣ ଚକ୍ଷୁ ସମସ୍ୟା ରୋଗୀ ଚିହ୍ନଟ ଓ ନିଃଶୁଳ୍କ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବରିଷ୍ଠ ଚକ୍ଷୁ ଚିକିତ୍ସାଧିକାରୀ ଡାକ୍ତର ଦୁର୍ଗା ପ୍ରସାଦ ମହାପାତ୍ର ଶିବିରରେ ଉପସ୍ଥିତ ରହି ରତନପୁର, କୁହୁଡି ସମେତ ଆଖପାଖ ଅଂଚଳର ଶତାଧିକ ରୋଗୀଙ୍କ ଚିକିତ୍ସା, ପରାମର୍ଶ ସହିତ ନିଃଶୁଳ୍କ ଔଷଧ ବଂଟନ କରିଥିଲେ । ଏଭଳି ଏକ ଜନହିତକର କାର୍ଯ୍ୟକ୍ରମ ଏଠାରେ ଆୟୋଜନ ପାଇଁ ସ୍ଥାନୀୟ ଅଂଚଳର ବୁଦ୍ଧିଜୀବି ଓ ଜନସାଧାରଣଙ୍କ ପକ୍ଷରୁ ଜିଲ୍ଲା ଓ ବ୍ଲକ ସ୍ୱାସ୍ଥ୍ୟ ବିଭାଗ ଓ ଡାକ୍ତରୀ ଦଳକୁ ସାଧୁବାଦ ଜଣାଇଥିଲେ । କୁହୁଡି ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଏଏନଏମ ସସ୍ମିତା ମହାରଣା, ପୁରୁଷ ସ୍ୱାସ୍ଥ୍ୟ କର୍ମୀ ସମୀର କୁମାର ବେହେରା ସମେତ ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରଭାକର ବରିଷଲ, ରତନପୁର ଓ କୁହୁଡିର ସମସ୍ତ ଆଶାଦିଦି ମାନେ ସକ୍ରିୟ ସହଯୋଗ କରିଥିଲେ ।

ଆଇନ ମନ୍ତ୍ରୀଙ୍କ ଚିଲିକା ଓ ବାଣପୁର ବ୍ଲକର ବିକାଶ ମୂଳକ କାର୍ଯ୍ୟର ସମୀକ୍ଷା

ଚିଲିକା/ବାଣପୁର, ୦୭/୦୭ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ସମ୍ମିଳନୀ କକ୍ଷ ଠାରେ ଚିଲିକା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚିଲିକା ଓ ବାଣପୁର ବ୍ଲକରେ ଚାଲୁଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ, ଜନକଲ୍ୟାଣମୂଳକ ଯୋଜନା ଏବଂ ସରକାରୀ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ ମାନ୍ୟବର ବିଧାୟକ ତଥା ପୂର୍ତ୍ତ ଆଇନ ଅବକାରୀ ବିଭାଗର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଏହି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ସହ ବିକଶିତ ଗାଁ ବିକଶିତ ଓଡ଼ିଶା, ବିଧାୟକ ପାଣ୍ଠି, ସାଂସଦ ପାଣ୍ଠି ଏବଂ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା ଅଧୀନରେ ଚାଲୁଥିବା ପ୍ରକଳ୍ପଗୁଡ଼ିକର ସ୍ଥିତି ସହିତ ଗ୍ରାମାଂଚଳରେ ରାସ୍ତାଘାଟ, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ, ବିଦ୍ୟୁତ, ଅନ୍ତ୍ୟୋଦୟ ଗୃହ ଯୋଜନା ଏବଂ ଅନ୍ୟାନ୍ୟ ମୌଳିକ ସୁବିଧା ସମ୍ବନ୍ଧୀୟ କାର୍ଯ୍ୟର ଅଗ୍ରଗତି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଯେଉଁ କାର୍ଯ୍ୟରେ ବିଳମ୍ବ କିମ୍ବା ସମସ୍ୟା ପରିଲକ୍ଷିତ ହେଉଛି, ସେଗୁଡ଼ିକର ତ୍ୱରିତ ସମାଧାନ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଗୁଣାତ୍ମକ ଭାବେ କାର୍ଯ୍ୟ ସମ୍ପନ୍ନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ ମାନ୍ୟବର ମନ୍ତ୍ରୀ । ଏହି ଅବସରରେ ଚିଲିକା ବ୍ଲକ ଅଧକ୍ଷା ଜ୍ୟୋତ୍ସ୍ନା ବେହେରା, ବାଣପୁର ବ୍ଲକ ଅଧକ୍ଷ ଅମରେନ୍ଦ୍ର ରଣସିଂହ, ଚିଲିକା ବ୍ଲକ ଉପାଧକ୍ଷ ଅରୁଣ ପଟ୍ଟନାୟକ, ଚିଲିକା ବ୍ଲକ ବିଡ଼ିଓ ସୁଶ୍ରୀ ପୁନମ ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ ।

ଗୌରବ - ଗୋ ଗେମ୍ସ ଏବଂ ସିଭି ରମଣ ଗ୍ଲୋବାଲ ୟୁନିଭରସିଟି ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ

ନିମାପଡା, ୦୭/୦୭ (ଆ.ପ୍ର) : ଓଡ଼ିଶାରେ ବୈଷୟିକ ଶିକ୍ଷା ଓ ଷ୍ଟାର୍ଟ ଅପ କ୍ଷେତ୍ରରେ ଏକ ବଡ ସଫଳତା ସ୍ୱରୂପ ଭୁବନେଶ୍ୱରର ପ୍ରମୁଖ ଗେମିଙ୍ଗ ଏବଂ ସିମୁଲେସନ କମ୍ପାନୀ ଗୌରବ ଗୋ ଗେମ୍ସ ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ୍ ଏବଂ ସିଭି ରମଣ ଗ୍ଲୋବାଲ ୟୁନିଭରସିଟି ମଧ୍ୟରେ ଏକ ସ୍ମାରକ ପତ୍ର ସ୍ୱାକ୍ଷରିତ ହୋଇଛି । ଅଟଳ ଇନକ୍ୟୁବେସନ ସେଂଟରର ସହଯୋଗରେ ଆରମ୍ଭ ହୋଇଥିବା ଏହି ସହଭାଗିତା ଦ୍ୱାରା ପୂର୍ବ ଓଡିଶାର ପ୍ରଥମ ଅନୁଷ୍ଠାନ ଭାବେ ସିଭିୟୁ ନିଜର ମାଷ୍ଟର ଅଫ କମ୍ପୁଟର ଆପ୍ଲିକେସନ ପାଠ୍ୟକ୍ରମରେ ଅଟେଂଚ ଇକୋନୋମି ଅର୍ଥାତ ଏଭି ମେସନ ଭିଜୁଆଲ ଇଫେକ୍ଟସ ଗେମିଙ୍ଗ ଏବଂ କମିକ୍ସକୁ ଆନୁଷ୍ଠାନିକ ଭାବେ ସାମିଲୀ କରିଛି । ଚଳିତ ଶିକ୍ଷା ବର୍ଷରୁ ଏହି ନୂତନ ୩ - କ୍ରେଡିଟ ବିଶିଷ୍ଟ ଏଭିଜିସି ବିଷୟ ଏମସିଏ ଛାତ୍ରଛାତ୍ରୀମାନଙ୍କୁ କ୍ରିଏଟିଭ ଟେକ୍ନୋଲୋଜି କ୍ଷେତ୍ରରେ ପ୍ରାୟୋଗିକ ଅଭିଜ୍ଞତା ପ୍ରଦାନ କରିବ । କେବଳ ମନୋରଞ୍ଜନ ନୁହେଁ ବରଂ ଡିଫେନ୍ସ କ୍ଷେତ୍ରରେ ମଧ୍ୟ ଏହା ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କରିବ, ଯେଉଁ ଠାରେ ଗେମିଙ୍ଗ ସଫ୍ଟୱାର ଇଞ୍ଜିନଗୁଡିକର ବ୍ୟବହାର କରି ଆଡ଼ ଭାନ୍ସ ଭରଚୁଆଲ ରିୟାଲିଟି ଟ୍ରେନିଂ, ଶିଳ୍ପ ନିରାପତା ସିମୁଲେସନ ଏବଂ ଡିଜିଟାଲ ଟ୍ୱିନ୍ କାରଖାନା କିମ୍ବା ସହରରେ ନିର୍ମାଣ କରାଯାଇପାରିବ ।

ବାସୁଦେବପୁର ବନାଂଚଳ ପକ୍ଷରୁ ୭୭ତମ ବନମହୋତ୍ସବ ସପ୍ତାହ ପାଳନରେ ବାସୁଦେବପୁର ବିଧାୟକ ଯୋଗଦେଲେ

ବାସୁଦେବପୁର, ୦୭/୦୭ (ଆ.ପ୍ର) : ଭଦ୍ରକ ଜିଲ୍ଲା ବାସୁଦେବପୁର ବନାଂଚଳ ପକ୍ଷରୁ ୭୭ତମ ବନମହୋତ୍ସବ ସପ୍ତାହ ପାଳନ ଅବସରରେ ବ୍ୟାପକ ବୃକ୍ଷରୋପଣ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ବାସୁଦେବପୁର ବ୍ଲକ ଓ ପୌରପାଳିକାରେ ଅଟଳ ବିହାରୀ ହାଇସ୍କୁଲ ଓ ନରସିଂହପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଗଛ ଲଗାଇବା ସହ ସେଗୁଡ଼ିକର ସୁରକ୍ଷା ଓ ଯତ୍ନ ନେବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦିଆଯାଇଛି । ଦେଶବ୍ୟାପୀ ଜୁଲାଇ ମାସର ପ୍ରଥମ ସପ୍ତାହରେ ବନମହୋତ୍ସବ ପାଳନ କରାଯାଉଥିବା ବେଳେ ବାସୁଦେବପୁର ବନାଂଚଳ ପକ୍ଷରୁ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ ଓ ପରିବେଶ ସଚେତନତା ସଭାର ଆୟୋଜନ କରାଯାଇଥିଲା । ପରିବେଶର ସନ୍ତୁଳନ ରକ୍ଷା, ସବୁଜିମା ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଅଧିକରୁ ଅଧିକ ଗଛ ଲଗାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ତହସିଲଦାର ପ୍ରିୟବ୍ରତ ଦାସ, ବନ ଅଧିକାରୀ ଅତୁଲ୍ୟ କୁମାର ମହାନ୍ତି, ନରସିଂହପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ପଣ୍ଡା, ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ବନପାଳ ସୁଶୀଲ ସିଂ, ବିମଳା ମଲ୍ଲିକ, ବିୟତପ୍ରଜ୍ଞା ନାୟକ, ଯୁବ ସମାଜସେବୀ, ଗ୍ରାମବାସୀ ଓ ବନ ବିଭାଗର କର୍ମଚାରୀମାନେ ଯୋଗଦେଇଥିଲେ । ବକ୍ତାମାନେ କହିଥିଲେ, କେବଳ ଗଛ ଲଗାଇଲେ ହେବ ନାହିଁ, ବରଂ ସେଗୁଡ଼ିକର ସୁରକ୍ଷା ଓ ନିୟମିତ ଯତ୍ନ ନେବା ମଧ୍ୟ ସମସ୍ତଙ୍କର ଦାୟିତ୍ୱ । କାର୍ଯ୍ୟକ୍ରମରେ ପାରାଷ୍ଟାଫ୍ ଶ୍ରୀକାନ୍ତ ବାରିକ, ଲକ୍ଷ୍ମୀଧର ନାୟକ, ନନ୍ଦକିଶୋର ବାରିକ, ଦେବାଶିଷ ବାରିକଙ୍କ ସମେତ ବହୁ କର୍ମଚାରୀ ଓ ସ୍ଥାନୀୟ ଲୋକ ଯୋଗଦେଇ ପରିବେଶ ସୁରକ୍ଷାର ସଂକଳ୍ପ ନେଇଥିଲେ । ଶେଷରେ ବିଭିନ୍ନ ପ୍ରଜାତିର ଚାରା ରୋପଣ ସହ ୭୭ତମ ବନମହୋତ୍ସବ ସପ୍ତାହ କାର୍ଯ୍ୟକ୍ରମର ସମାପନ କରାଯାଇଥିଲା ।

ଭାଜପାରେ ମିଶିଲେ କର୍ଲାମୁଣ୍ଡା ବ୍ଲକର ୩ ମହିଳା ସରପଂଚ

କଳାହାଣ୍ଡି, ୦୭/୦୭ (ଆ.ପ୍ର): ଭବାନୀପାଟଣା ଠାରେ ଭାଜପା ପକ୍ଷରୁ ଆୟୋଜିତ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୧୨୫ ତମ ଜୟନ୍ତୀ ସମାରୋହ ଅବସରରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲାର ବହୁ ସରପଂଚ, ସମିତି ସଭ୍ୟ, ବରିଷ୍ଠ ନେତା ଭାଜପାରେ ସାମିଲ ହୋଇଥିଲେ । କର୍ଲାମୁଣ୍ଡା ବ୍ଲକର ତିନିଜଣ ସରପଂଚ ମଧ୍ୟ ଦଳରେ ଯୋଗଦେଇଥିଲେ । ସେମାନେ ହେଲେ କର୍ଲାମୁଣ୍ଡା ସରପଂଚ ସ୍ୱର୍ଣ୍ଣଲତା ସାହୁ, ରାଜପୁର ସରପଂଚ କୌଶଲ୍ୟା ରଣା, ରେଗଡା ସରପଂଚ ଦିପ୍ତିରାଣୀ ସାହୁ । ସେହିପରି କର୍ଲାମୁଣ୍ଡାର ପୂର୍ବତନ ସରପଂଚ ଶେଷଦେବ ସାହୁ, ୱାର୍ଡ ମେମ୍ବର ଖଗେଶ୍ୱର ସାହୁ, ଜଳଧର ସାହୁ, ଯୁବ ସଂଗଠକ ବରୁଣ ସାହୁ ମଧ୍ୟ ଭାଜପାରେ ସାମିଲ ହୋଇଥିବା ଜଣାପଡିଛି । ଏହି ଉତ୍ସବରେ ବିଧାନସଭାରେ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପଧାନ, ଜିଲା ସଭାପତି ଯୁଗଳ କିଶୋର ପୋଡ଼, ରାଜ୍ୟ ଉପସଭାପତି ଭବେନ୍ଦ୍ର ପଣ୍ଡା, ଧର୍ମଗଡ଼ ବିଧାୟକ ସୁଧୀର ପାଟଯୋଶୀ, ପୂର୍ବତନ ଜିଲା ସଭାପତି ଦେବେନ୍ଦ୍ର ମହାନ୍ତିଙ୍କ ସମେତ ବହୁ ବରିଷ୍ଠ ନେତା ଉପସ୍ଥିତ ରହି ସେମାନଙ୍କୁ ଦଳକୁ ସ୍ୱାଗତ କରିଥିଲେ ।

ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୂକ୍ତିକରଣ ତଥା ସାଇବର ସଚେତନତା ଶିବିର

ଭଦ୍ରକ, ୦୭/୦୭ (ଆ.ପ୍ର) : ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର ତଥା ସାଇବର ସଚେତନତା ବିଷୟରେ ବନ୍ଦଲୋ ଗ୍ରାମ ପଂଚାୟତର କଲ୍ୟାଣ ମଣ୍ଡପ, ଭଣ୍ଡାରିପୋଖରୀ, ଭଦ୍ରକ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଅତିଥି ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ଅଧିକାରୀ ମୋନାଲିସା ପଣ୍ଡା, ଇନ୍‌ସପେକ୍ଟର ବନ୍ଦନା ଦେବୀ, ଭଦ୍ରକ ଜିଲ୍ଲା ଏଫ୍‌ଏଲ୍‌ସି ଅଶ୍ୱିନୀ କୁମାର ନାୟକ, ପୂର୍ବତନ ଜିଲ୍ଲା ସଂଚୟ ଅଧିକାରୀ ପଦ୍ମନ୍ କୁମାର ରାୟ, ଇଣ୍ଡିଆ ପୋଷ୍ଟ ପେମେଂଟ ବ୍ୟାଙ୍କ ମ୍ୟାନେଜର ସୌମ୍ୟଦର୍ଶୀ ପରିଡ଼ା, ବନ୍ଦାଲୋ ପଂଚାୟତ ର ପୂର୍ବତନ ସରପଂଚ ମହୋଦୟା, ପେଇଓ ମହୋଦୟ, ଏପିଓ ଯୋଗ ଦେଇଥିଲେ । ଏହି ସଭାରେ ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ଅଧିକାରୀ ସଭା ପରିଚାଳିତ କରିଥିଲେ ଓ ସଭାରେ ଯୋଗଦେଇଥିବା ବ୍ୟକ୍ତିମାନଙ୍କୁ ସଂଚୟର ମହତ୍ୱ ଜଣାଇବା ସହ ଆର୍ଥିକ ସାକ୍ଷରତା ମାଧ୍ୟମରେ ସମାଜ ଗଢ଼ିବା ପାଇଁ ଅନୁପ୍ରାଣିତ କରିଥିଲେ । ଇନ୍‌ସପେକ୍ଟର ବନ୍ଦନା ଦେବୀ ସଭାରେ ଯୋଗଦେଇଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ଅଙ୍ଗନୱାଡି କର୍ମୀ ଓ ବରିଷ୍ଠ ନାଗରିକ ମାନଙ୍କୁ ସାଇବର ଅପରାଧୀ ମାନଙ୍କ ଶିକାରରୁ ବଂଚିବାର ଉପାୟମାନ ବୁଝାଇଥିଲେ । ଏଫ୍‌ଏଲସି ଓ ଇଣ୍ଡିଆ ପୋଷ୍ଟ ପେମେଂଟ ବ୍ୟାଙ୍କ୍ ମ୍ୟାନେଜର୍ ବ୍ୟାଙ୍କ୍‌ରେ ଉପଲବ୍ଧ ଥିବା ସମସ୍ତ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ । ଜିଲ୍ଲା ଡାକ ବିଭାଗର ଅଧିକାରୀ ଡାକଘରେ ଉପଲବ୍ଧ ସମସ୍ତ ସଂଚୟ ଯୋଜନା ଗୁଡିକ ସମ୍ବନ୍ଧରେ ଜଣାଇଥିଲେ ଓ ସଭାରେ ଯୋଗଦେଇଥିବା ବ୍ୟକ୍ତିମାନଙ୍କୁ ସଂଚୟ ପାଇଁ ଅନୁପ୍ରାଣିତ କରିଥିଲେ, ପଦ୍ମନ ରାୟ ଚିଟ୍ ଫଣ୍ଡ ଠକେଇ ଶିକାର ନହେବାକୁ ପରାମର୍ଶ ଦେଇଥିଲେ । ଏହି ସଭାରେ ମୋଟ ୧୨୦ ଜଣ ଗ୍ରାମବାସୀ ଯୋଗଦେଇଥିଲେ । ଏହି ସଭାରେ ଶିଖିଥିବା ତଥ୍ୟରେ ଅନୁପ୍ରାଣିତ ହେବା ପାଇଁ ଅତିଥିମାନେ ବ୍ୟକ୍ତିବିଶେଷ ମାନଙ୍କୁ ଅନୁରୋଧ କରିଥିଲେ ଓ ନିଜ ପରିବାର ଲୋକଙ୍କୁ ମଧ୍ୟରେ ସଂଚୟ ଯୋଜନା, ଆର୍ଥିକ ସାକ୍ଷରତା ଓ ସାଇବର ସଚେତନତା ସମ୍ପର୍କରେ ସଚେତନ କରିବା ପାଇଁ ଅନୁରୋଧ କରିଥିଲେ । ଏହି ସଭାଟିକୁ ସଫଳ କରିବାରେ ବନ୍ଦାଲୋ ପଂଚାୟତର ସରପଂଚ, କାର୍ଯ୍ୟକର୍ତ୍ତା ଓ ଜିଲ୍ଲା ଆର୍ଥିକ ସେବା ଓ ସଂଚୟ ବିଭାଗର କର୍ମକର୍ତ୍ତା ଓ ଡାକ ଏଜେଂଟମାନେ ସହାୟକ ହୋଇଛନ୍ତି ।

ଯାଜପୁର ଠାରେ ଶ୍ରୀ ଜଗନ୍ନାଥଙ୍କ ପ୍ରସିଦ୍ଧ ରଥଯାତ୍ରା-୨୦୨୬ ପାଇଁ ବିସ୍ତୃତ କାର୍ଯ୍ୟସୂଚୀ

ଯାଜପୁର, ୦୭/୦୭ (ଆ.ପ୍ର) : ଯାଜପୁର ଜିଲ୍ଲାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ବିଜେଙ୍କ ପ୍ରସିଦ୍ଧ ରଥଯାତ୍ରା-୨୦୨୬ ପାଳନ ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ଯାଜପୁର ଶ୍ରୀ ଜଗନ୍ନାଥ ଜୀଉ ଟ୍ରଷ୍ଟ ବୋର୍ଡ ପକ୍ଷରୁ ରଥଯାତ୍ରା ଉତ୍ସବର ଏକ ବିସ୍ତୃତ ସରକାରୀ କାର୍ଯ୍ୟସୂଚୀ ପ୍ରକାଶ କରାଯାଇଛି । ଶ୍ରୀ ଜଗନ୍ନାଥ ଜୀଉ ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟ ବୋର୍ଡ, ଯାଜପୁର ସୂଚନା ଅନୁଯାୟୀ, ଆସନ୍ତା ଜୁଲାଇ ୧୬ ତାରିଖ ଗୁରୁବାର ଦିନ ପବିତ୍ର ରଥଯାତ୍ରା (ଶ୍ରୀଗୁଣ୍ଡିଚା ଯାତ୍ରା) ଅନୁଷ୍ଠିତ ହେବ । ସେହିପରି ଜୁଲାଇ ୧୭ ତାରିଖରେ ରଥଟଣା ଏବଂ ଜୁଲାଇ ୨୪ ତାରିଖ ଶୁକ୍ରବାର ଦିନ ମହାପ୍ରଭୁଙ୍କ ବାହୁଡ଼ା ଯାତ୍ରା ପାଳନ କରାଯିବ ବୋଲି ସ୍ଥିର ହୋଇଛି । ସୂଚନା ଅନୁଯାୟୀ ଜୁଲାଇ ୧୬ ତାରିଖ ଉତ୍ସବର ପ୍ରଥମ ଦିନ ଅପରାହ୍ଣ ୬.୦୦ ଘଟିକା ଠାରୁ 'ଚେତନା ପରିଷଦ' ଆନୁକୂଲ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟ ପରିବେଷଣ ଓ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବ । ଏହାପରେ ତା ୧୭.୦୭.୨୦୨୬ ରିଖ ଦିନ ଅପରାହ୍ଣ ୪.୦୦ ଘଟିକା ଠାରୁ ଶ୍ରୀମନ୍ଦିରରୁ ମାଉସୀମା ମନ୍ଦିର ଅଭିମୁଖେ ମହାପ୍ରଭୁଙ୍କ ପବିତ୍ର ରଥଟଣା ଆରମ୍ଭ ହେବ । ରଥଯାତ୍ରାର ପରବର୍ତ୍ତୀ ଦୁଇ ଦିନ ଅର୍ଥାତ୍ ଜୁଲାଇ ୧୮ ଓ ୧୯ ତାରିଖ (ଶନିବାର ଓ ରବିବାର) ଯଥାକ୍ରମେ 'ଶ୍ରୀ ଜଗନ୍ନାଥ କଳା ବିକାଶ କେନ୍ଦ୍ର' ଏବଂ 'ଗୀତା ଜାଗରଣ ପରିଷଦ, ଯାଜପୁର' ପକ୍ଷରୁ ଭକ୍ତିପୂତ ଭଜନ ସମାରୋହର ଆୟୋଜନ କରାଯାଇଛି । ଉତ୍ସବର ପଂଚମ ଦିବସ ଅର୍ଥାତ୍ ଜୁଲାଇ ୨୦ ତାରିଖ ସୋମବାର ଦିନ ରାତି ୭:୩୦ ରୁ ୧୦:୦୦ ଟା ମଧ୍ୟରେ ମା' ଲକ୍ଷ୍ମୀଙ୍କ 'ହେରାପଂଚମୀ' ନୀତି ସମ୍ପାଦନ ହେବ । ଏହା ସହ ସେହିଦିନ ସନ୍ଧ୍ୟା ୬:୦୦ ଘଟିକାରୁ ରାତି ୧୦:୦୦ ଘଟିକା ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଜୁଲାଇ ୨୧ ତାରିଖ ମଙ୍ଗଳବାର ଦିନ ଶ୍ରୀ ଜଗନ୍ନାଥ ଜୀଉ ଟ୍ରଷ୍ଟ ବୋର୍ଡ ପକ୍ଷରୁ ମାଉସୀମା ମନ୍ଦିର ପ୍ରାଙ୍ଗଣରେ ସକାଳ ୭:୦୦ ଘଟିକାରୁ ସନ୍ଧ୍ୟା ୫:୦୦ ଟା ପର୍ଯ୍ୟନ୍ତ ଶ୍ରୀ ରାମଚରିତ ମାନସ ପାଠ କରାଯିବ ଏବଂ ଏହାପରେ ସନ୍ଧ୍ୟା ୬:୦୦ ଘଟିକାରୁ ରୁ ୧୦:୦୦ ଘଟିକା ମଧ୍ୟରେ ବିଶିଷ୍ଟ କଳାକାର ସତ୍ୟବ୍ରତ କର ଓ ସାଥୀଙ୍କ ଦ୍ୱାରା ପାରମ୍ପରିକ ପାଲା ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି । ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ସୂଚୀ ଅନୁଯାୟୀ, ଜୁଲାଇ ୨୨ ତାରିଖ ବୁଧବାର ସନ୍ଧ୍ୟା ୬:୦୦ ଘଟିକାରୁ ୧୦:୦୦ ଘଟିକା ମଧ୍ୟରେ ବିଶିଷ୍ଟ ଜଗନ୍ନାଥ ଭକ୍ତଙ୍କ ଜୀବନୀ ଉପରେ ଆଧାରିତ 'ଭକ୍ତ ସାଲବେଗ' ଗୀତିନାଟ୍ୟ ପରିବେଷଣ କରାଯିବ । ଜୁଲାଇ ୨୩ ତାରିଖ ଗୁରୁବାର ସନ୍ଧ୍ୟା ୬:୦୦ ଘଟିକାରୁ ୧୦:୦୦ ଘଟିକା ମଧ୍ୟରେ 'ଅନନ୍ୟା ସାହିତ୍ୟ ସଂସଦ ପରିଷଦ, ଯାଜପୁର' ଆନୁକୂଲ୍ୟରେ ଏକ ଭକ୍ତିମୟ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବ । ଶେଷରେ ଜୁଲାଇ ୨୪ ତାରିଖ ଶୁକ୍ରବାର ଅପରାହ୍ଣ ୪ ଘଟିକା ସମୟରୁ ମହାପ୍ରଭୁଙ୍କ ପବିତ୍ର 'ବାହୁଡ଼ା ଯାତ୍ରା' ଅନୁଷ୍ଠିତ ହେବ ଏବଂ ଏହି ଅବସରରେ ଭଜନ ପରିବେଷଣ କରାଯିବ । ଏହି ସମସ୍ତ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଓ ସଫଳ କରିବା ପାଇଁ ଯାଜପୁରର ସମସ୍ତ ଜନସାଧାରଣ ଓ ଜଗନ୍ନାଥ ପ୍ରେମୀଙ୍କୁ ଜଗନ୍ନାଥ ଜୀଉ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଆନ୍ତରିକ ସହଯୋଗ କରିବାକୁ ତହସିଲଦାର ତଥା ମ୍ୟାନେଜିଂ ଟ୍ରଷ୍ଟି, ଶ୍ରୀ ଜଗନ୍ନାଥ ଜୀଉ ଟ୍ରଷ୍ଟ ବୋର୍ଡ, ରବି ନାରାୟଣ ପାଢ଼ୀଙ୍କ ଦ୍ୱାରା ଅନୁରୋଧ କରାଯାଇଛି ।

୨୦୨୭ ଜନଗଣନା ଉପଲକ୍ଷେ ଜିଲ୍ଲା ଜନଗଣନା ପୁସ୍ତିକା ପ୍ରସ୍ତୁତି ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ପାରଳାଖେମୁଣ୍ଡି, ୦୭/୦୭ (ଆ.ପ୍ର) : ଆସନ୍ତା ୨୦୨୭ ଜନଗଣନାକୁ ସୁଚାରୁ, ସଠିକ୍ ଓ ସଫଳ ଭାବେ ସମ୍ପାଦନ କରିବା ସହିତ ଜିଲ୍ଲା ଜନଗଣନା ପୁସ୍ତିକା ପ୍ରସ୍ତୁତି ନିମନ୍ତେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ପ୍ରଶିକ୍ଷଣକୁ ଭୁବନେଶ୍ୱରରୁ ଆସିଥିବା ପ୍ରଶିକ୍ଷକ ଶ୍ରୀ ଅକ୍ଷୟ ଏବଂ ଶ୍ରୀ ଦତି ରମେଶ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ସେମାନେ ଜନଗଣନା ସମ୍ବନ୍ଧୀୟ ବିଭିନ୍ନ ପ୍ରକ୍ରିୟା ତଥ୍ୟ ସଂଗ୍ରହର ପଦ୍ଧତି, ଜିଲ୍ଲା ଜନଗଣନା ପୁସ୍ତିକା ପ୍ରସ୍ତୁତିର ମାନଦଣ୍ଡ ଏବଂ ସଠିକ୍ ତଥ୍ୟ ସଂକଳନର ଗୁରୁତ୍ୱ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ସେମାନେ ଅଂଶଗ୍ରହଣକାରୀ ଅଧିକାରୀମାନଙ୍କୁ ଜନଗଣନା କାର୍ଯ୍ୟକୁ ସଠିକ, ନିର୍ଭୁଲ ଓ ସମୟାନୁବର୍ତ୍ତୀ ଭାବେ ସମ୍ପାଦନ କରିବା ପାଇଁ ଆବଶ୍ୟକୀୟ ଦିଗଗୁଡ଼ିକ ଉପରେ ବିସ୍ତୃତ ପରାମର୍ଶ ପ୍ରଦାନ କରିଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସହକାରୀ ଜିଲ୍ଲାପାଳ ମଧୁଲିକା ପାତ୍ର, ନିର୍ବାହୀ ଅଧିକାରୀ ପୌର ପରିଷଦ ପାରଳାଖେମୁଣ୍ଡି ଲକ୍ଷ୍ମଣ କୁମାର ମୁର୍ମୁ ସମେତ ଜିଲ୍ଲାର ସମସ୍ତ ତହସିଲଦାର ଓ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିଥିଲେ । ଆଗାମୀ ୨୦୨୭ ଜନଗଣନା କାର୍ଯ୍ୟକୁ ନିର୍ଭୁଲ, ସ୍ୱଚ୍ଛ ଓ ଫଳପ୍ରଦ ଭାବେ ସମ୍ପାଦନ କରିବାରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସହାୟକ ସାବ୍ୟସ୍ତ ହେବ ବୋଲି ମତ ପ୍ରକାଶ କରାଯାଇଥିଲା ।

ଆରସିଡି ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ସାହିତ୍ୟ ଏକାଡେମୀର ଜିଲ୍ଲା ସ୍ତରୀୟ 'ସ୍ୱନକ୍ଷତ୍ର ଦିବସ' ପାଳିତ

ନବରଙ୍ଗପୁର, ୦୭/୦୭ (ଆ.ପ୍ର) : ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଏବଂ ଜିଲ୍ଲା ପ୍ରଶାସନର ସହଯୋଗରେ ସ୍ଥାନୀୟ ଆର୍.ସି.ଡି ଉଚ୍ଚ ବିଦ୍ୟାଳୟ ପରିସରରେ 'ସ୍ୱନକ୍ଷତ୍ର ଦିବସ ୨୦୨୬' ମହାସମାରୋହରେ ପାଳିତ ହୋଇଯାଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ବ୍ୟାପକ ପ୍ରଚାର ପ୍ରସାର ତଥା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହାର ଆଦୃତି ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି ଉପଲକ୍ଷେ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠିତ ପ୍ରତିଯୋଗିତା ଗୁଡ଼ିକ ମଧ୍ୟରେ: ନିବନ୍ଧ ଲେଖନ: ବିଷୟ - 'ସ୍ୱର୍ଣ୍ଣକ୍ଷେତ୍ର ଓ ଓଡ଼ିଆ ସାହିତ୍ୟ', ବକ୍ତୃତା ପ୍ରତିଯୋଗିତା: ବିଷୟ - 'ଓଡ଼ିଆ ଭାଷାର ଗୌରବ', କବିତା ଆବୃତି: ପ୍ରସିଦ୍ଧ ଓଡ଼ିଆ କବିମାନଙ୍କ ରଚନା ଉପରେ ଆଧାରିତ ସାଧାରଣ ଜ୍ଞାନ (କୁଇଜ୍): ଓଡ଼ିଆ ସାହିତ୍ୟ ଓ ଓଡ଼ିଶା ଇତିହାସ ଆଧାରିତ ଏହି ସାରସ୍ୱତ ସମାରୋହକୁ ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଘାସିଆ ହରିଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସେ ନିଜ ଅଭିଭାଷଣରେ ଓଡ଼ିଆ ଭାଷା ଓ ସାହିତ୍ୟର ସମୃଦ୍ଧ ଐତିହ୍ୟ ଉପରେ ଆଲୋକପାତ କରିବା ସହ ସାମ୍ପ୍ରତିକ ସମାଜରେ ଏହାର ମହତ୍ୱ ଏବଂ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ହେମାମଣି ବିଶୋଇ, ଜଗଦୀଶ ତ୍ରିପାଠୀ ଏବଂ ବିଜୟ ଚୌଧୁରୀ ପ୍ରମୁଖ ଯୋଗଦାନ କରି ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣାଦାୟୀ ବାର୍ତ୍ତା ପ୍ରଦାନ କରିଥିଲେ । ପ୍ରତିଯୋଗିତାର ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର କର୍ତ୍ତୃପକ୍ଷ ତଥା ଶିକ୍ଷକ ଶିକ୍ଷୟିତ୍ରୀ ବୃନ୍ଦ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ସୂଚନାଯୋଗ୍ୟ ଯେ, ଏହି ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଯେଉଁ କୃତୀ ପ୍ରତିଯୋଗୀମାନେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି, ସେମାନେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବାକୁଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । କାର୍ଯ୍ୟକ୍ରମର ଶେଷରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସତ୍ୟନାରାୟଣ ପ୍ରଧାନ ସମସ୍ତ ଅତିଥି, ଶିକ୍ଷକ ମଣ୍ଡଳୀ, ସାମ୍ବାଦିକ ଏବଂ ପ୍ରତିଯୋଗୀମାନଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ ।

ସେଇଠୁ ଆରମ୍ଭ

SEITHO ARAMBHA

OFFICE OF THE SUPERINTENDING ENGINEER, MINOR IRRIGATION DIVISION, BALASORE. 32001/510/2627

No. 2222 Dt. 03.07.2026

'e' Procurement Notice

BID IDENTIFICATION No. SEMIDBLS-03/2026-27

e-mail ID: mibalasore@yahoo.co.in

The Superintending Engineer, Minor Irrigation Division, Balasore on behalf of the Governor of Odisha invites online percentage rate tender through "e" procurement (Single cover) for the works as detailed in the Annexure to this bid notice.

Name of the work:	Improvement to Check Dams in different Blocks of Balasore District under Improvement to Check Dam Scheme for the year 2026-27. (Detail as Mentioned against Work in Annexure to Bid Notice)
No. of Works:	07 (Seven) Nos. only
Estimated Cost:	Varies from Rs.7.90 lakh to Rs.9.59 lakh (Approximately)
Cost of Tender Paper:	As Mentioned against Work in Annexure to Bid Notice
Period of Completion:	As Mentioned against Work in Annexure to Bid Notice
Availability of bid documents for sale and receipt through on-line	From dt. 08.07.2026, 10.00 A.M, to dt. 18.07.2026, up to 5.00 P.M.
Last date / time of receipt of bids in the portal	18.07.2026 (5.00PM)
Date of opening of technical bid through online	On dt. 20.07.2026 at 11.00 A.M in the Office of the S.E, M.I. Division, Balasore.
Mode of payment of Bid Cost	Online
Digital Signature Certificate of Bidder:	The Bidder must possess compatible digital signature certificate (DSC). Of class-II Or Class-III
The detail tender call notice can also be seen in the DOWR web site http:/dowrorissa.gov.in	
Name & Address of the OIT:	Superintending Engineer, Minor Irrigation Division, Balasore. At / P.O / District – Balasore. Ph. No / Fax No.-06762-224461, Email ID: mibalasore@yahoo.co.in
Further details can be seen from the e-market place web site ww.tendersodisha.gov.in/ District NIC Portal (baleswar.nic.in)	

Note: Corrigendum/ Addendum/ Modifications/ Additions if any can be seen through on-line only.

OIRP - 32001/32014/1/26-27/0003

Superintending Engineer
M.I. Division, Balasore.

୩୦ କୋଟି ଖର୍ଚ୍ଚ ପରେ ବି ଅନ୍ଧାରରେ ଅଛି ଚାନ୍ଦିପୁର ବିଚ୍ : ମେରାଇନ୍ ଡ୍ରାଇଭ୍ ପାଲଟିଛି ଘାସଜଙ୍ଗଲ

ବାଲେଶ୍ୱର, ୦୬/୦୭ (ଆ.ପ୍ର) : ତଟ ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ନାଁରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଲେ ମଧ୍ୟ ବାଲେଶ୍ୱର ଚାନ୍ଦିପୁର ବେଳାଭୂମିର ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି । ନିମ୍ନମାନର କାମ ଓ ରକ୍ଷଣାବେକ୍ଷଣ ଅଭାବରୁ ସରକାରୀ ପ୍ରକଳ୍ପ ଏବେ ଧ୍ୱଂସସାତ୍ ହୋଇଯାଇଛି । ପ୍ରାୟ ୨ କିମି ଦୈର୍ଘ୍ୟ ମେରାଇନ୍ ଡ୍ରାଇଭ୍ ରେ ଏବେ ପର୍ଯ୍ୟଟକଙ୍କ ପାଇଁ କିଛି ବି ନାହିଁ । ପଥର ବନ୍ଧ ନିର୍ମାଣ ହୋଇଥିଲେ ମଧ୍ୟ ସମଗ୍ର ସମୁଦ୍ର କୂଳ ଏବେ ଘାସବଣରେ ପରିଣତ ହୋଇଛି । ଅର୍ଦ୍ଧ ନିର୍ମିତ ମେରାଇନ୍ ଡ୍ରାଇଭ୍ ରାସ୍ତା ଏବେ ଜଙ୍ଗଲ ପାଲଟି ଯାଇଛି ଏବଂ ରାତିରେ ଉପକୂଳ ଅଂଚଳ ସମ୍ପୂର୍ଣ୍ଣ ଅନ୍ଧକାର ହୋଇଯାଉଛି । ଫଳରେ ସନ୍ଧ୍ୟା ପରେ ପର୍ଯ୍ୟଟକମାନେ ସେଠାକୁ ଯିବାକୁ ଭୟ କରୁଛନ୍ତି । କ'ଣ ଥିଲା ଯୋଜନା, କ'ଣ ହେଲା ସ୍ଥିତି କିଛି ବର୍ଷ ତଳେ ଜଳସେଚନ ବିଭାଗ ପକ୍ଷରୁ ପ୍ରାୟ ୩୦ କୋଟି ଟଙ୍କା ବ୍ୟୟରେ ଚାନ୍ଦିପୁରରେ ତଟ ସୁରକ୍ଷା କାମ ଆରମ୍ଭ ହୋଇଥିଲା । ୧.୭ କିମି ପଥର ବନ୍ଧ ଉପରେ ମେରାଇନ୍ ଡ୍ରାଇଭ୍, ପର୍ଯ୍ୟଟକଙ୍କ ବସିବା ବ୍ୟବସ୍ଥା, ଗାଡି ପାର୍କିଂ ଓ ସବୁଜୀକରଣର ଡିଜାଇନ୍ ପ୍ରସ୍ତୁତ ହୋଇଥିଲା । ୨୦୨୦ ମସିହାରେ କାମ ଆରମ୍ଭ ହୋଇଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ହୋଇ ପାରିନଥିଲା । ଯାହା କାମ ହୋଇଥିଲା ତାହା ମଧ୍ୟ ଏବେ ନଷ୍ଟ ହୋଇଗଲାଣି । ଅଧିକାଂଶ ସ୍ଥାନରେ ମେରାଇନ୍ ଡ୍ରାଇଭ୍ ଧସି ବଡ ବଡ ଗାତ ହୋଇଯାଇଛି । ପେଭର ବ୍ଲକ ଉପରେ ଘାସ ଓ ଛୋଟ ଗଛ ବଢି ସମ୍ପୂର୍ଣ୍ଣ ଜଙ୍ଗଲ ଭଳି ଦେଖା ଯାଉଛି । ପଥର ପ୍ୟାଚିଂ ମଧ୍ୟରେ ଫାଙ୍କ ଦେଖାଯାଉଛି । ପଥର ପଛପଟେ ପାଣି ଜମି ରହିବାରୁ ଚାରିପାଖ ଲୁଣା ଜମି ପରି ଲାଗୁଛି । ସମୁଦ୍ର କୂଳର ଶେଷ ଭାଗରେ ତ ପାଣି ବି ଦେଖାଯାଉନାହିଁ । ସ୍ଥାନୀୟ ବାସିନ୍ଦା ଓ ପର୍ଯ୍ୟଟନ-ନିର୍ଭର ବ୍ୟବସାୟୀମାନେ ଠିକାଦାରଙ୍କ ମନମାନି ଏବଂ ବିଭାଗୀୟ ଅଧିକାରୀଙ୍କ ଅବହେଳାକୁ ଦାୟୀ କରିଛନ୍ତି । କୋଟି କୋଟି ଟଙ୍କା ଖର୍ଚ୍ଚ ପରେ ବି ନା ଉପକୂଳ ସୁରକ୍ଷିତ ହୋଇପାରିଛି, ନା ଚାନ୍ଦିପୁରର ସୌନ୍ଦର୍ଯ୍ୟ ବଢିଛି । ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ ସହ ମେରାଇନ୍ ଡ୍ରାଇଭ୍‌ର ପୁନଃନିର୍ମାଣ ପାଇଁ ସେମାନେ ଦାବି କରିଛନ୍ତି । ଏନେଇ ପର୍ଯ୍ୟଟନ ଅଧିକାରୀ ଦାୟିତ୍ୱରେ ଥିବା ଅମ୍ଳାନ ନାୟକ କହିଛନ୍ତି, ପୂର୍ବରୁ ହୋଇଥିବା କାମ ଇରିଗେସନ୍ ବିଭାଗ କରିଥିଲା । ଏବେ ପର୍ଯ୍ୟଟନ ବିଭାଗକୁ ୧.୬୫ କୋଟି ଟଙ୍କାର ନୂଆ ପ୍ରକଳ୍ପ ଆସିଛି । ଏଥିରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ କାମ ହେବ । ଓଡିଶା କୋଷ୍ଟାଲ ଜୋନ୍ ମ୍ୟାନେଜମେଂଟ ଅଥୋରିଟିର ଅନୁମୋଦନ ପରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ । ଆର୍ ଆଣ୍ଡ ବି ବିଭାଗକୁ କାମ ଦିଆଯାଇଛି । ତେବେ ନୂଆ ପ୍ରକଳ୍ପ କେବେ ଆରମ୍ଭ ହେବ ଏବଂ ଚାନ୍ଦିପୁର ପୁଣି ତାର ପୂର୍ବ ରୂପ ଫେରିପାଇବ କି ନାହିଁ ତାକୁ ନେଇ ପର୍ଯ୍ୟଟକ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଶା ଓ ଆଶଙ୍କା ଲାଗି ରହିଛି ।

କୃଷ୍ଣଭକ୍ତ ସମଦର୍ଶୀ ଅଟେ: ପଣ୍ଡିତ ଗୋବର୍ଦ୍ଧନ ପ୍ରଧାନ

ନୀଳଗିରି, ୦୭/୦୭ (ଆ.ପ୍ର) : ସମଭାବାପନ୍ନ ଭାବ ଈଶ୍ୱରୀୟ କୃପା ଅଟେ । ତତ୍ତ୍ୱବାଦୀ ବ୍ୟକ୍ତି ଭୌତିକ ଦୋଷରୁ ମୁକ୍ତ ହୁଏ । ଉପାସନା ସ୍ତର ବ୍ୟକ୍ତିକୁ ସିଦ୍ଧସ୍ତରକୁ ଆଣେ । ବେଦ ଚମତ୍କାର ଜ୍ଞାନର ଉତ୍ସ ଅଟେ । ବେଦ ଅଧ୍ୟୟନର ମୂଳ ଲକ୍ଷ୍ୟ ହେଉଛି ତ୍ରିଗୁଣର ଉର୍ଦ୍ଧ୍ୱକୁ ଯିବା । ପାରମାର୍ଥିକ ସ୍ତରରେ ଆନନ୍ଦ ଓ ସୁଖ ଇଚ୍ଛିତ ନୁହେଁ । ଆନନ୍ଦ ବର୍ଜିତ ବ୍ୟକ୍ତି ତତ୍ତ୍ୱଜ୍ଞାନ ଲକ୍ଷସ୍ତରକୁ ଆସିପାରେ । ତ୍ରିଗୁଣ ଅଧୀନ ମନ ମତହସ୍ତୀ ତୁଲ୍ୟ ଅଟେ । ଦିବ୍ୟସ୍ତରକୁ ନ ଆସିଲେ ମାନବ ଜୀବନର ଲକ୍ଷ୍ୟ ସାଧନ ହୁଏ ନାହିଁ । ମନ ଭୌତିକ ଗୁଣରେ ଦୂଷିତ ହୋଇ ପୁନର୍ଜନ୍ମ ପାଏ । ମନ ପାପପୁଣ୍ୟର କର୍ମଫଳ ଭୋଗାଏ । କର୍ମ ପ୍ରକୃତି ଦ୍ୱାରା ସମ୍ପାଦିତ ହୁଏ । ଜୀବ ଭଗବାନଙ୍କୁ ଭୁଲିଯିବା ଯୋଗୁ ଭୂତ ପ୍ରକୃତିରେ ବନ୍ଧା । ଜୀବ ମନଦ୍ୱାରା ଭୌତିକ ସୁଖଦୁଃଖ ଅନୁଭବ କରେ । ଅସଂଜତ ମନ ଜୀବର ମହାନ ଶତ୍ରୁ ଅଟେ । ମନ ଉଭୟ ବନ୍ଧନ ଓ ମୁକ୍ତିର କାରଣ । ଭୌତିକ ଇନ୍ଦ୍ରିୟ ଭୋଗ କ୍ଳେଶ ଭୋଗ କରାଏ । ଭୌତିକ ଉପଭୋଗପ୍ରତି ଅନାସକ୍ତ ମୁକ୍ତିର କାରଣ ଅଟେ । କର୍ମଫଳ ସୁଖଦୁଃଖ ଭୋଗ କରାଏ । ପଣ୍ଡିତ ବ୍ୟକ୍ତି ଅଭିମାନ ଶୂନ୍ୟ ଅଟେ । କୃଷ୍ଣଭକ୍ତ ସମଦର୍ଶୀ ଅଟେ । ସର୍ବୋପରି ମାନବ ଜୀବନ ଭ୍ରାନ୍ତ ଧାରଣାକୁ ଦୂର କରିବା ନିମିତ୍ତ ଉଦିଷ୍ଟ ବୋଲି ସ୍ୱର୍ଣ୍ଣବୃତ୍ତ ସହିତ୍ୟ ପରିବାର ଦ୍ୱାରା ଆୟୋଜିତ ସାପ୍ତାହିକ ଶହେ ଛଅ ତମ ଭାଗବତ ପାଠଚକ୍ରର ପଂଚମ ସ୍କନ୍ଧର ଏକାଦଶ ଅଧ୍ୟାୟ ଆଲୋଚନା ପରିପ୍ରେକ୍ଷୀରେ ଆଲୋଚକ ଯାଜପୁରର ପଣ୍ଡିତ ଗାୟକ କଲ୍ଲୋଳ ପ୍ରଫୁଲ୍ଲ ଆଚାର୍ଯ୍ୟ ଓ ପଣ୍ଡିତ ଗୋବର୍ଦ୍ଧନ ପ୍ରଧାନ ପ୍ରକାଶ କରିଛନ୍ତି । ପ୍ରାରମ୍ଭରେ ପରିବାରର ବରିଷ୍ଠ ସଦସ୍ୟ ପଣ୍ଡିତ ନୀଳକଣ୍ଠ ତ୍ରିପାଠୀଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ ସମ୍ପାଦକ ଡ଼. ପ୍ରଦୀପ୍ତ କୁମାର ମିଶ୍ରଙ୍କ ସୁପୁତ୍ର ଶ୍ରୀମାନ ଯଜ୍ଞଦୀପ ମିଶ୍ର ଓଁକାର ଧ୍ୱନି ଗାନ କରିଥିବାବେଳେ ମୁମ୍ବାଇରୁ ପରିବାରର ସଦସ୍ୟ ଶ୍ରୀକାନ୍ତ ଘୋଡେଇ ସ୍ୱାଗତ ସଂଗୀତ ଗାନ କରିଥିଲେ । ଶେଷରେ କୁମାରୀ ସ୍ମିତିପ୍ରଜ୍ଞା ମହାନ୍ତି କୃତଜ୍ଞତା ପ୍ରଦାନ କରିଥିବାବେଳେ କେନ୍ଦୁଝର ସଦସ୍ୟ ଶିକ୍ଷାବିତ ରତିନାରାୟଣ ରାଉତ ଶାନ୍ତିମନ୍ତ୍ର ପାଠ କରିଥିଲେ । ଉକ୍ତ ଆସରରେ ବହୁ ଶ୍ରୋତା ଯୋଗଦାନକରି ଜଡ ଭରତ ପ୍ରସଙ୍ଗ ଶ୍ରବଣ କରିଥିଲେ ।

ଆତ୍ମହତ୍ୟା ଉଦ୍ୟମରୁ ମହିଳାଙ୍କୁ ବଂଚାଇ ଘରେ ପହଂଚାଇଲେ ଟ୍ରକ୍ ଡ୍ରାଇଭର୍

ବାଲେଶ୍ୱର, ୦୬/୦୭ (ଆ.ପ୍ର) : ମାନବିକତା ଓ ସାହସର ଏକ ବିରଳ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି ବାଲେଶ୍ୱର ଜିଲ୍ଲାର ଜଣେ ଟ୍ରକ୍ ଚାଳକ । ଫୁଲାଡ଼ି ନିକଟ ଜାତୀୟ ରାଜପଥ-୧୬ରେ ଚଳନ୍ତା ଟ୍ରକ୍ ସାମ୍ନାକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରୁଥିବା ଜଣେ ବିବାହିତାଙ୍କୁ ସେ ଶେଷ ମୁହୂର୍ତ୍ତରେ ଉଦ୍ଧାର କରିବା ସହ ନିଜ ଘରେ ଆଶ୍ରୟ ଦେଇ ସୁରକ୍ଷିତ ଭାବେ ତାଙ୍କ ପରିବାର ନିକଟରେ ପହଂଚାଇଛନ୍ତି । ଜଳେଶ୍ୱର ବ୍ଲକ୍ ଗୋବରଘାଟା ଗ୍ରାମର ମୃତ୍ୟୁଞ୍ଜୟ କୁମାର ଘୋଷ (୫୧) ଚଣ୍ଡିଖୋଲରୁ ପଥର ଚିପ୍ସ ବୋଝେଇ ଟ୍ରକ ଚଳାଇ ରାଜପଥରେ ଫେରୁଥିବା ବେଳେ ବିଳମ୍ବିତ ରାତିରେ ହଠାତ୍ ଜଣେ ମହିଳା ତାଙ୍କ ଟ୍ରକ୍ ସାମ୍ନାକୁ ଡେଇଁ ପଡ଼ିବାକୁ ଚେଷ୍ଟା କରିଥିଲେ । ତୁରନ୍ତ ବ୍ରେକ୍ ଲଗାଇ ସେ ଏକ ବଡ଼ ଅଘଟଣକୁ ଏଡ଼ାଇ ଦେଇଥିଲେ । ପରେ ମହିଳାଙ୍କୁ ଶାନ୍ତ କରାଇ କଥା ହେବାରୁ ଜଣା ପଡ଼ିଥିଲା ଯେ, ସେ ସ୍ୱାମୀ ଓ ଶ୍ୱଶୁର ଘର ଲୋକଙ୍କ ଦ୍ୱାରା ଦୀର୍ଘଦିନରୁ ନିର୍ଯ୍ୟାତନା ଭୋଗି ଅତିଷ୍ଠ ହୋଇପଡିବାରୁ ଘର ଛାଡ଼ି ଚାଲି ଆସିଥିଲେ । ନିରାଶାରେ ସେ ଅନ୍ୟ ଉପାୟ ନ ପାଇ ସେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିବା କଥା କହିଥିଲେ । ରାତି ଅଧରେ ତାଙ୍କୁ ଏକୁଟିଆ ଛାଡ଼ିଦେବା ନିରାପଦ ନୁହେଁ ଭାବି ଡ୍ରାଇଭର୍ ମୃତ୍ୟୁଞ୍ଜୟ ତାଙ୍କୁ ନିଜ ଘରକୁ ନେଇ ଆଶ୍ରୟ ଦେଇଥିଲେ । ପରଦିନ ପ୍ରବଳ ବର୍ଷା ହେଉଥିବାରୁ ସେ ରବିବାର ପର୍ଯ୍ୟନ୍ତ ସେଠାରେ ରହିଥିଲେ । ରବିବାର ଦିନ ମୃତ୍ୟୁଞ୍ଜୟ ମହିଳାଙ୍କ ମାମୁଁଙ୍କ ସହ ଯୋଗାଯୋଗ କରି ତାଙ୍କୁ ସୁରକ୍ଷିତ ଭାବେ ସମ୍ପର୍କୀୟଙ୍କ ଘରେ ପହଂଚାଇଥିଲେ । ପରେ ମହିଳାଙ୍କ ବାପା-ମାଆଙ୍କୁ ମଧ୍ୟ ସୂଚନା ଦିଆଯିବା ପରେ ପରିବାର ସହ ତାଙ୍କର ଭାବବିହ୍ୱଳ ପୁନର୍ମିଳନ ଘଟିଥିଲା । ଏହି ଘଟଣା ସମ୍ପର୍କରେ ଚାଳକ ମୃତ୍ୟୁଞ୍ଜୟ କହିଛନ୍ତି, 'ଜଣେ ଦାୟିତ୍ୱବାନ ନାଗରିକ ଭାବେ ଯାହା କରିବା କଥା, ମୁଁ କେବଳ ସେତିକି କରିଛି । ଗୋଟିଏ ଜୀବନ ବଂଚାଇବା ହିଁ ମୋର ପ୍ରଥମ କର୍ତ୍ତବ୍ୟ ଥିଲା ।' ଘଟଣା ସମ୍ପର୍କରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ଓ ସମାଜସେବୀ ସୁଜାତା ନାୟକଙ୍କୁ ଅବଗତ କରାଯିବା ପରେ ସେ ସଦର ଥାନା ପୁଲିସକୁ ସୂଚନା ଦେଇଥିଲେ । ମହିଳାଙ୍କ ଅଭିଯୋଗ ଆଧାରରେ ପୁଲିସ ତାଙ୍କ ସ୍ୱାମୀ ଓ ଶ୍ୱଶୁର ଘର ଲୋକଙ୍କୁ ପଚରାଉଚରା ପାଇଁ ଡାକିଥିବା ବେଳେ ଘଟଣାର ତଦନ୍ତ ଆରମ୍ଭ କରିଛି । ଟ୍ରକ୍ ଚାଳକ ମୃତ୍ୟୁଞ୍ଜୟ କୁମାର ଘୋଷଙ୍କ ଏହି ସମୟୋଚିତ ପଦକ୍ଷେପ ଓ ମାନବିକତାକୁ ସବୁଆଡୁ ପ୍ରଶଂସା କରାଯାଉଛି । ଅନେକେ ତାଙ୍କୁ ସମାଜ ପାଇଁ ଜଣେ ପ୍ରକୃତ ମାନବିକ ନାୟକ ବୋଲି ଅଭିହିତ କରିଛନ୍ତି ।

ବାଲେଶ୍ୱରରେ ଧୁମଧାମରେ ପାଳିତ ହେଲା ଜିଲ୍ଲାସ୍ତରୀୟ ବନ ମହୋତ୍ସବ

୫୦୦୦ ଚାରା ଲଗାଇବାର ଲକ୍ଷ୍ୟ ଧାର୍ଯ୍ୟ

ବାଲେଶ୍ୱର, ୦୬/୦୭ (ଆ.ପ୍ର) : ପରିବେଶ ସୁରକ୍ଷା ଏବଂ ଜିଲ୍ଲାର ସବୁଜିମା ବୃଦ୍ଧି ଲକ୍ଷ୍ୟରେ ଆଜି ବାଲେଶ୍ୱର ଜିଲ୍ଲା ବନ ବିଭାଗ ପକ୍ଷରୁ ସଦର ବ୍ଲକ୍ ଗୁଡୁ ପଂଚାୟତର ଶେଖପାଟଣା ଠାରେ ଜିଲ୍ଲାସ୍ତରୀୟ ବନ ମହୋତ୍ସବ - ୨୦୨୬ ମହାସମାରୋହ ପାଳିତ ହୋଇଯାଇଛି । ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏଥିରେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଏହି ଅବସରରେ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ଜିଲ୍ଲା ବନଖଣ୍ଡ ଅଧିକାରୀ ପ୍ରତୀକ ପ୍ରକାଶ ଇନ୍ଦଲକର, ଉପ-ଜିଲ୍ଲାପାଳ ଶିବ ମାଲବ୍ୟ, ପୂର୍ବତନ ମୁଖ୍ୟ ବନ ସଂରକ୍ଷକ ଦେବବ୍ରତ ସ୍ୱାଇଁ, ସହକାରୀ ବନ ସଂରକ୍ଷକ କଟିନି ସେଠି, ସରପଂଚ କମଳିନୀ ପାତ୍ର ଏବଂ ବନାଂଚଳ ଅଧିକାରୀ ମାନ୍ତୁଆର ଖାଁ ପ୍ରମୁଖ ଯୋଗଦେଇ ପରିବେଶ ସନ୍ତୁଳନ ପାଇଁ ବୃକ୍ଷରୋପଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଅତିଥିମାନେ କହିଲେ, 'ଆଗାମୀ ପିଢ଼ିକୁ ପ୍ରଦୂଷଣମୁକ୍ତ ପରିବେଶ ଦେବା ପାଇଁ ବୃକ୍ଷରୋପଣ ହିଁ ଏକମାତ୍ର ରାସ୍ତା । ପ୍ରତ୍ୟେକ ନାଗରିକ ଅତି କମରେ ଗୋଟିଏ ଗଛ ଲଗାଇ ତାର ଯତ୍ନ ନେବା ଆବଶ୍ୟକ' । କାର୍ଯ୍ୟକ୍ରମରେ ଅତିଥି, ବନ ବିଭାଗ ଅଧିକାରୀ, ଛାତ୍ରଛାତ୍ରୀ ଓ ସ୍ଥାନୀୟ ଲୋକଙ୍କ ଦ୍ୱାରା ଶେଖପାଟଣା ପରିସରରେ ପ୍ରାୟ ୨୦୦ଟି ମୂଲ୍ୟବାନ ବୃକ୍ଷ ଚାରା ରୋପଣ କରାଯାଇଥିଲା । ବନ ବିଭାଗ ପକ୍ଷରୁ ଆଗାମୀ ଗୋଟିଏ ସପ୍ତାହ ମଧ୍ୟରେ ଏହି ସ୍ଥାନରେ ମୋଟ ୫୦୦୦ ଚାରା ରୋପଣ କରିବା ପାଇଁ ବିଶେଷ ଯୋଜନା କରାଯାଇଛି । ଜିଲ୍ଲା ବନ ବିଭାଗ ଦ୍ୱାରା ଆୟୋଜିତ ଏହି ଉତ୍ସବରେ ବିଭାଗର ସମସ୍ତ କର୍ମଚାରୀଙ୍କ ସହ ବହୁ ସଂଖ୍ୟାରେ ଗ୍ରାମବାସୀ ସାମିଲ ହୋଇ ସବୁଜ ଓ ସୁନ୍ଦର ପରିବେଶ ଗଠନ ପାଇଁ ଶପଥ ଗ୍ରହଣ କରିଥିଲେ ।

ଭଦ୍ରକ ଜିଲ୍ଲାର ପାଂଚ ବିଧାନସଭା କ୍ଷେତ୍ରର ଏସଆଇଆର ଖସଡ଼ା ଭୋଟର ତାଲିକା ପ୍ରକାଶ

ଭଦ୍ରକ, ୦୭/୦୭ (ଆ.ପ୍ର) : ନିର୍ବାଚନ କମିଶନଙ୍କ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)-୨୦୨୬ କାର୍ଯ୍ୟକ୍ରମ ଅନୁସାରେ ଭଦ୍ରକ ଜିଲ୍ଲାର ସମସ୍ତ ପାଂଚଟି ବିଧାନସଭା କ୍ଷେତ୍ର ପାଇଁ ଖସଡ଼ା ଭୋଟର ତାଲିକା ପ୍ରକାଶ ପାଇଛି । ଏହା ସହ ଭୋଟରମାନଙ୍କୁ ନିଜ ନାମ ଓ ବିବରଣୀ ଯାଂଚ କରି ଆବଶ୍ୟକ ହେଲେ ଦାବି ଓ ଆପତ୍ତି ଦାଖଲ କରିବାକୁ ପ୍ରଶାସନ ପକ୍ଷରୁ ଆହ୍ୱାନ କରାଯାଇଛି । ରାଜ୍ୟବ୍ୟାପୀ ଧାରାବାହିକ କାର୍ଯ୍ୟକ୍ରମ ଅନୁସାରେ ଜୁଲାଇ ୫ରେ ଖସଡ଼ା ତାଲିକା ପ୍ରକାଶ ପାଇଥିଲା । ଜିଲ୍ଲାର ପ୍ରକାଶିତ ତଥ୍ୟ ଅନୁଯାୟୀ, ଭଦ୍ରକର ପାଂଚଟି ବିଧାନସଭା କ୍ଷେତ୍ରରେ ମୋଟ ୧୭୦୩ଟି ମତଦାନ କେନ୍ଦ୍ର ରହିଥିବାବେଳେ ୧୨,୮୪,୬୧୮ ଜଣ ମତଦାତା ଅନ୍ତର୍ଭୁକ୍ତ ଅଛନ୍ତି । ସେଥିମଧ୍ୟରୁ ୫,୫୦,୨୦୭ ଜଣ (୪୨.୮୩%) ସ୍ୱୟଂ ଯାଂଚ ମାଧ୍ୟମରେ ସତ୍ୟାପିତ ହୋଇଥିବାବେଳେ ୬,୨୭,୭୧୩ ଜଣ (୪୮.୮୬%) ପରିବାର ସଦସ୍ୟଙ୍କ ମାଧ୍ୟମରେ ମ୍ୟାପିଂ ହୋଇଛନ୍ତି । ୩୮,୩୬୧ ଜଣ (୨.୯୯%)ଙ୍କ ମ୍ୟାପିଂ ବାକି ଥିବାବେଳେ , ୬୮,୩୩୭ ଜଣ (୫.୩୨%) ଭୋଟର ବାଦ ପଡିଛନ୍ତି । ପ୍ରକାଶିତ ଖସଡ଼ା ତାଲିକାରେ ନାମ, ଠିକଣା କିମ୍ବା ଅନ୍ୟ କୌଣସି ତଥ୍ୟରେ ତ୍ରୁଟି ଥିଲେ କିମ୍ବା ସଂଶୋଧନ ଆବଶ୍ୟକ ହେଲେ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପର୍କିତ ବିଏଲଓ, ଇଆରଓ କାର୍ଯ୍ୟାଳୟ କିମ୍ବା ନିର୍ବାଚନ ବିଭାଗର ନିର୍ଦ୍ଧାରିତ ବ୍ୟବସ୍ଥା ମାଧ୍ୟମରେ ଦାବି ଓ ଆପତ୍ତି ଦାଖଲ କରିପାରିବେ । ଅଭିଯୋଗ ଓ ଦାବିର ସମାଧାନ ପରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ଖସଡ଼ା ଭୋଟର ତାଲିକା ଉପରେ ଦାବି ଓ ଆପତ୍ତି ଦାଖଲ ପାଇଁ ୫ ଜୁଲାଇରୁ ୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ସମୟ ନିର୍ଦ୍ଧାରଣ କରାଯାଇଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ଆବଶ୍ୟକ ଦଲିଲ ସହ ନିର୍ଦ୍ଧାରିତ ଫର୍ମରେ ଆବେଦନ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ କୁହାଯାଇଥିଲା ଯେ, ଯୋଗ୍ୟ ଭୋଟରଙ୍କ ନାମ ସାମିଲ ପାଇଁ ଫର୍ମ-୬, ମୃତ, ସ୍ଥାନାନ୍ତରିତ କିମ୍ବା ଅଯୋଗ୍ୟ ଭୋଟରଙ୍କ ନାମ ବାଦ ପାଇଁ ଫର୍ମ-୭ ଏବଂ ଭୋଟର ତାଲିକାରେ ସଂଶୋଧନ କିମ୍ବା ସମାନ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରେ ସ୍ଥାନାନ୍ତରଣ ପାଇଁ ଫର୍ମ-୮ ବ୍ୟବହାର କରାଯିବ । ରାଜନୈତିକ ଦଳର ପ୍ରତିନିଧିମାନେ ଭୋଟରମାନଙ୍କୁ ଏହି ଫର୍ମଗୁଡ଼ିକର ସଠିକ୍ ବ୍ୟବହାର ସମ୍ପର୍କରେ ସଚେତନ କରିବାକୁ ଅନୁରୋଧ କରାଯାଇଛି । ବୁଥ୍ ଲେଭେଲ୍ ଏଜେଂଟ ମାନଙ୍କୁ ଖସଡ଼ା ଭୋଟର ତାଲିକାର ଯାଂଚ, ବାଦ ପଡ଼ିଥିବା ଯୋଗ୍ୟ ଭୋଟରଙ୍କୁ ଚିହ୍ନଟ କରିବା, ଡୁପ୍ଲିକେଟ୍ ଓ ଅଯୋଗ୍ୟ ନାମ ସମ୍ପର୍କରେ ଅବଗତ କରାଇବା ସହ ବୁଥ୍ ଲେଭେଲ୍ ଅଫିସରଙ୍କ ସହ ସମନ୍ୱୟ ରକ୍ଷା କରିବାକୁ କୁହାଯାଇଛି । ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳମାନଙ୍କୁ ଖସଡ଼ା ଭୋଟର ତାଲିକାର ସଠିକ୍ ଯାଂଚ କରି ଛାଡ଼ିଯାଇଥିବା ନାମ, ତ୍ରୁଟିପୂର୍ଣ୍ଣ ବିବରଣୀ, ଡୁପ୍ଲିକେଟ୍ କିମ୍ବା ଅଯୋଗ୍ୟ ନାମ ସମ୍ପର୍କରେ ସମ୍ପୃକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ /ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କୁ ତୁରନ୍ତ ଅବଗତ କରାଇବାକୁ ଅନୁରୋଧ କରାଯାଇଛି । ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ ସମସ୍ତ ରାଜନୈତିକ ଦଳକୁ ପ୍ରତ୍ୟେକ ଯୋଗ୍ୟ ଭୋଟରଙ୍କ ସାମିଲ ଓ ଅଯୋଗ୍ୟ ନାମ ବାଦ ପ୍ରକ୍ରିୟାରେ ପୂର୍ଣ୍ଣ ସହଯୋଗ କରିବାକୁ ଆହ୍ୱାନ କରିଥିଲେ ।

ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ତୃତୀୟ ପୋଷ୍ୟ ଗ୍ରାମ ଭାବେ ମଚ୍ଛୁଆ ଗ୍ରାମକୁ ଗ୍ରହଣ

୨୮ତମ ପ୍ରତିଷ୍ଠା ଦିବସ ପୂର୍ବରୁ ବୃହତ୍ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୀଳଗିରି, ୦୭/୦୭ (ଆ.ପ୍ର) : ବନ ମହୋତ୍ସବ ସପ୍ତାହ ପାଳନ ଓ ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୮ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଚ୍ଛୁଆ ଗ୍ରାମରେ ଏକ ବୃହତ୍ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି ଅବସରରେ ଭାରତ ସରକାରଙ୍କ 'ଉନ୍ନତ ଭାରତ ଅଭିଯାନ' ଅଧୀନରେ ମଚ୍ଛୁଆ ଗ୍ରାମକୁ ବିଶ୍ୱବିଦ୍ୟାଳୟର ତୃତୀୟ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରାଯାଇଛି । ଏହାପୂର୍ବରୁ ବିଶ୍ୱବିଦ୍ୟାଳୟ ନୂଆପାଢ଼ୀ ଓ ମର୍ଦ୍ଦରାଜପୁର ଗ୍ରାମକୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରିଅଛି । ମଚ୍ଛୁଆ ଗ୍ରାମକୁ ସାମିଲ କରିବା ଫଳରେ ସ୍ଥାୟୀ ଗ୍ରାମୀଣ ବିକାଶ ଓ ସମାଜ ସହ ବିଶ୍ୱବିଦ୍ୟାଳୟର ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସେ ବିଶ୍ୱବିଦ୍ୟାଳୟର ଶିକ୍ଷାଗତ ଉତ୍କର୍ଷ ସହ ସାମାଜିକ ଦାୟିତ୍ୱବୋଧକୁ ସମାନ ଗୁରୁତ୍ୱ ଦେବାର ଦୃଷ୍ଟିଭଙ୍ଗୀକୁ ବ୍ୟକ୍ତ କରିଥିଲେ । ସେ କହିଥିଲେ ଯେ, ନିକଟ ଭବିଷ୍ୟତରେ 'ଉନ୍ନତ ଭାରତ ଅଭିଯାନ' ଅଧୀନରେ ଆଉ ଦୁଇଟି ଗ୍ରାମକୁ ପୋଷ୍ୟ ଗ୍ରାମ ଭାବେ ଗ୍ରହଣ କରି ସେଠାରେ ବିକାଶମୂଳକ କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରାଯିବ ଏବଂ ବିଶ୍ୱବିଦ୍ୟାଳୟ-ସମାଜ ସହଭାଗିତାକୁ ଆହୁରି ସୁଦୃଢ଼ କରାଯିବ । ମଚ୍ଛୁଆ ଗ୍ରାମର ସରପଂଚ ଓ ଗ୍ରାମବାସୀଙ୍କ ସକ୍ରିୟ ସହଯୋଗରେ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ଆୟୋଜିତ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ, ସ୍ୱେଚ୍ଛାସେବୀ ଏବଂ ଗ୍ରାମବାସୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ଗ୍ରାମର ବିଭିନ୍ନ ସ୍ଥାନରେ ଜାମୁ, ବେଲ, ନିମ୍ବ, କରଞ୍ଜ ଓ ପଣସ ପ୍ରଭୃତି ପରିବେଶ ଉପଯୋଗୀ ଏବଂ ଦେଶଜ ପ୍ରଜାତିର ସର୍ବମୋଟ ୧୨୦ଟି ଚାରାରୋପଣ କରାଯାଇଥିଲା । ପ୍ରତ୍ୟେକ ଚାରାର ସୁରକ୍ଷା ଓ ସୁସ୍ଥ ବିକାଶ ନିମନ୍ତେ ଧାତବ ସୁରକ୍ଷା ବେଷ୍ଟନୀ ସ୍ଥାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ନାତକୋତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲ, ଜାତୀୟ ସେବା ଯୋଜନାର ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ, କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ପ୍ରତିମା ପ୍ରଧାନ ଓ ସ୍ୱେଚ୍ଛାସେବୀମାନଙ୍କ ସମନ୍ୱୟରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଥିଲା । ପରିବେଶ ସଂରକ୍ଷଣ, ଗ୍ରାମୀଣ ସଶକ୍ତିକରଣ ଏବଂ ସ୍ଥାୟୀ ବିକାଶ ପ୍ରତି ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରୟାସର, ଏହି କାର୍ଯ୍ୟକ୍ରମ ଏକ ଉଜ୍ଜ୍ୱଳ ନିଦର୍ଶନ । ଏଥିସହିତ ସାମାଜିକ ସହଭାଗିତା ମାଧ୍ୟମରେ ସବୁଜ, ସମୃଦ୍ଧ ଓ ସମାବେଶୀ ଭବିଷ୍ୟତ ଗଠନ କରିବା ଦିଗରେ ବିଶ୍ୱବିଦ୍ୟାଳୟ ନିରନ୍ତର କାର୍ଯ୍ୟ କରିଆସୁଛି ।

ସେଇଠୁ
ଆରମ୍ଭ
SEITHO ARAMBHA
ବୁଧବାର, ୦୮ ଜୁଲାଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



ସମ୍ପାଦକୀୟ...

ଶୁଦ୍ଧତମ ବିଚାର

ଜୀବାତ୍ମା, ମନ, ଉଚ୍ଚ ମାନସିକ ଶକ୍ତି ସମୂହ, ଆତ୍ମା, ଶୁଦ୍ଧତମ ବିଚାର ଓ ଭାବନା ସମୂହର ନାମ । ଅଧ୍ୟାତ୍ମ ଇନ୍ଦ୍ରିୟ ସମୂହରୁ ପ୍ରାପ୍ତ ଜ୍ଞାନ, ସୁଖ ଏବଂ ଅନୁଭବର ଉର୍ଦ୍ଧ୍ୱେ । ଚେତନାର ଗୁଣାତ୍ମକ ମାନ ଅନୁସାରେ ବ୍ୟକ୍ତିର ବ୍ୟକ୍ତିତ୍ୱ ନିର୍ଭର କରେ । ଗୁଣ ଆଧାରରେ ମାନବୀୟ ଚେତନା ଦୈବୀ ବା ଆସୁରୀ ସଂସ୍କାର ସମ୍ପନ୍ନ ହୋଇଥାଏ । ଦୈବୀ ସମ୍ପ୍ରଦାୟର ବ୍ୟକ୍ତି ଆଧ୍ୟାତ୍ମିକ ଓ ଆସୁରୀ ସମ୍ପ୍ରଦାୟର ବ୍ୟକ୍ତି ଭୌତିକ ଚେତନାଯୁକ୍ତ । ଆତ୍ମା ବା ପରମାତ୍ମା ବିଷୟକ ବୌଦ୍ଧିକ ସଚେତନତା ହେଉଛି ଆଧ୍ୟାତ୍ମିକ ଚେତନା । ଆଧ୍ୟାତ୍ମିକ ସତାର ଅଧ୍ୟୟନ, ମନନ, ଚିନ୍ତନ ଏବଂ ଧ୍ୟାନ ଆଧ୍ୟାତ୍ମିକତାର ଅନ୍ତର୍ଭୁକ୍ତ । ଆଧ୍ୟାତ୍ମିକତା ଭୌତିକତାର ସମ୍ପୂର୍ଣ୍ଣ ବିପରୀତ । ଆଧ୍ୟାତ୍ମିକତା ଦ୍ୱାରା ବ୍ୟକ୍ତି ଇନ୍ଦ୍ରିୟ ସମୂହର ବନ୍ଧନରୁ ମୁକ୍ତ ହୁଏ ଏବଂ ନିଜକୁ ଏକ ଚୈତନ୍ୟ ସତା ଆତ୍ମା ରୂପେ ଅନୁଭବ କରେ । ଭୌତିକ ଚେତନା ଯୁକ୍ତ ବ୍ୟକ୍ତି କେବଳ ଇନ୍ଦ୍ରିୟଗମ୍ୟ ବିଷୟଗୁଡ଼ିକୁ ସତ୍ୟ ମଣନ୍ତି, ତାଙ୍କ ଅନୁସାରେ ଯାହା ଇନ୍ଦ୍ରିୟ ସମୂହର ଅଗମ୍ୟ ତାହା ଅସତ୍ୟ ଓ କାଳ୍ପନିକ । ଆଧ୍ୟାତ୍ମିକ ଶକ୍ତି ସଚ୍ଚରିତ୍ର, ସାଧୁତା, ସଚ୍ଚୋଟତା ଆଦି ମାନବୀୟ ଗୁଣଗୁଡ଼ିକର ବିକାଶ କରେ । ଭୌତିକତା ଏଗୁଡ଼ିକୁ କ୍ଷୀଣ କରେ । ଭୌତିକ ଚେତନାରେ ପ୍ରଭାବିତ ବ୍ୟକ୍ତି ନିଜକୁ ଏକ ଦେହ ବୋଲି ମନେ କରେ । ତାଙ୍କ ପାଇଁ ଅଦୃଶ୍ୟ ଆତ୍ମା ଏକ କାଳ୍ପନିକ ସ । ମାତ୍ର । ଦେହାଭିମାନ ମନୁଷ୍ୟ ମଧ୍ୟରେ ଅନେକ ଆନ୍ତରିକ ଦୋଷ ବା ମନୋବିକାର ସମୂହ ଉତ୍ପନ୍ନ କରାଏ । ଦେହାଭିମାନୀ ବ୍ୟକ୍ତି ଆଧ୍ୟାତ୍ମିକ ଶକ୍ତିହୀନ ହୋଇଥିବାରୁ ସେଗୁଡ଼ିକର ସମ୍ମୁଖୀନ ହେବାକୁ ଭୟ କରନ୍ତି । ଏଥିପାଇଁ ତାଙ୍କୁ କଠୋର ମାନସିକ ସଂଘର୍ଷ କରିବାକୁ ପଡ଼େ । ଏହା ତାଙ୍କ ପାଇଁ ଅନେକ ମନୋଦୈହିକ ବ୍ୟାଧିର କାରଣ ହୋଇଥାଏ । ଆତ୍ମା ଏକ ଆଧ୍ୟାତ୍ମିକ ସତା ହୋଇଥିବାରୁ ଶାନ୍ତି, ପବିତ୍ରତା, ପ୍ରେମ, ଆନନ୍ଦ, ଶକ୍ତି ଆଦି ଆଧ୍ୟାତ୍ମିକ ଗୁଣାବଳୀ ସମ୍ପନ୍ନ ଅଟେ । ଏଗୁଡ଼ିକ ଆତ୍ମାର ମୌଳିକ ଗୁଣାବଳୀ । ଆଧ୍ୟାତ୍ମିକ ସଶକ୍ତିକରଣ ବା ଆଧ୍ୟାତ୍ମିକ ଚେତନାର ବିକାଶ ଦ୍ୱାରା ବ୍ୟକ୍ତି ଆତ୍ମାର ଏହି ମୌଳିକ ଗୁଣାବଳୀ ଗୁଡ଼ିକୁ ଅନୁଭବ କରି ପାରେ । ଏହା ହେଉଛି ଆତ୍ମା ସଚେତନତା ଓ ବ୍ୟକ୍ତିର ଯଥାର୍ଥ ସ୍ୱରୂପ ବା ଆତ୍ମିକ ସ୍ୱରୂପ । ବ୍ୟକ୍ତି ଯେତେବେଳେ ନିଜର ମୌଳିକ ସ୍ୱରୂପରେ ସ୍ଥିତ ହୁଏ ସେତେବେଳେ ତା'ମଧ୍ୟରେ ସକାରାତ୍ମକ ଭାବର ଉଦୟ ହୁଏ ଓ ସେ ସତ୍ୟ ଓ ଅସତ୍ୟ ମଧ୍ୟରେ ଭେଦ ନିର୍ଣ୍ଣୟ କରିପାରେ ।

ମାନବାଧିକାର ଘେରରେ ମାନବିକତା

॥ ବିଭୁ ପ୍ରସାଦ ନାଥ ॥

ମାନବ ସମ୍ବଳ ଏକ ଗଣତାନ୍ତ୍ରିକ ରାଷ୍ଟ୍ରର ପ୍ରମୁଖ ସମ୍ବଳ । ମାନବାଧିକାର ଉପରେ ବିଚାର କଲେ ଗୋଟିଏ ବିଚାର ମନକୁ ଆସେ ଯେ ବ୍ୟକ୍ତିକୁ ନିଜର ମୌଳିକ ଅଧିକାର ଉପରେ ସୁରକ୍ଷା ଦେବା । ଇତିହାସ ସାକ୍ଷୀ ରହିଛି ଯେ ବିଗତ ବର୍ଷ ଗୁଡ଼ିକରେ ମାନବାଧିକାର ନାଁରେ ଏବଂ ବାକ୍ ସ୍ୱାଧୀନତାର ଆଳରେ ଅନେକ ଗୁଡ଼ିଏ ଅସମ୍ବିଧାନିକ କାର୍ଯ୍ୟକଳାପ ଦେଖିବାକୁ ମିଳୁଛି । ଯାହା ରାଷ୍ଟ୍ରୀୟ ସୁରକ୍ଷା ଏବଂ ମର୍ଯ୍ୟାଦାର ଉଲଂଘନ କରୁଥିବା ବେଳେ ଏହାକୁ ବିଭିନ୍ନ ରୂପରେ ଗ୍ରହଣ କରାଯାଉଛି । ଏଠି ପ୍ରଶ୍ନ ଉଠୁଛି ଗଣତନ୍ତ୍ରର ପ୍ରକୃତ ଉଦ୍ଦେଶ୍ୟ କଣ ରାଷ୍ଟ୍ରୀୟ ମର୍ଯ୍ୟାଦାର ଉଲଂଘନ କରିବା ? ଦୋଷୀକୁ ମାନବାଧିକାର ନାଁରେ ଦଣ୍ଡ ମୁକ୍ତ କରିବା ପାଇଁ ପ୍ରୟାସ କରିବା କେତେ ଦୂର ଠିକ୍ ? ବାକ୍ ସ୍ୱାଧୀନତା ନାଁରେ ଗଣତନ୍ତ୍ରର ହତ୍ୟା କରିବା କେତେ ଯୁକ୍ତି ଯୁକ୍ତ ?

ଜାତୀୟ ମାନବାଧିକାର କମିଶନ ବ୍ୟକ୍ତିର ମୌଳିକ ଅଧିକାରକୁ ସୁରକ୍ଷା ଦେବାକୁ ୨୮ ସେପ୍ଟେମ୍ବର ୧୯୯୩ରେ ଗଠନ କରାଯାଇ ଥିଲା । ଏହି ସଂସ୍ଥା ଗଣତନ୍ତ୍ରରେ ଗଣ ଅର୍ଥାତ୍ ଜନତାଙ୍କ ସାମାଜିକ ସୁରକ୍ଷା ଓ ସମ୍ମାନର ସହ ବଂଚିବା ପାଇଁ ସୁଯୋଗ ଦେଇଥାଏ । ଏହା ଗଣତନ୍ତ୍ରର ଏକ ଅନନ୍ୟ ପ୍ରତିଷ୍ଠାନ ଯାହାର ଭୂମିକା ପ୍ରତ୍ୟେକ ନିର୍ଯ୍ୟାତିତ ବ୍ୟକ୍ତି ଓ ବର୍ଗ ବିଶେଷଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ କିନ୍ତୁ ବର୍ତ୍ତମାନ ସମୟ ରେ ମାନବାଧିକାର ନାଁ ରେ ସମାଜରେ ଯେଉଁ ଭଳି ଭାବେ ଗଣତନ୍ତ୍ରର ଦୁରୁପଯୋଗ କରାଯାଉଛି ତାହା ପ୍ରକୃତରେ ଚିନ୍ତା ବଢ଼ାଇବାକୁ ଲାଗିଲାଣି ।

ଭାରତୀୟ ପରମ୍ପରାରେ ଧର୍ମ ନୁହେଁ ରାଷ୍ଟ୍ରକୁ ଅଗ୍ରାଧିକାର ଦିଆଯାଇଥାଏ । କିନ୍ତୁ କେତେ ଜଣ ଉଗ୍ର ମାନସିକତାର ବ୍ୟକ୍ତି ମାନେ ଦେଶର ସୁରକ୍ଷା ଓ ମର୍ଯ୍ୟାଦା କଥା ଚିନ୍ତା ନ କରି ଅନେକ ବିଭ୍ରାନ୍ତିକର ବୟାନ ଦେବାକୁ ପଛାନ୍ତି ନାହିଁ । ଭାରତ ପୃଥିବୀର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ହୋଇଥିଲା ବେଳେ ଆଜି କିଛି ଲୋକ ଏହାର ଶାସନ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛନ୍ତି । ବର୍ତ୍ତମାନର ଶାସନକୁ ଏକଛତ୍ରବାଦର ଆଖ୍ୟା ମଧ୍ୟ ଦେବାକୁ ଲାଗିଛନ୍ତି । କିନ୍ତୁ ପ୍ରକୃତରେ ଏହାର ଯଥାର୍ଥତା କେତେ ଏବଂ ଏହି ବୟାନରେ ସତ୍ୟତା କେତେ ତାହା ଭାରତର ୧୪୦ କୋଟି ଜନତାଙ୍କୁ ଠିକ୍ ଜଣା ।

ଭାରତ ରେ ମାନବାଧିକାର କ୍ଷୁର୍ଣ୍ଣ କରାଯିବାର ପ୍ରସଙ୍ଗ ଅନେକ ଥର ଜାତିସଂଘରେ ଉଠା ଯାଉଥିବା ବେଳେ ଋଷ ଏବଂ ୟୁକ୍ରେନ ଯୁଦ୍ଧରେ ସାଧାରଣ ଲୋକଙ୍କ ମୃତ୍ୟୁ ଉପରେ ସମସ୍ତେ ଚୁପ୍ । ଇସ୍ରାଏଲ ଓ ପାଲେଷ୍ଟାଇନ ଯୁଦ୍ଧରେ ହେଉଥିବା ନରସଂହାର ଉପରେ ସବୁ ପ୍ରଭାବଶାଳୀ ଦେଶ ଚୁପ୍ । ଆଜିର ଯୁଗରେ ପ୍ରତ୍ୟେକ ଦେଶ ନିଜର ବ୍ୟକ୍ତିଗତ ସ୍ୱାର୍ଥରେ ହିଁ ନିଜର ନିଷ୍ପତ୍ତି ନେବାକୁ ଚାହାଁନ୍ତି । ଋଷ ଏକ ପରମାଣୁ ସମ୍ପନ୍ନ ଦେଶ ହୋଇଥିବା ବେଳେ ଇସ୍ରାଏଲ ଏକ ପ୍ରଭାବଶାଳୀ ଦେଶ, ଯାହାର ବୈଷୟିକ ଜ୍ଞାନ ଆଜି ବିକଶିତ ଦେଶ ମାନଙ୍କ ଊର୍ଦ୍ଧ୍ୱ ରେ । ତେଣୁ ଆଜି ବ୍ୟକ୍ତିଗତ ସ୍ୱାର୍ଥରେ ବିକଶିତ ଦେଶ ଗୁଡ଼ିକ ଚୁପ୍ ।

ଅପରାଧିକ ମାମଲା ଗୁଡ଼ିକରେ ଲିପ୍ତ ଅପରାଧୀ ଯେତେବେଳେ ଅପରାଧ ଘଟାଇ ଥାଆନ୍ତି ସେତେବେଳେ ଅପର ପକ୍ଷରେ ମାନବାଧିକାର କଥା କେତେ ଜଣ ଚିନ୍ତା କରନ୍ତି ? କିନ୍ତୁ ଜେଲ୍ ଭିତରେ ଏବଂ ହାଜତରେରେ ମାନବାଧିକାର ହନନ୍ ହେବା ପ୍ରସଙ୍ଗ ସବୁ ବେଳେ ଚର୍ଚ୍ଚାକୁ ଆସିଥାଏ । ଯେଉଁ ବ୍ୟକ୍ତି ନିଜର ମାନବିକତାକୁ ଭୁଲି ଅନ୍ୟକୁ ସର୍ବହରା କରି ପାରେ ସେଭଳି ବ୍ୟକ୍ତିର ଅଧିକାର କଥା ଏତେ ଚିନ୍ତା କରାଯାଏ କାହିଁକି ତାହା ପ୍ରକୃତରେ ଆଶ୍ଚର୍ଯ୍ୟର କଥା । ମାନବୀୟ ମୂଲ୍ୟ ଓ ଗୁଣରୁ ଦୂର ରେ ଥିବା ଅସାମାଜିକ ତତ୍ତ୍ୱମାନେ କଣ ପ୍ରକୃତରେ ମୌଳିକ ଅଧିକାର ଓ ଏହାର ସୁରକ୍ଷା ପାଇବା ପାଇଁ ଯୋଗ୍ୟ? ଯଦି ନୁହେଁ ତାହେଲେ ସେମାନଙ୍କର ଅଧିକାରକୁ ଏତେ ପ୍ରାଧାନ୍ୟତା ଦିଆଯିବାର କଣ ଆବଶ୍ୟକତା ରହିଛି ?

ଜାତୀୟ ସ୍ତରରେ ଏବଂ ରାଜ୍ୟ ସ୍ତରରେ ଯେଉଁ ଅପରାଧିକ କାର୍ଯ୍ୟକଳାପ ଚିତ୍ର ଦେଖିବାକୁ ମିଳୁଛି ତାହା ପ୍ରକୃତରେ ହୃଦୟବିଦାରକ । ଅପରାଧୀ ମାନଙ୍କ ମାନସିକତା ଓ ସୌଜନ୍ୟତାକୁ ପରିଖିଲେ ସତରେ ଘୃଣା ଲାଗିଥାଏ । ବର୍ବର ହତ୍ୟା ଓ ଧର୍ଷଣ ଭଳି ଅପରାଧର ଅସାମୀ ମାନଙ୍କ ପାଇଁ ମାନବାଧିକାରର ମୂଲ୍ୟ କଣ ? ଏମାନଙ୍କୁ ତ ଏଭଳି ଦଣ୍ଡ ଦେବାର ଆବଶ୍ୟକତା ରହିଛି ଯାହାକୁ ଦେଖି ଅନ୍ୟ କେହି ବି ଏଭଳି ନୃଶଂସ କାର୍ଯ୍ୟ କରିବା ପାଇଁ ପ୍ରୟାସ କରିବେ ନାହିଁ । ଅପରାଧ ଉପରେ ମାନବାଧିକାର ଘାଆ ଉପରେ ମଲମ ପରି । ଯେଉଁ ବ୍ୟକ୍ତିର ସମାଜ ପ୍ରତି ଏତେ ଘୃଣା ଓ ଅବହେଳା ସେ ଭଳି ବ୍ୟକ୍ତିର ଅଧିକାର କଥା ଚିନ୍ତା କରିବା ବି ଉଚିତ୍ ନୁହେଁ । ଆଇନ୍ ଅନୁସାରେ ଦଣ୍ଡ ମିଳିବା ପର୍ଯ୍ୟନ୍ତ ସେମାନଙ୍କୁ କେବଳ ବଂଚି ରହିବାର ସୁଯୋଗ ମିଳିଲେ ହିଁ ଯଥେଷ୍ଟ । ଅତ୍ୟାବଶ୍ୟକ ସାମଗ୍ରୀ ଉପଲବ୍ଧ କରାଇ ସେମାନଙ୍କୁ ବଂଚି ରହିବାର ସ୍ୱଚ୍ଛ ସାଧନ ଯୋଗେଇ ଦେଲେ ହିଁ ଯଥେଷ୍ଟ । କିନ୍ତୁ ସେଠାରେ ବି ମାନବାଧିକାର ଏକ ପ୍ରମୁଖ ପ୍ରସଙ୍ଗ ପାଲଟି ଯାଉଛି । ସେମାନଙ୍କୁ ପ୍ରତ୍ୟେକ ମଣିଷ ମାନଙ୍କ ଭଳି ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ବେଳେ ବେଳେ ଦାବି କରାଯାଏ ପ୍ରକୃତରେ ଏହା କେତେ ଦୂର ଯୁକ୍ତିଯୁକ୍ତ ତାହା ଜାଣିବା ଦରକାର ।

ତେଣୁ ଆଜି ଭାବିବାର ସମୟ ଆସିଛି ମାନବାଧିକାର ଓ ସ୍ୱାଧୀନତା ନାଁରେ ଯେଉଁଭଳି ଭାବରେ ଅରାଜକତା ପରିସ୍ଥିତି ସୃଷ୍ଟି ହେବାକୁ ଲାଗିଛି ତାହା କଣ ଗଣତନ୍ତ୍ର ଶାସନର ମୂଳ ଉଦ୍ଦେଶ୍ୟ ? ବାକ୍ ସ୍ୱାଧୀନତା ନାଁରେ ରାଷ୍ଟ୍ରୀୟ ମର୍ଯ୍ୟାଦାର ଉଲଙ୍ଘନ କରିବା କେତେ ଯଥାର୍ଥ ତାହା ମଧ୍ୟ ଜାଣି ରଖିବା ଦରକାର । ମାନବିକତାକୁ ହଜାଇ ଦେଉଥିବା ବ୍ୟକ୍ତି ମାନଙ୍କ ପାଇଁ ମାନବାଧିକାର ଏକ ସୁରକ୍ଷାର ବଳୟ ତିଆରି କରୁନାହିଁ ତ ? ଆତଙ୍କବାଦୀ ମାନଙ୍କ ହତ୍ୟାର କଳାଚିଠା ହାତରେ ଥାଇ ମଧ୍ୟ ଯେଉଁଠି ମାନବାଧିକାର ଦୁହାଇ ଦେଇ ଆତଙ୍କବାଦୀଙ୍କୁ ନିର୍ଦ୍ଦୋଷ ରେ ଖଲାସ କରାଇବା ପାଇଁ ରାତି ଅଧରେ ସୁପ୍ରିମକୋର୍ଟରେ ପହଂଚା ଯାଇପାରେ ସେଠି ମାନବିକତାର ମୂଲ୍ୟ ନିର୍ଦ୍ଧାରଣ କରିବା ଅସମ୍ଭବ । ଜାତୀୟ ସଂହତି ଓ ସୁରକ୍ଷା କଥା ନ ଭାବି ଯେତେବେଳେ ଗଣତନ୍ତ୍ର ଉପରେ ପ୍ରଶ୍ନବାଚୀ ସୃଷ୍ଟି କରାଯାଉଛି ଏହାକୁ ବଳ ଅନ୍ୟ ପକ୍ଷରେ ମାନବାଧିକାର ଦେଉ ନାହିଁ ତ ? ଆନ୍ତର୍ଜାତିକ ଓ ଜାତୀୟ ସ୍ତରରେ ଦେଶ ବିରୋଧୀ ମନ୍ତବ୍ୟ ଦେବା ପାଇଁ ସାହାସ ମାନବାଧିକାର ଦେଉ ନାହିଁ ତ ? ଆଜି ଦେଶରେ ଅରାଜକତାର ମୂଳ କାରଣ ଦେଶ ବିରୋଧୀ ତତ୍ତ୍ୱ କେବଳ ସାମୟିକ ପ୍ରତିଷ୍ଠା ଲୋଭରେ ଦେଶ ବିରୋଧୀ ହେବା ପାଇଁ ମଧ୍ୟ ପ୍ରସ୍ତୁତ । ଆମେରିକା ଭଳି ଦେଶ ମାନବାଧିକାରର ଡିଣ୍ଡିମ ପିଟୁଥିବା ବେଳେ ସେଠାକାର ସମାନାଧିକାର ଆଇନ୍ ପ୍ରଣୟନ କେବେ ହେଲା ତାହା ସମସ୍ତେ ଜାଣିବା ଦରକାର୍ । ଅତଏବ "ସର୍ବେ ଭବନ୍ତୁ ସୁଖିନ" ଓ "ବସୁଧୈବ କୁଟୁମ୍ବକମ୍" ର ସିଦ୍ଧାନ୍ତକୁ ପାଥେୟ କରି ବଂଚୁଥିବା ଦେଶ ଭାରତ ପାଇଁ ମାନବାଧିକାରର ଶିକ୍ଷା ଗ୍ରହଣ କରିବା ପାଇଁ ଉପଦେଶ ଦିଆଯିବା ପ୍ରକୃତରେ ହାସ୍ୟାସ୍ପଦ । ମାନବାଧିକାର ଆଳରେ ମାନବିକତାର ହନନ୍ କରିବା ପାଇଁ ଯେଉଁଭଳି ଭାବରେ ଚେଷ୍ଟା ଚାଲିଛି ତାହା ଉପରେ ରୋକ୍ ଲାଗିବାର ଆବଶ୍ୟକତା ରହିଛି ।

ଭୁବନେଶ୍ୱର
ମୋ:-୭୮୫୫୯୭୯୬୨୦

ନିରାପଦ ଓ ବୈଧ ଗର୍ଭପାତ

॥ ଡାକ୍ତର ଶୁଭଶ୍ରୀ ମିଶ୍ର ॥

ଯେଉଁ ଏକଲା ରହୁଥିବା ଓ ଅବିବାହିତା ମହିଳାମାନଙ୍କର ଗର୍ଭଧାରଣ ୨୦ରୁ ୨୪ ସପ୍ତାହ ମଧ୍ୟରେ ରହିଛି, ସେମାନେ ସପ୍ତାହକ ଭିତରେ ନିରାପଦ ଓ ଆଇନଗତ ଗର୍ଭପାତ କରିପାରିବେ ବୋଲି ଅନୁମତି ଦେଇ ସୁପ୍ରିମକୋର୍ଟ ମହିଳାଙ୍କର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ନିଷ୍ପତ୍ତି ଶୁଣାଇଛନ୍ତି । ଜଷ୍ଟିସ ଡି.ୱାଇ.ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଓ ତାଙ୍କର ଏକ ବେଂଚ ୧୯୭୧ରୁ ପ୍ରଣୀତ ଗର୍ଭନଷ୍ଟ ଆଇନାରେ ଗର୍ଭପାତ ଚାହୁଁଥିବା ବିବାହିତା ମହିଳା ଓ ଅନ୍ୟ ମାନଙ୍କ ମଧ୍ୟରେ ରହିଥିବା ଅସତ୍ୟ ପାର୍ଥକ୍ୟକୁ ହଟାଇ ଦେଇଛନ୍ତି । ୫୧ ବର୍ଷର ଉପରୋକ୍ତ ଆଇନରେ ଅବିବାହିତା ମହିଳାମାନେ ଆଇନଗତ ପଦ୍ଧତିରେ ୨୪ ସପ୍ତାହର ଗର୍ଭଧାରଣକୁ ବି ଗର୍ଭପାତ କରିଆରେ ଭାଙ୍ଗିବା ପାଇଁ ଅନୁମତି ନଥିଲା । ତଦ୍ୱାରା ଉକ୍ତ ଆଇନ ଡାକ୍ତରୀ ପଦ୍ଧତିରେ ଗର୍ଭପାତ ଲାଗି ଏକ ଅବାସ୍ତବ ତଥା ନିନ୍ଦା ଦୋହରା ବ୍ୟବସ୍ଥା ବିବାହିତା ମହିଳା ଓ ଅନ୍ୟ ମାନଙ୍କ ମଧ୍ୟରେ ସୃଷ୍ଟି କରିଥିଲା । ଦୁର୍ଭାଗ୍ୟର ବିଷୟ ଯେ, ଆମର ସାମାଜିକ ବ୍ୟବସ୍ଥାରେ ରହି ଆସିଥିବା ପୁରୁଣାକାଳିଆ ଚିନ୍ତାଧାରା ଯେ କେବଳ ବିବାହ ପରେ ହିଁ ଗର୍ଭଧାରଣ ସମ୍ଭବ ତାକୁ ଏହାଦ୍ୱାରା ଆଇନଗତ ମୋହର ଦିଆଯାଇଥିଲା । ସମୟ ବଦଳିବା ସାଙ୍ଗକୁ ମହିଳାଙ୍କର ବ୍ୟକ୍ତିଗତ ସ୍ୱାଧୀନତା ବଢି ଆସିଥିବା ଦୃଷ୍ଟିଭଙ୍ଗୀକୁ ବଦଳାଇ ସାରିଲାଣି । ସେ ଯାହା ହେଉ ପରିଶେଷରେ ସର୍ବୋଚ୍ଚ ନ୍ୟାୟାଳୟ ଏହି ପ୍ରସଙ୍ଗ ବାସ୍ତବବାଦୀ ଆଭିମୁଖ୍ୟ ନେଇଛନ୍ତି ।

୧୯୭୧ରେ ଉପରୋକ୍ତ ଆଇନ ଏକଲା ବା ଅବିବାହିତା ଗର୍ଭବତୀ ମହିଳାଙ୍କର ବାଧ୍ୟତାମୂଳକ ଗର୍ଭପାତ ବିରୋଧରେ ଯାଇଥିଲା । ଏଣୁ ସେମାନେ ବେଆଇନ ଭାବରେ ଲୁଚାଇ ଗର୍ଭପାତ କରୁଥିଲେ ଯାହା ନିରାପଦ ନଥିଲା । ତଦ୍ୱାରା ସେମାନଙ୍କର ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହେଉଥିଲା । ବେଆଇନ ଗର୍ଭପାତକୁ ନେଇ ଅନେକ ଡାକ୍ତର, ଘରୋଇ କ୍ଲିନିକ ଓ ସ୍ୱାସ୍ଥ୍ୟକର୍ମୀ ଅଧିକ ଅର୍ଥ ରୋଜଗାର କରୁଥିଲେ । କାରଣ ଅବିବାହିତା ଯୁବତୀ ବା ଏକଲା ରହୁଥିବା ମହିଳା ଗର୍ଭପାତ କରାଇଲେ ବଦନାମର ଆଶଙ୍କା ବଢ଼ିଥାଏ । ଭାରତୀୟ ସମାଜରେ ଏହା ଏକ ବଡ଼ ସମସ୍ୟା । ମହିଳାଙ୍କର ପ୍ରଜନନ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅପ୍ରିୟ ସତ କଥା ହେଲା ଏକଲା ଓ ଅବିବାହିତା ମହିଳା ଅନେକ ସମୟରେ କମ ବୟସରେ ଗର୍ଭଧାରଣ କରିଥାନ୍ତି । ଯାହା ପୁରୁଷବନ୍ଧୁଙ୍କ ସହ ସମ୍ପର୍କ ଯୋଗୁଁ ଇଚ୍ଛା ବିରୋଧରେ ମଧ୍ୟ ହୋଇଥାଏ । ସେମାନଙ୍କ ପାଇଁ ଆଇନଗତ ନିରାପଦ ଗର୍ଭପାତ ବ୍ୟବସ୍ଥା ଆବଶ୍ୟକ । ନଚେତ ପରବର୍ତ୍ତୀ କାଳରେ ଏହି ମହିଳାମାନେ କେବଳ ଯେ ସ୍ୱାସ୍ଥ୍ୟ ସମସ୍ୟା ଭୋଗିବେ ତାହା ନୁହେଁ ଅନ୍ୟାନ୍ୟ ଅପ୍ରୀତିକର ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇପାରେ । ଏବେ ସେମାନେ ବୈଧ ଗର୍ଭପାତର ସ୍ୱାଧୀନତା ସୁପ୍ରିମକୋର୍ଟଙ୍କ ଦ୍ୱାରା ପାଇଛନ୍ତି । କିନ୍ତୁ ତାର ଅର୍ଥ ନୁହେଁ ଯେ ତଳସ୍ତରରେ ପରିସ୍ଥିତି ସେମାନଙ୍କ ପାଇଁ ହଠାତ ଅନୁକୂଳ ହୋଇଯିବ । ପ୍ରଜନନ ସ୍ୱାସ୍ଥ୍ୟସେବା ଉଦ୍ୟୋଗ ବିଶେଷ ଭାବରେ ଗର୍ଭପାତ କ୍ଲିନିକ ଗୁଡ଼ିକରେ କାମ କରୁଥିବା ମେଡ଼ିକାଲ ଷ୍ଟାଫ ଯଥା ଡାକ୍ତର ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମଚାରୀ ଉପରୋକ୍ତ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ସମ୍ପର୍କରେ ସଚେତନ ହେବା ଦରକାର । ଆଇନ ଅନୁସାରେ ବିବାହ ଓ ଗର୍ଭଧାରଣ ମଧ୍ୟରେ ଆଉ କୌଣସି ସମ୍ପର୍କ ନାହିଁ ବୋଲି ସେମାନେ ସମସ୍ତେ ବୁଝି ତଦନୁସାରେ ଗର୍ଭପାତ ଲାଗି ଆସୁଥିବା ମହିଳା ମାନଙ୍କୁ ଉପଯୁକ୍ତ ସେବା ଯୋଗାଇବା ଆବଶ୍ୟକ । ଜଷ୍ଟିସ ଚନ୍ଦ୍ରଚୂଡ଼ ରାୟରେ ସମ୍ବିଧାନର ୨୧ ଓ ୧୪ ଧାରାକୁ ଉଲ୍ଲେଖ କରିଥିବାରୁ ପ୍ରଜନନ ସ୍ୱାଧୀନତାର ବିଚାରଧାରା ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିଷ୍ପତ୍ତିରେ ପ୍ରକଟିତ ହୋଇଛି । ଏହାକୁ ଭାରତ ପରି ବିକାଶଶୀଳ ଦେଶରୁ ସମୃଦ୍ଧ ବିଶ୍ୱର ଶ୍ରେଷ୍ଠ ପ୍ରତିନିଧି ଆମେରିକା ଶିକ୍ଷଣୀୟ ସନ୍ଦେଶ ଭାବେ ନେବା କଥା । କାରଣ ଗତ ଜୁନ ମାସରେ ଆମେରିକାର ସର୍ବୋଚ୍ଚ ନ୍ୟାୟାଳୟ ସେଠାକାର ମହିଳାଙ୍କର ଗର୍ଭପାତ ଅଧିକାର ଓ ସ୍ୱାଧୀନତାକୁ ନେଇଯାଇଛନ୍ତି । ଯଦିଓ ଆମେରିକାରେ ୧୯୭୩ରେ ସେଠାରେ ଯୁଗାନ୍ତକାରୀ ରୋ ବନାମ ଓ୍ୱେଡ଼ରାୟରେ ଗର୍ଭପାତକୁ ଆଇନଗତ ସ୍ୱୀକୃତି ଦିଆଯାଇଥିଲା କିନ୍ତୁ ଏବେ ଉକ୍ତ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସେହି ପ୍ରଗତିଶୀଳ ରାୟକୁ ଅସିଦ୍ଧ କରିଦେଇଛନ୍ତି । ତଦ୍ୱାରା ଆମେରିକୀୟ ମହିଳାମାନେ ସେମାନଙ୍କ ଗର୍ଭଧାରଣକୁ ରଖିବେ ନା ଭାଙ୍ଗି ଦେବେ ସେହି ସ୍ୱାଧୀନତା ସେମାନେ ହରାଇଛନ୍ତି । ୧୯୭୦ ଦଶକରେ ବିଶ୍ୱବ୍ୟାପୀ ନାରୀ ଆନ୍ଦୋଳନ ସହ ଗଢ଼ି ଉଠିଥିଲା ଯେଉଁଥିରେ ମହିଳାମାନେ ନିଜ ଶରୀର ଉପରେ ସମ୍ପୂର୍ଣ୍ଣ କର୍ତ୍ତୃତ୍ୱ ଦାବି କରିଥିଲେ । ଭାରତୀୟ ନ୍ୟାୟପାଳିକା ଏହି ସ୍ୱାଧୀନତାକୁ ସମ୍ପ୍ରସାରିତ କରିଥିବାବେଳେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ସେ କ୍ଷେତ୍ରରେ ପଛକୁ ଚାଲିଯାଇଛି । ଭାରତରେ ପ୍ରକୃତରେ ୧୯୭୧ରୁ ଗର୍ଭପାତକୁ ଆଇନଗତ ସ୍ୱୀକୃତି ଦିଆଯାଇଛି । ତଦନୁସାରେ ସବୁ ମହିଳା ରେଜିଷ୍ଟ୍ରିଭୁକ୍ତ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଗର୍ଭଧାରଣର ୨୦ ସପ୍ତାହ ମଧ୍ୟରେ ଗର୍ଭପାତ କରିପାରିବା କଥା । ଗତବର୍ଷ ଆଇନର ସଂଶୋଧନ କରାଯାଇ ଏହି ସମୟ ସୀମାକୁ ୨୪ ସପ୍ତାହ ବଢ଼ାଯାଇଥିଲା । କିନ୍ତୁ ଏହା କେବଳ ବିବାହିତା ମହିଳା ଛାଡ଼ପତ୍ର ପାଇଥିବା ନାରୀ, ବିଧବା, ନାବାଳିକା, ଅକର୍ମଣ୍ୟ ଓ ମାନସିକ ଅସୁସ୍ଥ ମହିଳା, ଯେଉଁମାନଙ୍କର ଭ୍ରୂଣରେ ଗୁରୁତର ଅନିୟମିତତା ରହିଛି ଏବଂ ଯେଉଁମାନେ ଯୌନ ଆକ୍ରମଣ ଓ ଦୁଷ୍କର୍ମରୁ ଗର୍ଭବତୀ ହୋଇଛନ୍ତି ଯେ, ଯେଉଁ ଅବିବାହିତା ମହିଳା ସ୍ୱେଚ୍ଛାରେ କାହା ସହ ସମ୍ପର୍କ ରଖିଥିଲେ ସେ ମଧ୍ୟ ପ୍ରଜନନ ସ୍ୱାଧୀନତାର ଅଧିକାର ପାଇବାକୁ ହକଦାର । ଦାମ୍ପତ୍ୟ ଦୁଷ୍କର୍ମକୁ ନେଇ ବିବାଦ ଉଠିଥିଲେ ମଧ୍ୟ ଏଯାଏ ତାକୁ ଦେଶରେ ଅପରାଧ ବୋଲି ଧରାଯାଇନାହିଁ । କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟଙ୍କର ଏବେକାର ନ୍ୟାୟରେ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା ଗର୍ଭପାତ ଆଇନ ଅଧିନରେ ଦୁଷ୍କର୍ମର ସଂଜ୍ଞାରେ ଦାମ୍ପତ୍ୟ ଦର୍ଶନକୁ ବି ଅନ୍ତର୍ଭୁକ୍ତ କରାଯିବା ଉଚିତ । ଦୁଷ୍କର୍ମରୁ ବଂଚିଥିବା ମହିଳାଙ୍କ ପରି ଯେଉଁ ନାରୀମାନେ ନିଜ ଇଚ୍ଛା ବିରୋଧରେ ସ୍ୱାମୀଙ୍କ ଠାରୁ ଗର୍ଭଧାରଣ କରିଛନ୍ତି ସେମାନେ ମଧ୍ୟ ଯୌନ ପୀଡ଼ିତାଙ୍କ ଶ୍ରେଣୀରେ ସାମିଲ ହେବାକଥା ବୋଲି କୋର୍ଟ କହିଛନ୍ତି । ସମଗ୍ର ରାୟଟି ସ୍ୱାଗତଯୋଗ୍ୟ ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ,
ମୋ- ୯୮୬୧୪୬୩୪୦୬,

ଜଗନ୍ନାଥଙ୍କ ସହ ଦିନଟିଏ

॥ ଅନୀତା ପଟ୍ଟନାୟକ ॥

ପଦ୍ମପାଦ ମୋର ଗୋଟିଏ ଅବୋଧ ଶିଶୁ ଥିଲା । ସେ ମୋ ସହିତ କୁଆଡ଼େ ବୁଲିଗଲେ ଭାରି ଖୁସି ହୁଏ । ତାର ଅସୁମାରି ପ୍ରଶ୍ନର ଉତ୍ତର ଦେବା ପାଇଁ ସେ ମୋ ଉପରେ ନିର୍ଭର କରୁଥିଲା । ମୁଁ ମଧ୍ୟ ତାର କୌତୁହଳ ଜିଜ୍ଞାସାଭାବକୁ କେବେ ଅବଜ୍ଞା କରୁନଥିଲି । ଥରେ ମୁଁ ଓ ପଦ୍ମପାଦ ଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ପୁରୀ ଗଲୁ । ସେ ଲୋକମାନେ ପ୍ରାର୍ଥନା କରୁଥିବା ଦେଖି ଅଭିଭୂତ ହୋଇ ପଡୁଥିଲା । ସେ ମୋତେ କହିଲା ମା ପ୍ରାର୍ଥନା କ'ଣ ଜଗନ୍ନାଥଙ୍କ ନିକଟରେ ଜଣେ ଭକ୍ତକୁ 'ଦୀନ ଆବେଦନକାରୀ' କରିଦିଏ ? ପଦ୍ମପାଦ ଦେଖିଲା ମନ୍ଦିର ଭିତରେ କିଛି କିଛି ଲୋକ ଆଖିବୁଜି ଧ୍ୟାନ କରୁଛନ୍ତି । ସେ ମତେ ପଚାରିଲା 'ଧ୍ୟାନ କ'ଣ ଜଗନ୍ନାଥଙ୍କୁ ଆମ ନିକଟକୁ ଟାଣି ଆଣି ତାଙ୍କ ସ୍ତରକୁ ଉଭିତ କରିବାକୁ ପ୍ରବର୍ତ୍ତାଏ । ଧ୍ୟାନ ଦ୍ୱାରା ଜଗନ୍ନାଥ କ'ଣ ଭକ୍ତଙ୍କ ସହ ଏକତ୍ରିତ ହୁଅନ୍ତି ।

ମୁଁ ଉତ୍ତରରେ ପଦ୍ମପାଦକୁ ବୁଝାଇ କହିଥିଲି ଆମର ସମସ୍ତ ଆବେଦନ ଜଗନ୍ନାଥଙ୍କ ପାଦପଦ୍ମେ କରିବା ଉଚିତ । ସେ ଜାଣନ୍ତି ଆମ ପାଇଁ କଣ ଉଚିତ ବା ଅନୁଚିତ ସେହି ଅନୁଯାୟୀ ଆମର ଆବେଦନ ଗୁଡ଼ିକୁ ପରଖି ପ୍ରେମର ସହିତ ତାହା ପ୍ରଦାନ କରିଥାନ୍ତି । ପଦ୍ମପାଦ କହିଲା ଆମ ଘରେ କାନ୍ଥରେ ଜଗନ୍ନାଥଙ୍କ ଫଟୋ ଟଙ୍ଗା ଯାଇଛି । ମୋର ଅନେକ ସାଙ୍ଗଙ୍କ ଘରେ ମଧ୍ୟ ମୁଁ ଜଗନ୍ନାଥଙ୍କ ଫଟୋ ଟଙ୍ଗା ଯାଇଥିବା ଦେଖିଛି । ଜଗନ୍ନାଥଙ୍କ ଫଟୋକୁ କାହିଁକି ଟଙ୍ଗାହୁଏ । ମୁଁ ତାକୁ କହିଲି ତୁମେ ଧ୍ୟାନ କଲେ ଜଗନ୍ନାଥ ତୁମ ନିକଟକୁ ଟାଣି ହୋଇ ଆସିବେ । ଗୋଟିଏ ଛାପାଖାନାରେ କାଗଜ ଉପରେ ଛପାଯାଇଥିବା ଛବିଟିକୁ ଯେମିତି କାଗଜରୁ ଅଲଗା କରିହୁଏ ନାହିଁ ସେହିପରି ଜଗନ୍ନାଥଙ୍କ ଛବିଟି ତୋ ହୃଦୟରେ ଆଙ୍କି ହୋଇଗଲେ ତାକୁ ହୃଦୟରୁ ଅଲଗା କରି ହେବନାହିଁ । ମୁଁ ଭାବୁଛି ବୋଧହୁଏ ଏହି ଉଦ୍ଦେଶ୍ୟ ରଖି ଭକ୍ତମାନେ ଜଗନ୍ନାଥଙ୍କ ଛବିକୁ ନିଜ ନିଜ ଘରେ ଟାଙ୍ଗି ଥାନ୍ତି ।

ପଦ୍ମପାଦ ପଚାରିଲା ଜଗନ୍ନାଥଙ୍କର ବାର ମାସରେ ତେର ଯାତ୍ରା କାହିଁକି ? ଏତେ ପର୍ବପର୍ବାଣୀ ଏତେ ଶୁଭଦିନ ଏତେ ଓଷାବ୍ରତ, ରୀତିନୀତି, ରଥଯାତ୍ରା କାହିଁକି କରାଯାଏ ? ମୁଁ କହିଲି ତୋର ଭଉଣୀ ଶୁଭଶ୍ରୀର ବାହାଘର ବେଳେ ନିମନ୍ତ୍ରଣ ପଠାଯାଇଥିଲା । ବାଜା ବଜାଯାଇଥିଲା ସୁନ୍ଦର ସଜା ଯାଇଥିଲା । ଅତିଥି ମାନଙ୍କୁ ଭୋଜନ ଦିଆଯାଇଥିଲା । ଏସବୁ କରାଯାଇଥିଲା କାରଣ ବରକନ୍ୟାଙ୍କ ବିବାହରେ ବହୁ ସାକ୍ଷୀ ସଂଗ୍ରହ କରାଯାଇଥାଏ । ସେହିପରି ପର୍ବପର୍ବାଣୀ ପ୍ରଭୃତି ଆତ୍ମା ସହ ପରମାତ୍ମାଙ୍କର ଏକ ବିବାହ ଉତ୍ସବ ସଦୃଶ ଯେଉଁଥିରେ କି ତାଙ୍କର ଆଶୀର୍ବାଦ ଲାଭ କରିବା ସମ୍ଭବ ହୋଇଥାଏ । ଉତ୍ସବ ଗୁଡ଼ିକର ମୂଳନୀତି ଅତି ସରଳ । ଏଥିରେ ଆତ୍ମା ଜାଣିବ ସେ ହିଁ ପରମାତ୍ମା ମାୟାଧୀନ ହୋଇ ଭକ୍ତ ଭାବେ ସେ ଭଗବାନଙ୍କ ଠାରୁ ଅଲଗା କିନ୍ତୁ ପ୍ରକୃତରେ ସବୁ ଏକ ତାହା ହିଁ ସମ + ଧି ଅବସ୍ଥା । ବା ସବୁ ସମାନ । ଏହା ଚେତନାର ସମଦୃଷ୍ଟି ।

ତୁମେ ଆମ ଘର କାନ୍ଥରେ ଟଙ୍ଗା ହୋଇଥିବା ଜଗନ୍ନାଥଙ୍କ ଫଟୋ ନିକଟରେ ସବୁବେଳେ ପ୍ରାର୍ଥନା କରୁଛ ଯେ ଜଗନ୍ନାଥ ତୁମ ଦୁଃଖ ଜାଣୁ ନାହାଁନ୍ତି, କିନ୍ତୁ ତୁମେ କେବେ ଫଟୋ ନିକଟରେ ପ୍ରାର୍ଥନା କରିଛ କି ତୁମେ କରୁଥିବା ଭୁଲ ଗୁଡ଼ିକ ସେ କାହିଁକି ଜାଣୁ ନାହାଁନ୍ତି ? ସେ ଗୁଡ଼ିକ ତାଙ୍କ ପାଖରେ କାହିଁକି ଲୁଚାଇବାକୁ ଚାହିଁ ଥାଅ । ଜଗନ୍ନାଥଙ୍କ ଫଟୋ କାନ୍ଥରେ ସଜାଯାଇ ଯଦି ଫଟୋରେ ଭଉ ଧରିଯାଏ ତାହା ଯେପରି ଧୀରେ ଧୀରେ ଭାଙ୍ଗି ଖସିପଡ଼େ ସେହିପରି ତୁମେ କରୁଥିବା ଭୁଲ ଗୁଡ଼ିକୁ ଯଦି ଫଟୋ ପାଖରେ ଲୁଚାଇବାକୁ ଚେଷ୍ଟା କର, ତେବେ ଜଗନ୍ନାଥ ତୁମକୁ ଆଶୀର୍ବାଦ କରିପାରିବେ ନାହିଁ । ତେଣୁ ଭିତରକୁ ଟାଣ କରିବା ଦରକାର । ବାହାରର ଚାକଚକ୍ୟ ଦରକାର ନାହିଁ ।

ପଦ୍ମପାଦ ପଚାରିଲା ଯଦି ଜଗନ୍ନାଥ ପରମାତ୍ମା ଓ ଆମେ ଆତ୍ମା ଆମେ ଏହା ବୁଝି ପାରୁନୁ କାହିଁକି ? ମୁଁ ତାକୁ କହିଲି ଯେଉଁ ଦିନ ତୁ ବାପାଙ୍କ ସହ ନନ୍ଦନକାନନ ବୁଲି ଯାଇଥିଲୁ ବାପା କହିଥିଲେ ସେ ଦିନ ତୁ ବନ୍ୟଜନ୍ତୁ ସଂରକ୍ଷିତ ଅରଣ୍ୟ ଭିତରକୁ ଯାଇ ହାତୀ ପିଠିରେ ବସି କୁଆଡ଼େ ହାତୀ ଖୋଜୁଥିଲୁ । ସେହିପରି ପଥଭ୍ରଷ୍ଟ ମନୁଷ୍ୟ ନିଜେ ଭଗବାନ ହୋଇ ଭଗବାନଙ୍କ ଚିତ୍ରକୁ ନିଜ ହୃଦୟରେ ନ ଆଙ୍କି ଚାରିଆଡ଼େ ଭଗବାନଙ୍କୁ ଖୋଜିବୁଲେ । ଆଜି ଏକ ସୁନ୍ଦର ଦିନ ମଙ୍ଗଳବାର । ପଦ୍ମପାଦ ପଚାରିଲା ଏ ଦିବସର ନାମ ଏପରି କାହିଁକି ରଖାଯାଇଛି ମୁଁ କହିଲି କାରଣ ଏହି ଦିନ ହନୁମାନ ସୀତାଙ୍କୁ ଭେଟି ତାଙ୍କୁ ଉଦ୍ଧାର କରିବାକୁ ରାମ ଆସୁଛନ୍ତି ବୋଲି ଏହି ମଙ୍ଗଳ ସମ୍ବାଦ ଦେଇଥିଲେ । ଏଥିରେ ଖୁସି ହୋଇ ସୀତା କହିଥିଲେ ଆଜି ଠାରୁ ଏହି ଦିନକୁ ମଙ୍ଗଳବାର କୁହାଯିବ । ଆଜି ଦିନଟି ମଧ୍ୟ ସପ୍ତାହର ସେହି ଦିନ ଯେଉଁ ଦିନ ପ୍ରଚଣ୍ଡ ଦୁଷ୍ଟଶକ୍ତି ରାବଣ ରାମଙ୍କ ଦ୍ୱାରା ନିହତ ହୋଇଥିଲା । ଚାଲ ଆମେ ଦୁହେଁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିବା ସେ ଆମକୁ ଆଶୀର୍ବାଦ କରନ୍ତୁ । ଆମ ଉପରେ ତାଙ୍କର କୃପାଦୃଷ୍ଟି ରହୁ ଯେପରି ଆମେ ଆମ ଭିତରେ ଥିବା ଦୁଷ୍ଟଶକ୍ତିକୁ ପରାହତ କରି ଜଗନ୍ନାଥଙ୍କର ନିକଟତର ହେବା ।

କଟକ,
ମୋ-୯୬୯୨୯୮୦୦୨୬

ଆମ କଟକ ସରକାରୀ ପ୍ରେସ୍

॥ ବିପିନ ବିହାରୀ ରାଉତ ॥

ଆଜିର ମୁଦ୍ରଣ ଯୁଗରେ ଅନେକ ବେସରକାରୀ ପ୍ରେସ କଟକ ସହରରେ ରହିଛି । ଓଡ଼ିଶାର ପୁସ୍ତକ ବା ପତ୍ରପତ୍ରିକା ପ୍ରକାଶ ନିମିତ୍ତ ଛାପା କାରଖାନା ବା ପ୍ରେସ କଟକ ସହରରେ ଅନେକ ରହିଛି । ଅନେକ ଅତ୍ୟାଧୁନିକ ପ୍ରେସ ମଧ୍ୟ ରହିଛି ତେବେ ରାଜ୍ୟର ଅନ୍ୟତମ ପ୍ରମୁଖ ସରକାରୀ ପ୍ରେସ ମଧୁପାଟଣାରେ ଅବସ୍ଥିତ । ମଧୁପାଟଣାସ୍ଥିତ ଓଡ଼ିଶା ସରକାରୀ ମୁଦ୍ରଣାଳୟ ଓଡ଼ିଶା ଗଭର୍ଣ୍ଣମେଣ୍ଟ ପ୍ରେସ୍‌ରେ ସମସ୍ତ ସରକାରୀ କାଗଜପତ୍ର ସମେତ ଅନେକ ପୁସ୍ତକ ଏଠାରେ ପ୍ରସ୍ତୁତି ହୋଇଥାଏ । ଏଠାରେ ସୂଚନା ଥାଉକି ୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ପରେ ବିହାରରୁ ସରକାରୀ ପ୍ରେସ୍ ଅଲଗା ହୋଇ କଟକକୁ ଉଠିଆସିଥିଲା । ସିଟି ହସ୍ପିଟାଲ ଠାରେ ସରକାରୀ ପ୍ରେସ୍ ସହିତ ରାଜ୍ୟ ସଚିବାଳୟ ସ୍ଥାପିତ ହେଲା । ସେତେବେଳେ ପ୍ରେସ୍‌ରେ ମାତ୍ର ଦୁଇଟି ହ୍ୟାଣ୍ଡ ପ୍ରେସ ମେସିନ୍ ସହିତ ଅଳ୍ପ କିଛି ଯନ୍ତ୍ରପାତି ଥିଲା । ସେ ସମୟରେ ବିହାରର ନିଜାମୁଦ୍ଦିନ୍ ନାମକ ବ୍ୟକ୍ତି ସେକ୍ସନ ହୋଲଡର ଓ ଜଣେ ଅଙ୍ଗ୍ଲୋଇଣ୍ଡିଆନ ମିଷ୍ଟର ମନି ଓଭରସିୟର ଭାବେ କାର୍ଯ୍ୟ କରୁଥିଲେ । ଏହା ସହିତ ଅଳ୍ପ ସଂଖ୍ୟକ ଓଡ଼ିଆ କର୍ମଚାରୀ ଥିଲେ । କିନ୍ତୁ ଅନେକ କାଗଜପତ୍ର ବିହାରରେ ଛପା ହେଉଥିଲା । ପରେ ସିଟି ହସ୍ପିଟାଲରୁ ସରକାରୀ ପ୍ରେସ୍ ବାରବାଟୀ ଷ୍ଟାଡିୟମ ପାଖ ପୁରୁଣା ସଚିବାଳୟକୁ ଉଠିଗଲା । ପରେ ପୁଣି ବକ୍ସିବଜାରସ୍ଥିତ ପୁରୁଣା ବନ୍ଦୋବସ୍ତ ଅଫିସ ପାଖକୁ ପ୍ରେସ୍ ଉଠିଲା ।

କିନ୍ତୁ ୧୯୪୦ ବେଳକୁ ପ୍ରେସର ଭାଗ୍ୟ ବଦଳିଗଲା । ବିଲାତରୁ ମୁଦ୍ରଣ ଶିକ୍ଷା ଗ୍ରହଣ କରିଥିବା ସାମୁଏଲ ହୁଦା ଖାନ୍ ପ୍ରେସ୍ ସୁପରିଟେଣ୍ଡେଣ୍ଟ ଦାୟିତ୍ୱ ନେବା ପରେ ଏହାର ପ୍ରଗତି ହୋଇଥିଲା । ଶ୍ରୀ ଖାନ୍ ଦାୟିତ୍ୱ ନେବା ପରେ ସବୁ ସରକାରୀ ଫର୍ମ ଓଡ଼ିଶାରେ ଛପା ହେଲା । ଶ୍ରୀ ଖାନ୍ ପ୍ରେସରେ ଯୁବକମାନଙ୍କୁ ପ୍ରଶିକ୍ଷଣ ଦେବା ଆରମ୍ଭ କଲେ । ୧୯୫୫ରେ ତାଲିମ୍ ସ୍କୁଲ ପ୍ରତିଷ୍ଠା ହେଲା । ଅଧିକ ସ୍ଥାନର ଆବଶ୍ୟକ ହେବାରୁ ୧୯୬୦ରେ ମଧୁପାଟଣା ଠାରେ ୪୪ ଏକର ଜମି ଚିହ୍ନଟ ହେଲା । ୧୯୬୦ରେ ନୂଆ ସ୍ଥାନରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ବକ୍ସିବଜାରରୁ ପ୍ରେସ୍ ସ୍ଥାନାନ୍ତର ଆରମ୍ଭ ହେଲା । ୧୯୭୬ରେ ମଧୁପାଟଣାକୁ ସରକାରୀ ପ୍ରେସ୍ ସଂପୂର୍ଣ୍ଣ ଉଠି ଆସିଲା । ୧୯୬୧ ମସିହାରେ ପ୍ରଥମ କରି ସରକାରୀ ପ୍ରେସ୍‌ରେ ଭୋଟ ବାଲାଟ୍ ଛପା ହୋଇଥିଲା । ୧୯୬୨ରେ ସୀସା ଅକ୍ଷର ତିଆରି ହୋଇ ସୁନ୍ଦର ଅକ୍ଷର ଛପା ଆରମ୍ଭ ହେଲା । ୧୯୬୪ରେ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ ଛପା ଆରମ୍ଭ ହେଲା । ୧୯୬୯ରେ ତାରକସି କାମର ରଙ୍ଗିନ କ୍ୟାଟାଲଗ୍ ପ୍ରସ୍ତୁତି ହେଲା । ଏହା ଫଳରେ କଟକ ତାରକସୀ ପ୍ରସ୍ତୁତି କାମ ସାରା ଦେଶରେ ଲୋକପ୍ରିୟତା ଅର୍ଜନ କରିଥିଲା । ପ୍ରେସ୍ ପରିସରରେ ୨୦୦ କ୍ୱାର୍ଟର, କ୍ଲବ, ଫୁଟବଲ ଦଳ ଆଦି ତିଆରି ହୋଇ ପ୍ରେସର କାର୍ଯ୍ୟ ପରିସର ବୃଦ୍ଧି ପାଇଲା । ସରକାରୀ ପ୍ରେସ୍‌ରେ ୧୯୮୧ରେ ଭାରତୀୟ ସମ୍ବିଧାନକୁ ଓଡ଼ିଆ ଭାଷାରେ ଛପା ହେଲା । ସରକାରଙ୍କ ନିର୍ଭରଯୋଗ୍ୟ ଛପା କାରଖାନା ଭାବେ ଏହି ପ୍ରେସର ସ୍ୱତନ୍ତ୍ର ପରିଚିତ ଓ ସମ୍ମାନ ରହିଛି । ବିଶେଷକରି ଏଠାରେ ନୂଆ ବର୍ଷର ଡାଏରୀ ଓ କ୍ୟାଲେଣ୍ଡର ଛପା ହେଉଥିବାରୁ ନିର୍ଦ୍ଦିଷ୍ଟ ନିୟମ ଓ ସମୟ ଅନୁଯାୟୀ ସାଧାରଣ ଲୋକମାନେ ଏଠାରେ ତାହାକୁ କିଣିବାର ସୁଯୋଗ ପାଇଥାନ୍ତି ।

ଶ୍ରୀବିହାର କଲୋନୀ, କଟକ,
ମୋ- ୯୪୩୭୬୬୬୪୫୩,

ସେଇଠୁ ଆରମ୍ଭ
SEITHO ARAMBHA
ବୁଧବାର, ୦୮ ଜୁଲାଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ୪୬ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ

ପୁରୀ, ୦୭/୦୭ (ଆ.ପ୍ର) : ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀବିହାର, ପୁରୀର ୪୬ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ଦିନ ବିଶ୍ୱବିଦ୍ୟାଳୟ ସଭାଗୃହରେ ମହାସମାରୋହରେ ପାଳିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ଓଡ଼ିଶାର ମହାମହିମ ରାଜ୍ୟପାଳ ଡ. ହରିବାବୁ କମ୍ଭମପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂସ୍କୃତ ଭାଷାର ବିଶ୍ୱବ୍ୟାପୀ ଗୁରୁତ୍ୱ, ଭାରତୀୟ ଜ୍ଞାନପରମ୍ପରାରେ ଏହାର ଅବଦାନ ଓ ସଂସ୍କୃତକୁ ସମସ୍ତ ଭାଷାର ଜନନୀ ବୋଲି କହି ଉଦବୋଧନ ଦେଇଥିଲେ । ସେ ରାମାୟଣ ଓ ମହାଭାରତରେ ବର୍ଣ୍ଣିତ ବ୍ରହ୍ମାସ୍ତ୍ର, ପୁଷ୍ପକ ବିମାନ ଭଳି ବିଭିନ୍ନ ବୈଜ୍ଞାନିକ ଓ ରହସ୍ୟମୟ ଧାରଣା ସଂସ୍କୃତ ସାହିତ୍ୟରେ ନିହିତ ରହିଥିବା ବିଷୟରେ ଆଲୋକପାତ କରିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହ ବିଶ୍ୱବିଦ୍ୟାଳୟର ଗୌରବମୟ ପରମ୍ପରା, ଶିକ୍ଷା, ଗବେଷଣା ଓ ସଂସ୍କୃତ ଭାଷାର ପ୍ରସାରରେ ଏହାର ଅବଦାନ ସମ୍ପର୍କରେ ଉପସ୍ଥାପନା କରିଥିଲେ । ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ମଂଚରେ ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର ପୂର୍ବତନ କାର୍ଯ୍ୟବାହୀ କୁଳପତି ପ୍ରଫେସର ଦତ୍ତାତ୍ରେୟ ମୂର୍ତ୍ତି ଏବଂ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ଉପସ୍ଥିତ ରହି ନିଜ ମତାମତ ପ୍ରକାଶ କରିଥିଲେ । ଏହି ଅବସରରେ ସର୍ବଦର୍ଶନ ବିଭାଗର ଅବସରପ୍ରାପ୍ତ ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଅବସରପ୍ରାପ୍ତ ଅଣଶିକ୍ଷକ କର୍ମଚାରୀ ହରିହର ପ୍ରଧାନ, ଶୋଭାବତୀ ମାନସିଂହ, ସୁବର୍ଣ୍ଣା ମାରାଣ୍ଡି, ସୁରେନ୍ଦ୍ର ବିଶୋଇ ଏବଂ ଜଗନ୍ନାଥ ପାତ୍ରଙ୍କୁ କୁଳାଧିପତି ସମ୍ମାନିତ କରିଥିଲେ । କୁଳାଧିପତିଙ୍କ କରକମଳରେ ବିଶ୍ୱବିଦ୍ୟାଳୟର ମୁଖପତ୍ର 'ଶ୍ରୀବିହାରଭାରତୀ' ଏବଂ ଗବେଷଣା ପତ୍ରିକା 'ଜଗନ୍ନାଥଜ୍ୟୋତିଃ' ଉନ୍ମୋଚିତ ହୋଇଥିଲା । ଏହି ଅବସରରେ ବିଭିନ୍ନ ବିଭାଗର ମେଧାବୀ ଛାତ୍ରଛାତ୍ରୀଙ୍କୁ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମେଧାବୀ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା । ଜ୍ୟୋତିର୍ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀଙ୍କୁ ପ୍ରଦୀପ କୁମାର ଦାସ ଓ ପ୍ରେମମଞ୍ଜରୀ ଦେବୀ ଛାତ୍ରବୃତ୍ତି ଏବଂ ନୀଳକଣ୍ଠ ଉଦଗାତା ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା । ଚଳିତ ବର୍ଷ ବିଶ୍ୱବିଦ୍ୟାଳୟ ପକ୍ଷରୁ ପରିଚାଳିତ ଶାସ୍ତ୍ରୀ (+୩) ପରୀକ୍ଷାରେ ସର୍ବାଧିକ ନମ୍ବର ହାସଲ କରିଥିବା ରାମଚଣ୍ଡୀ ସଂସ୍କୃତ ମହାବିଦ୍ୟାଳୟର ବ୍ୟାକରଣ ବିଭାଗର ଛାତ୍ରୀ ସୁଶ୍ରୀ ମୋନାଲି ଆଚାର୍ଯ୍ୟଙ୍କୁ 'ବଂଶୀଧର ଓ ବସନ୍ତମଞ୍ଜରୀ ସମ୍ମାନ' ପ୍ରଦାନ କରାଯାଇଥିଲା । ତତ୍ସହିତ ଶିକ୍ଷାଶାସ୍ତ୍ର ବିଭାଗର ମେଧାବୀ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା । ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପକ୍ଷରୁ ଅନିଲ କୁମାର ମହାନ୍ତିଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବକ ଏବଂ ସୁଜାତା ଦାସଙ୍କୁ ଶ୍ରେଷ୍ଠ ଜାତୀୟ ସେବା ଯୋଜନା ଅଧିକାରୀ ଭାବେ ସମ୍ମାନିତ କରାଯାଇଥିଲା । ସମଗ୍ର କାର୍ଯ୍ୟକ୍ରମକୁ ଡ. ରାଧାକାନ୍ତ ପଣ୍ଡା ଏବଂ ଡ. ନିବେଦିତା କର ସଂଯୋଜନା କରିଥିବା ବେଳେ ବିଶ୍ୱବିଦ୍ୟାଳୟର ମିଡିଆ ସେଲର ଡ. ସସ୍ମିତା ବନ୍ଦର ନାୟକ, ଡ. ସୁଶାନ୍ତ ଶତପଥୀଙ୍କ ସମେତ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀମାନେ କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ।

ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ, ଯାଜପୁର ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଯାଜପୁର, ୦୭/୦୭ (ଆ.ପ୍ର) : ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଂଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ମୋଟ ୧୭୬ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୩୮ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ ୦୫ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୩୧ ଗୋଟି ରେଡକ୍ରସ ପାଣ୍ଠିରୁ ୦୨ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା । ୩୫ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ, ଯାଜପୁର ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯାଜପୁର ବ୍ରହ୍ମାନନ୍ଦ ବେହେରା, ତହସିଲଦାର, ଯାଜପୁର ରବିନାରାୟଣ ପାଢ଼ୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।

ନୂଆପଡ଼ାରେ ମାଓବାଦୀଙ୍କ ବଡ଼ ଷଡ଼ଯନ୍ତ୍ର ଫଣ୍ଡ: ଜଙ୍ଗଲରୁ ବିପୁଳ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଜବତ

ନୂଆପଡ଼ା, ୦୭/୦୭ (ଆ.ପ୍ର) : ନୂଆପଡ଼ା ଜିଲ୍ଲାରେ ମାଓବାଦୀଙ୍କ ଏକ ବଡ଼ ଷଡ଼ଯନ୍ତ୍ରକୁ ପୋଲିସ ଓ ସୁରକ୍ଷା ବାହିନୀ ସଫଳତାର ସହ ଫସ୍ତ କରିଛି । ନୂଆପଡ଼ା ଜିଲ୍ଲା ପୋଲିସ ଏବଂ ସିଆରପିଏଫର ମିଳିତ ଅପରେସନରେ ଓଡ଼ିଶା-ଛତିଶଗଡ଼ ସୀମାନ୍ତବର୍ତ୍ତୀ ଜଙ୍ଗଲ ଅଂଚଳରୁ ମାଓବାଦୀଙ୍କ ଲୁଚାଇ ରଖାଯାଇଥିବା ଏକ ବଡ଼ ଡମ୍ପର ସନ୍ଧାନ ମିଳିଛି । ସେଠାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ଗୁଳିଗୋଳା, ବିସ୍ଫୋରକ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି । ଏନେଇ ଆଜି ନୂଆପଡ଼ା ଜିଲ୍ଲା ପୋଲିସ କାର୍ଯ୍ୟାଳୟ ସ୍ଥିତ ଡିଆଇଓସି ମିଟିଂ ହଲ୍‌ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତ ପାଲ ସିଂହ ଏବଂ ସିଆରପିଏଫ ୧୯ ବାଟାଲିୟନର କମାଣ୍ଡାଂଟ ଦୀପକ ମଣି ତ୍ରିପାଠୀ ଏହି ସୂଚନା ପ୍ରଦାନ କରିଥିଲେ । ସେମାନଙ୍କ ସୂଚନା ଅନୁଯାୟୀ, ଗୁପ୍ତ ସୂଚନା ଆଧାରରେ ବୋଡ଼େନ ଥାନା ଅନ୍ତର୍ଗତ ପାଟଧରା ସଂରକ୍ଷିତ ଜଙ୍ଗଲ ଏବଂ ବାରପାଟ ଡଙ୍ଗର ପାହାଡ଼ିଆ ଅଂଚଳରେ ନୂଆପଡ଼ା ଡିଭିଏଫ୍ ଓ ସିଆରପିଏଫର ବମ୍ବ ନିଷ୍କ୍ରିୟକରଣ ଟିମ୍ ମିଳିତ ଭାବେ ସର୍ଚ୍ଚ ଅପରେସନ ଚଳାଇଥିଲେ । ସର୍ଚ୍ଚ ସମୟରେ ମାଟି ତଳେ ଲୁଚାଇ ରଖାଯାଇଥିବା ମାଓବାଦୀଙ୍କ ଡମ୍ପର ସନ୍ଧାନ ମିଳିଥିଲା । ଜବତ ସାମଗ୍ରୀ ମଧ୍ୟରେ ୨ଟି ଦେଶୀ ବନ୍ଧୁକ, ମାଗାଜିନ ସହ ଗୋଟିଏ ଦେଶୀ କାରବାଇନ, ଏକେ-୪୭ର ୨୯ ରାଉଣ୍ଡ ଓ ଏସଏଲଆରର ୫୪ ରାଉଣ୍ଡ ଜୀବନ୍ତ ଗୁଳି, ୨ଟି ଟିଫିନ ଆଇଇଡି, ୮ଟି ଜେଲାଟିନ ଷ୍ଟିକ, ପ୍ରାୟ ୧.୫ କିଲୋଗ୍ରାମ ଗନ୍ ପାଉଡର ଓ ୟୁରିଆ, ଡେଟୋନେଟର, ସୋଲାର ପ୍ଲେଟ୍, ବ୍ୟାଟେରୀ, ମାଓବାଦୀ ପୋଷାକ, ଔଷଧ ବାକ୍ସ ଓ ମାଓ ସାହିତ୍ୟ ରହିଛି । ପୋଲିସ କହିଛି, ନକ୍ସଲ ବିରୋଧୀ ଅଭିଯାନରେ ଏହା ଏକ ବଡ଼ ସଫଳତା ଏବଂ ମାଓବାଦୀଙ୍କ ଅବଶିଷ୍ଟ ନେଟୱର୍କକୁ ଦୁର୍ବଳ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ପୂର୍ବରୁ ନୂଆପଡ଼ା ଜିଲ୍ଲାକୁ ମାଓମୁକ୍ତ ଘୋଷଣା କରାଯାଇଥିଲେ ମଧ୍ୟ ସୀମାନ୍ତବର୍ତ୍ତୀ ଜଙ୍ଗଲ ଅଂଚଳରେ କମ୍ବିଂ ଓ ସର୍ଚ୍ଚ ଅପରେସନ ନିରନ୍ତର ଜାରି ରହିଛି । ଏହି ଅପରେସନରେ ସୁରକ୍ଷା ବାହିନୀର କୌଣସି କ୍ଷତି ହୋଇନଥିବା ବେଳେ ଆଗାମୀ ଦିନରେ ମଧ୍ୟ ଏଭଳି କମ୍ବିଂ ଓ ସର୍ଚ୍ଚ ଅଭିଯାନକୁ ଅଧିକ ଜୋରଦାର କରାଯିବ ବୋଲି ପୋଲିସ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

ଚାଳନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନମହୋତ୍ସବ ପାଳିତ

ସିନାପାଲି, ୦୭/୦୭ (ଆ.ପ୍ର) : ବନମହୋତ୍ସବ ସପ୍ତାହ ପାଳନ ଅବସରରେ ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଚଳନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବନମହୋତ୍ସବ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ଯୋଷୀଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ଶିକ୍ଷୟିତ୍ରୀ ନମିତା ପଟ୍ଟଯୋଷୀ, ଶିକ୍ଷକ ବୈଷ୍ଣବ

ମେହେର, ଉତ୍ସେସନ ହଂସ, ଶିକ୍ଷୟିତ୍ରୀ ସୁମିତ୍ରା ମେହେର ପ୍ରମୁଖ ଉପସ୍ଥିତ ରହି ବନମହୋତ୍ସବ ପାଳନର ଉଦ୍ଦେଶ୍ୟ ଓ ବୃକ୍ଷର ମହତ୍ୱ ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ ଓ ବୃକ୍ଷରୋପଣ ସହ ଏହାର ଯତ୍ନ ନେବାକୁ ସମସ୍ତଙ୍କୁ ଆହ୍ୱାନ କରାଯାଇଥିଲା । ଏହା ପରେ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଥିଲା ।

ଘରେ ଶୋଇଥିବା ବେଳେ କଳାକନା ବୁଲାଇଲେ ଚୋର

କଳାହାଣ୍ଡି, ୦୭/୦୭ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ବୋର୍ଡ଼ା ଫାଣ୍ଡି ଅନ୍ତର୍ଗତ କରଲାପିଠା ଗ୍ରାମରେ ଏକ ବଡ଼ଧରଣର ଚୋରି ମାମଲା ସାମ୍ନାକୁ ଆସିଛି । ଗତକାଲି ବିଳମ୍ବିତ ରାତି ପ୍ରାୟ ୧ଟା ସମୟରେ ଗ୍ରାମର ପାର୍ଥିବ ସାହୁଙ୍କ ଘରୁ ନଗଦ ୨ ଲକ୍ଷ ପଚାଶ ହଜାର ଟଙ୍କା ସମେତ ୧୭ ଭରି ସୁନା ଓ ରୁପା ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ଗତକାଲି ରାତିରେ ପାର୍ଥିବ ସାହୁ ଓ ତାଙ୍କ ପରିବାର ଲୋକେ ଘରେ ଶୋଇଥିଲେ । ଏହାର ସୁଯୋଗ ନେଇ ବିଳମ୍ବିତ ରାତି ପ୍ରାୟ ୧ଟା ବେଳେ ଦୁର୍ବୃତ୍ତମାନେ ଘରେ ପଶି ଆଲମିରା ଭାଙ୍ଗି ନଗଦ ୨.୫୦ ଲକ୍ଷ (ଅଢ଼େଇ ଲକ୍ଷ) ଟଙ୍କା, ୧୭ ଭରି ସୁନା ଏବଂ ୩୦ ଭରି ରୁପା ଅଳଙ୍କାର ଲୁଟି ନେଇଛନ୍ତି । ପରିବାର ଲୋକେ ସକାଳୁ ଉଠିବା ପରେ ଆଲମିରା ଭଙ୍ଗା ଯାଇଥିବା ଏବଂ ସମସ୍ତ ସାମଗ୍ରୀ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ । ଏ ନେଇ ସ୍ଥାନୀୟ ପୋଲିସକୁ ସୂଚନା ଦିଆଯାଇଛି । ପୋଲିସ ଘଟଣାସ୍ଥଳରେ ପହଂଚି ନଥିବା ବେଳେ, ଶୋଇଥିବା ଅବସ୍ଥାରେ ଏଭଳି ସାହସିକ ଚୋରିକୁ ନେଇ ସ୍ଥାନୀୟ ଅଂଚଳରେ ଭୟ ଓ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଛି ।

ବୈକୁଣ୍ଠନାଥ ଆଚାର୍ଯ୍ୟାଙ୍କ ୩୫ତମ ଶ୍ରାଦ୍ଧଦିବସ ପାଳିତ

ଜଗତସିଂହପୁର, ୦୭/୦୭ (ଆ.ପ୍ର) : ଅଲଣହାଟ ହାଇସ୍କୁଲର ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ବୈକୁଣ୍ଠ ନାଥ ଆଚାର୍ଯ୍ୟଙ୍କ ୩୫ତମ ଶ୍ରାଦ୍ଧଦିବସ ପ୍ରାକ୍ତନ ବିଦ୍ୟାର୍ଥୀ ପରିଷଦର ସଭାପତି ପ୍ରକାଶ ଚନ୍ଦ୍ର ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାକ୍ତନ ବିଦ୍ୟାର୍ଥୀ ପରିଷଦର ସମସ୍ତ ସଭ୍ୟ ଏବଂ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ମିଶି ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ବୈକୁଣ୍ଠନାଥ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅମୂଲ୍ୟ କୁମାର ମିଶ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ପରେ ପରେ ପ୍ରାକ୍ତନ ବିଦ୍ୟାର୍ଥୀ ପରିଷଦର ସଭ୍ୟ ପ୍ରଶାନ୍ତ ମିଶ୍ରଙ୍କ କବିତା, ସମ୍ପାଦକ ବିରଂଚି ନାରାୟଣ ମିଶ୍ର, ଉପସଭାପତି ଦେବେନ୍ଦ୍ର ଆଚାର୍ଯ୍ୟ, ଉପଦେଷ୍ଟା ଡ଼ ରାଖାଲ ରାୟ, ବଂଶୀଧର ଆଚାର୍ଯ୍ୟ, ରାଜକିଶୋର ମହାନ୍ତି, ବଂଶୀଧର ବେହେରା, ନବକିଶୋର ମହାନ୍ତିଙ୍କ ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକଙ୍କ ତ୍ୟାଗପୂତ ଜୀବନଦର୍ଶନକୁ ଉପସ୍ଥାପନ କରିଥିଲେ । ଏହାପରେ ଚଳିତ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ପ୍ରାଚିର୍ଜ୍ଞାସା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଇକୋ ଶିକ୍ଷକ ଅମ୍ବିକା ପ୍ରସାଦ ସାହୁଙ୍କ ପରିଚାଳନରେ ଆଲମୁନିର ସମସ୍ତ ସଭ୍ୟ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କଙ୍କ ମିଳିତ ସହଯୋଗରେ ବୃକ୍ଷ ରୋପଣ କରାଯାଇଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

ରାମଗଡ଼ ଗଣ୍ଡାବାହାଳୀରେ ୭୭ତମ ବନ ମହୋତ୍ସବ-୨୦୨୬ ପାଳିତ ବୃକ୍ଷରୋପଣ ସହ ପରିବେଶ ସୁରକ୍ଷାର ବାର୍ତ୍ତା

ସିନାପାଲି, ୦୭/୦୭ (ଆ.ପ୍ର) : ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ସିନାପାଲି ବନାଂଚଳ, ଖଡ଼ିଆଳ ବନଖଣ୍ଡ ପକ୍ଷରୁ ରାମଗଡ଼ ଗଣ୍ଡାବାହାଳୀଠାରେ ୭୭ତମ ବନ ମହୋତ୍ସବ-୨୦୨୬ ଉତ୍ସାହର ସହ ପାଳନ କରାଯାଇଥିଲା । କାର୍ଯ୍ୟକ୍ରମରେ ଏସିଏଫ୍ ପ୍ରସନ୍ନଜିତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ, ବନ ସଂରକ୍ଷଣ ଓ ପରିବେଶ ସୁରକ୍ଷାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟ ବକ୍ତା ଭଗବାନ ଚନ୍ଦନ, ଗଣ୍ଡାବାହାଳୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ, ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଅଧିକରୁ ଅଧିକ ବୃକ୍ଷରୋପଣ କରିବା ସହ ପ୍ରତ୍ୟେକ ଗଛର ଯତ୍ନ ନେବାକୁ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ । ସମ୍ମାନିତ ଅତିଥି ଭାବେ ସୁବ୍ରତ ଠାକୁର, ଗଣ୍ଡାବାହାଳୀ ପଂଚାୟତର ସରପଂଚ କୌଶଲ୍ୟା ମେହେର, ଗଣ୍ଡାବାହାଳୀ ପଂଚାୟତ ହାଇସ୍କୁଲର ପ୍ରଧାନ ଶିକ୍ଷକ ଜଗନ୍ନାଥ ସେଠୀ, ଗୁଣଧର ମେହେର ଓ ଷଡାନନ ସୁନାନୀ ଯୋଗଦେଇ ବନ ସଂରକ୍ଷଣ ଏବଂ ପରିବେଶ ସୁରକ୍ଷାର ଗୁରୁତ୍ୱ ଉପରେ ନିଜ ମତ ପ୍ରକାଶ କରିଥିଲେ । କାମେଶ୍ୱର ତାଣ୍ଡି ଆବାହକ ଭାବେ କାର୍ଯ୍ୟକ୍ରମର ସମନ୍ୱୟ କରିଥିବା ବେଳେ ମହାଦେବ ବନ୍ଦୀଛୋର ଦକ୍ଷତାର ସହ ମଂଚ ପରିଚାଳନା କରିଥିଲେ । ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବନ ବିଭାଗର କନ୍ଦର୍ପ ସୁନାନୀ, ରମାରଞ୍ଜନ ରାଉତ ଓ ସମୀର ରଞ୍ଜନ ଠାକୁରଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ସକ୍ରିୟ ସହଯୋଗ କରିଥିଲେ । ଶେଷରେ ସ୍ଥାନୀୟ ଜନପ୍ରତିନିଧି, ଗଣ୍ଡାବାହାଳୀ ଶିଶୁ ବିଦ୍ୟାମନ୍ଦିର ଏବଂ ପଂଚାୟତ ହାଇସ୍କୁଲର ଛାତ୍ରଛାତ୍ରୀଙ୍କ ସହ ବହୁ ସଂଖ୍ୟକ ସ୍ଥାନୀୟ ଜନସାଧାରଣ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇ ପରିବେଶ ସୁରକ୍ଷା ପାଇଁ ସାମୂହିକ ସଂକଳ୍ପ ନେଇଥିଲେ ।

କନ୍ଧମାଳରେ କେବେ ସୁଧୁରିବ ଶିକ୍ଷା ବ୍ୟବସ୍ଥା, ୫ ବିଇଓ ପଦବୀ ଖାଲି

ବାଲିଗୁଡା, ୦୭/୦୭ (ଆ.ପ୍ର) : ଶିକ୍ଷାର ଉନ୍ନତିକରଣ କରିବା ପାଇଁ ସରକାର ଯୋଜନା ଉପରେ ଯୋଜନାର ଗୋଲାପି ଚିତ୍ର ଆଙ୍କୁଥିବା ବେଳେ କନ୍ଧମାଳ ଜିଲ୍ଲାରେ ଏହାର କେତେ ସୁଫଳ ପହଂଚିବ ତାହାକୁ ନେଇ ଉଠିଛି ପ୍ରଶ୍ନ । ନୂତନ ସରକାରଙ୍କ ଦୁଇ ବର୍ଷ ପୂରୁଥିବା ବେଳେ ଜିଲ୍ଲାର ଶିକ୍ଷା ବ୍ୟବସ୍ଥା ସୁଧୁରିବାର ନା ଧରୁନି । ଦିନକୁ ଦିନ ନିମ୍ନ ଗାମୀ ଆଡକୁ ଯାଉଥିବା ଅଭିଯୋଗ କରିଛନ୍ତି ଅଭିଭାବକ ସଂଘ । ଜିଲ୍ଲାରେ ଶିକ୍ଷକ ଅଭାବ ରହିଥିବା ବେଳେ ପୁଣି ଅନୁଭବି ଗୋଷ୍ଠୀ ଶିକ୍ଷାଧିକାରୀ ମାନଙ୍କୁ ବଦଳୀ ଚିନ୍ତା ବଢାଇଛି । ୧୨ଟି ବ୍ଲକରେ ୧୨ଟି ଗୋଷ୍ଠୀ ଶିକ୍ଷାଧିକାରୀ ରହିବା ସ୍ଥଳେ ମାତ୍ର ୭ ଟି ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ରହିଛନ୍ତି । ତୁମୁଡିବନ୍ଧ, ଦାରିଙ୍ଗବାଡି, କ. ନୂଆଗାଁ, ଘୁ ଉଦୟଗିରି, ଫିରିଙ୍ଗିଆ ଓ ଚକାପାଦ ୫ ବ୍ଲକ ରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦବୀ ଖାଲି ପଡିଛି । ଏହାରି ମଧ୍ୟରେ ରାଜ୍ୟ ସରକାର ଖାଲିଥିବା ପଦବୀ ପୂରଣ କରିବାର କଥା ତ ଛାଡନ୍ତୁ ପୁଣି ରାଇକିଆ ବ୍ଲକ ଶିକ୍ଷାଧିକାରୀ କେଶବ ମଲ୍ଲିକ, ବାଲିଗୁଡା ବ୍ଲକ ଶିକ୍ଷାଧିକାରୀ ମହେଶ୍ୱର ମାଝି ଓ ଫିରିଙ୍ଗିଆ ବ୍ଲକ ଶିକ୍ଷାଧିକାରୀ ଆଲୋକ ପ୍ରଧାନ ୩ ଜଣ ଶିକ୍ଷାଧିକାରୀଙ୍କ ବଦଳୀ ହୋଇଛି । ବର୍ତ୍ତମାନ ଫିରିଙ୍ଗିଆ ବ୍ଲକ ଅଧିକାରୀଙ୍କୁ ରିଲିଫ କରାଯିବାରୁ ବର୍ତ୍ତମାନ ଟିକାବାଲି ବ୍ଲକ ଶିକ୍ଷାଧିକାରୀ ଦାୟିତ୍ୱ ତୁଲାଇବେ ବୋଲି ଜଣା ପଡିଛି । ପୂର୍ବରୁ ବାଲିଗୁଡା ଗୋଷ୍ଠୀ ଅଧିକାରୀ ଦାରିଙ୍ଗବାଡି ବ୍ଲକ ଦାୟିତ୍ୱ ରେ ରହିଥିବା ବେଳେ, ତୁମୁଡିବନ୍ଧ ବ୍ଲକ କୋଟଗଡ ବ୍ଲକ ଶିକ୍ଷାଧିକାରୀ, ଘୁ ଉଦୟଗିରି ବ୍ଲକ ରାଇକିଆ ଶିକ୍ଷାଧିକାରୀ, କ ନୂଆଗାଁ ବ୍ଲକ ଫିରିଙ୍ଗିଆ ବ୍ଲକ ଶିକ୍ଷାଧିକାରୀ ଦାୟିତ୍ୱ ତୁଲାଉଥିବା ବେଳେ ଫିରିଙ୍ଗିଆ ବ୍ଲକ ଶିକ୍ଷାଧିକାରୀଙ୍କୁ ରିଲିଫ କରିବା ଫଳରେ କ. ନୂଆଗାଁ ଓ ଫିରିଙ୍ଗିଆ ବ୍ଲକରେ ପଦବୀ ଖାଲି ପଡିଲା । ଜିଲ୍ଲାର ଶିକ୍ଷା ବ୍ୟବସ୍ଥାକୁ ସୁଧାରିବା ପାଇଁ କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ 'ଟିଚ କନ୍ଧମାଳ' ଆଳ ଅଭିନବ ଯୋଜନା ହାତକୁ ନେଇଛନ୍ତି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ମାନେ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରି ଶିକ୍ଷା ଦାନର ସ୍ଥିତି ଅନୁଧ୍ୟାନ କରିବେ ବିଦ୍ୟାଳୟ ର ପାଠ ପଢା ଠାରୁ ଆରମ୍ଭ କରି ମଧ୍ୟାହ୍ନ ଭୋଜନ, ଛାତ୍ର ଛାତ୍ରୀ ମାନଙ୍କ ପରିଷ୍କାର ପରିଚ୍ଛନ୍ନ, ପରିବେଶ ଓ ଉପସ୍ଥାନ ଯାଂଚ କରି ଶିକ୍ଷା ବ୍ୟବସ୍ଥାକୁ ସୁଧାରିବେ । ଗତ ବର୍ଷ ମଧ୍ୟ ତୁମୁଡିବନ୍ଧ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ବଦଳୀ ହୋଇଥିବା ବେଳେ ତାଙ୍କ ସ୍ଥାନରେ କେହି ଆସିନଥିବା ବେଳେ ତାଙ୍କୁ ରିଲିଫ କରିଦେବା ଫଳରେ ବର୍ତ୍ତମାନ ମଧ୍ୟ କେହି ଆସିନାହାନ୍ତି । ଯାହାର ଫଳରେ ତୁମୁଡିବନ୍ଧ ଭଳି ପଛୁଆ ଅଂଚଳ ରେ ଶିକ୍ଷା ବ୍ୟବସ୍ଥାକୁ ନେଇ କୋଟଗଡ ବ୍ଲକ ଶିକ୍ଷାଧିକାରୀ ଦାୟିତ୍ୱରେ ରହି କାମ ଚଳାଉଛନ୍ତି । ଚଳିତ ବର୍ଷ ଶିକ୍ଷା ବ୍ୟବସ୍ଥା ରେ ଲାଗିରହିଥିବା ବହି ତ୍ରୁଟି ସାଙ୍ଗକୁ କିଛି ବିଦ୍ୟାଳୟରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋଲାଯାଇଥିବା ବେଳେ ଶିକ୍ଷକ ପଦବୀ ଖାଲି ରହିଛି । ସେସବୁକୁ ଚଳାଇବା ଚିନ୍ତାର ବିଷୟ ପାଲଟିଛି । ଜିଲ୍ଲାରେ ତୁରନ୍ତ ଖାଲି ଥିବା ଗୋଷ୍ଠୀ ଶିକ୍ଷାଧିକାରୀ ପୂରଣ କରିବାକୁ ଦାବୀ ହେଉଛି ।

ଆଦିବାସୀ ମହାବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ



ବାଲିଗୁଡ଼ା, ୦୭/୦୭ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ଆଦିବାସୀ ମହାବିଦ୍ୟାଳୟର ଯୁବ ରେଡକ୍ରସ ଓ ଜାତୀୟ ସେବା ଯୋଜନା ଦ୍ୱାରା ବନ ମହୋତ୍ସବ ସପ୍ତାହରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ବିଭୂତି ଭୂଷଣ ଆଚାର୍ଯ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ମୁଖ୍ୟ ଅତିଥି ଭାବରେ ଡ. ସୁବାସ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବରେ ଡ. ଅଭିପ୍ସା ବଲ୍, ଡ. ସୁକାନ୍ତ କୁମାର ବେହେରା, ଡ.ଏନ.ତନ୍ମୟ କୁମାର ଓ ରାଜେଶ କୁମାର ଧଳ ଏଥିରେ ଯୋଗଦାନ କରିଥିଲେ । ଯୁବ ରେଡକ୍ରସର ସଂଯୋଜକ ମାନସ ରଞ୍ଜନ ପ୍ରଧାନ, ଜାତୀୟ ସେବା ଯୋଜନା ଅଧିକାରୀ ଅରୁନ୍ଧତୀ ପ୍ରଧାନ ଓ ହମନ୍ କୁମାର ବିବକାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ଉପସ୍ଥିତରେ ୨୦୦ରୁ ଉର୍ଦ୍ଧ୍ୱ ଚାରା ମହାବିଦ୍ୟାଳୟ ପରିସର ରେ ଲଗାଇଥିଲେ ।

ଦୀର୍ଘ ୨୧ ବର୍ଷ ମାମଲାର ଘଟିଲା ଅନ୍ତ ଝିଆଣିଆ ସତ୍ୱ ଉପରେ କୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

ଭଦ୍ରକ, ୦୭/୦୭ (ଆ.ପ୍ର) : ଝିଆଣିଆ ସତ୍ୱ ଉପରେ ଭଦ୍ରକର ଅତିରିକ୍ତ ବରିଷ୍ଠ ଅଦାଲତ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି । ପ୍ରକାଶ ଥାଉକି ସ୍ୱର୍ଗତଃ ଭାଗୀରଥି ସାହୁଙ୍କର କନ୍ୟା ସ୍ୱର୍ଗତଃ ବାସନ୍ତୀ ବେହେରାଙ୍କ ଝିଅ ନିଜର ଭାଗ ୧/୪ ଅଂଶ ନେବା ପାଇଁ ଏକ ବଂଟନ ମକଦ୍ଦମା (ନଂ ୧୭୧/୨୦୦୫) ଆରତ କରିଥିଲେ । ମାତ୍ର ଏଥିପୂର୍ବରୁ ବାସନ୍ତୀ ବେହେରାଙ୍କ ଭାଇ ଡମ୍ବରୁଧର ସାହୁ, ଭଉଣୀ ଓ ନିଜର ଭାଗ ବିକ୍ରମବୀର ଖେମ୍‌କାଙ୍କୁ ଡଂଚକତା ପୂର୍ବକ ବିକ୍ରୟ କରିଦେଇଥିଲେ । ଯାହାକୁ ଭଦ୍ରକର ଅତିରିକ୍ତ ବରିଷ୍ଠ ଅଦାଲତ ବିଚାର କରି ଉକ୍ତ ଦଲିଲରୁ ମୃତ ବାସନ୍ତୀଙ୍କ ନ୍ୟାର୍ଯ୍ୟଦାବୀ ଅର୍ଥାତ୍ ୧/୪ ଅଂଶ ତାଙ୍କର କନ୍ୟା ରଶ୍ମିତା ବେହେରା, ସସ୍ମିତା ବେହେରା ଓ ତାଙ୍କର ସ୍ୱାମୀ କାଳନ୍ଦୀ ବେହେରାଙ୍କୁ ଦେବାକୁ ଗତ ଜୁନମାସ ୨୪ ତାରିଖରେ ରାୟ ପ୍ରଦାନ କରିଥିଲେ । ଏହି ମୋକଦ୍ଦମା ଦୀର୍ଘ ୨୧ ବର୍ଷ ଧରି ଚାଲିଥିବାବେଳେ ଅଦାଲତ ଗତମାସ ଉକ୍ତ ରାୟ ପ୍ରକାଶ କରିଛନ୍ତି । ଏହି ରାୟ ପ୍ରକାଶ ପାଇବା ପରେ ମୃତ ବାସନ୍ତୀଙ୍କର କନ୍ୟା ଓ ସ୍ୱାମୀ ଅଦାଲତଙ୍କୁ ଧନ୍ୟବାଦ ଜଣାଉଛନ୍ତି । ବାଦୀଙ୍କ ତରଫରୁ ଓକିଲ ଜଗତବନ୍ଧୁ ଅଗସ୍ତି, ବିଶ୍ୱଭୂଷଣ ଅଗସ୍ତି, ସ୍ୱର୍ଣ୍ଣଲକ୍ଷ୍ମୀ ପୋଥାଳ ଓ ପୂଜା ପ୍ରିୟଦର୍ଶିନୀ ଦାସ ମାମଲା ପରିଚାଳନା କରୁଥିଲେ ।

ସେଇଠୁ
ଆରମ୍ଭ
SEITHO ARAMBHA

ନକ୍ସାଅଙ୍କନକାରୀ ଅଭାବରୁ ନୂତନ ରାଜସ୍ୱ ଗ୍ରାମର ସୀମା ନିର୍ଦ୍ଧାରଣରେ ବାଧା, ହନ୍ତସନ୍ତ ଲୋକେ

ଧାମନଗର, ୦୭/୦୭ (ଆ.ପ୍ର) : ଧାମନଗର ତହସିଲ କାର୍ଯ୍ୟାଳୟରେ ନକ୍ସା ଅଙ୍କନକାରୀ ଅଭାବରୁ ନୂତନ ରାଜସ୍ୱ ଗ୍ରାମର ସୀମା ନିର୍ଦ୍ଧାରଣରେ ବାଧା ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଧାମନଗର ବ୍ଲକ ଓ ଏନଏସି ଏବଂ ତହସିଲ ଅନ୍ତର୍ଗତ ବିଭିନ୍ନ ରାଜସ୍ୱ ଗ୍ରାମରେ ଜନସଂଖ୍ୟା, ନୂଆ ଖାତାଦାର ଓ କିସମ ପରିବର୍ତ୍ତନ ବୃଦ୍ଧି ହେତୁ ନୂତନ ରାଜସ୍ୱ ଗ୍ରାମର ସୀମା ନିର୍ଦ୍ଧାରଣ (ବିସିପି) କାର୍ଯ୍ୟ କରାଯିବାକୁ ବିଭାଗ ପକ୍ଷରୁ ନିଷ୍ପତି ହୋଇଥିଲା । ଧାମନଗର ତହସିଲ ଅଂଚଳର ୭ ରୁ ଅଧିକ ରାଜସ୍ୱ ଗ୍ରାମକୁ ନୂତନ ରାଜସ୍ୱ ଗ୍ରାମ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା (ବିସିପି) ପାଇଁ ୨୦୦୦ ମସିହାରେ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଦୀର୍ଘ ୧୨ବର୍ଷ ପରେ ଅର୍ଥାତ ୨୦୧୨ ମସିହାରେ ଏହି କାର୍ଯ୍ୟର ପ୍ରକ୍ରିୟା ଧାମନଗର ତହସିଲ ଅଂଚଳରେ ଲାଗୁହେଲା । ୨୦୧୨ ମସିହାରେ ତତ୍କାଳୀନ ଅତିରିକ୍ତ ଜିଲ୍ଲାପାଳ ୭ରୁ ଅଧିକ ରାଜସ୍ୱ ଗ୍ରାମରେ କେତେକ କାର୍ଯ୍ୟ ପ୍ରତି ପ୍ରତିବନ୍ଧକ ଲଗାଇବାକୁ ମୌଖିକ ନିର୍ଦ୍ଦେଶ ଦେଇଥିଲେ । ଯାହା ଫଳରେ ଆଜକୁ ଦୀର୍ଘ ୧୧ ବର୍ଷ ଧରି ଏହି ସବୁ ରାଜସ୍ୱ ଗ୍ରାମର ପାଖାପାଖି ୨୬ ହଜାରରୁ ଅଧିକ ଲୋକେ ବିଭିନ୍ନ ସରକାରୀ ପ୍ରମାଣପତ୍ର, ଜମିଜମା କାଗଜପତ୍ର ଏବଂ ଝିଅ ବାହାଘର କରିବା ପାଇଁ କିଣିବା ଓ ବିକ୍ରି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ସଂଖ୍ୟା ବଢ଼ି ଧାମନଗର ତହସିଲର ୯ ରାଜସ୍ୱ ସର୍କଲ ରାଧାବଲ୍ଲଭପୁର, ରଇପୁର,ଦେଉଳିଡିହ, ସରପୁର, ଧାମନଗର, ଅସୁରାଳି, ସହିଦନଗର, ସୋଧ, କୋଠାର ଅନ୍ତର୍ଗତ ୧୧ ରାଜସ୍ୱ ଗ୍ରାମ ପଳିକିରୀ, ମୋହଦପୁର, ଦେଉଳିଡିହି, ଧୁଷୁରୀ, ସରପୁର, ଜୟନଗର, ଧର୍ମାଗଦପୁର, ଶ୍ରୀରାମା, ଗୌଡବିଶି ନୂଆପଡ଼ା, କାଜୁଡ଼ିରଡିଆ, ବୟାଙ୍ଗଡିହରୁ ୧୪ ନୂଆ ହାମଲେଟ ଭିଲେଜ ଯଥା ବାଇଦିପୁର, ଜଗନ୍ନାଥବାଡି, ବନ୍ଧସାହି, ଜଗନ୍ନାଥ ସାହି, ଲେଙ୍କାସାହି, କାଙ୍କରା, ମୁନସିପାଟଣା, କେନାଙ୍ଗ ଶାସନ, ଶ୍ୟାମଚାନ୍ଦ ପାଟଣା, ବେଲମଳା, ଗୋବିନ୍ଦାଗଡିଆ, ଭଡପଦା, ଅମ୍ବିନିଗାଁ, ଭଉରିଆଁବାଙ୍କ ଇତ୍ୟାଦି ଗଠନ ପାଇଁ ସିଦ୍ଧାନ୍ତ ନିଆଯାଇଥିଲା ।ଏହି ଆଦେଶ ଯୋଗୁଁ ଉପର ୧୧ ଟି ମୂଳ ରାଜସ୍ୱ ମୌଜାର ଲୋକମାନେ ନିମ୍ନଲିଖିତ ବିଭିନ୍ନ ଅସୁବିଧାରେ ସମ୍ମୁଖୀନ ହେଉଥିଲେ । ଯଥା ୧-ନାମଜାରୀ ନକରି ପାରିବା, ୨-କିସମ ପରିବର୍ତ୍ତନ ନକରି ପାରିବା, ୩-କବଲାମୂଳେ ଦଲିଲ ନକରି ପାରିବା, ୪- ସଂପତି ବିଭାଗ ବଂଟନ ନକରି ପାରିବା ଆଦି ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ବିଭାଗୀୟ କର୍ତ୍ତୃପକ୍ଷଙ୍କ କୁମ୍ଭକର୍ଣ୍ଣ ନିଦ୍ରାରେ ଥିବାରୁ ଲୋକଙ୍କ ମନରେ ଅସନ୍ତୋଷ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଥିଲା । ତେବେ ଗତ ତା ୧୫/୦୩/୨୦୨୨ ରିଖରେ ତତ୍କାଳୀନ କେନ୍ଦ୍ରାଂଚଳ ରାଜସ୍ୱ ଆୟୁକ୍ତ ଡ଼. ସୁରେଶ ଚନ୍ଦ୍ର ଦଳାଇ ଓ ଜିଲ୍ଲାପାଳ ତ୍ରିଲୋଚନ ମାଝୀ ତହସିଲକୁ ପାସବୁକ ଘୋଟାଲା ସମ୍ପର୍କିତ ଆର୍ଥିକ ତଦନ୍ତ ପାଇଁ ଆସିଥିବା ସମୟରେ ଏହି ଅସୁବିଧା ସମ୍ପର୍କରେ ବରିଷ୍ଠ ସାମ୍ବାଦିକ ସୁଧାକର ଦାଶ ଅବଗତ କରାଇଥିଲେ । ଆରଡିସିଙ୍କ ପ୍ରତିଶ୍ରୁତି ପରେ ତତ୍ପର ହୋଇଉଠିଥିଲା ରାଜସ୍ୱ ବିଭାଗ । ଏହି ବିସିପିବା ନୂତନ ରାଜସ୍ୱ ଗ୍ରାମ ସୀମା ନିର୍ଦ୍ଧାରଣ କାର୍ଯ୍ୟପାଇଁ ଧାମନଗର ତହସିଲକୁ ତିନିଜଣ ଅବସରପ୍ରାପ୍ତ ଓ ତିନିଜଣ କାର୍ଯ୍ୟରତ ଏପରି ମୋଟ ୬ଜଣ କର୍ମଚାରୀ ଯୋଗାଇ ଦିଆଯାଇଥିଲା । ପରେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ ଓ ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ପ୍ରଚେଷ୍ଟା ଫଳରେ ୭ଟି ରାଜସ୍ୱ ଗ୍ରାମର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ଥିବା ବେଳେ ୭ ଟିରେ ପ୍ରୋସେସିଂ ଚାଲିଛି । ଅନ୍ୟ ୧୧ ଟି ରାଜସ୍ୱ ଗ୍ରାମର କାର୍ଯ୍ୟ ଏଯାବତ ଆରମ୍ଭ ହୋଇନାହିଁ । ତେବେ ନୂତନ ରାଜସ୍ୱ ଗ୍ରାମର ନକ୍ସା ପାଇଁ ଆବଶ୍ୟକ କର୍ମଚାରୀ ଏବଂ ଅଙ୍କନକାରୀ (ଡ୍ରାଫ୍ଟସମ୍ୟାନ) ନଥିବାରୁ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ହୋଇ ପାରୁନାହିଁ ବୋଲି ସୂଚନା ମିଳିଛି । ଜନସାଧାରଣଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଧାମନଗର ବିଧାୟକ ତଥା ମାନ୍ୟବର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ବିଭାଗୀୟ ସଚିବ ଏବଂ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

ବିପଦରେ ମାଁ ପାଟଣେଶ୍ୱରୀ ମନ୍ଦିର ଗମ୍ଭିରାଘର
ମରାମତି ଓ ଡିପିଆର ପ୍ରସ୍ତୁତି ପାଇଁ ବିଧାୟକଙ୍କ ଚିଠି ପୂର୍ତ୍ତ ବିଭାଗ ଅଣଦେଖା

ବଲାଙ୍ଗିର, ୦୭/୦୭ (ଆ.ପ୍ର) : ବଲାଙ୍ଗିର ପାଟଣା ରାଜ୍ୟର ଅଧିଷ୍ଠାତ୍ରୀ ଦେବୀ ମାଁ ପାଟଣେଶ୍ୱରୀ ମନ୍ଦିରର ଗମ୍ଭିରାଘର ବିପଦମୁଖ ଅବସ୍ଥାରେ । ମାଁ ଙ୍କ ପରଭା ଫାଟ ଫାଟ ସୃଷ୍ଟି ହୋଇ ଦେବୀଙ୍କ ପ୍ରତିମୂର୍ତ୍ତିରେ ସିମେଂଟ ଗୁଣ୍ଡ ଓ ଚୂନ ପଥର ପଡୁଛି । ତାହା ଏବେ ଅଶୁଭ ସଂକେତ । ଏବାବଦରେ ଦିର୍ଘ ୫ ବର୍ଷ ହେବ ଦେବୋତର ବିଭାଗ ବାରମ୍ବାର ଅଭିଯୋଗ କଲେ ମଧ୍ୟ କିଛି କାର୍ଯ୍ୟକାରୀ ହେଉ ପାରୁ ନାହିଁ । ଆଗକୁ ଗଣପର୍ବ ନୂଆଁଖାଇ ଓ ଦଶହରା ପର୍ବ ହେବ । ଭଙ୍ଗା ପରଭା ଓ ଗମ୍ଭିରା ଘର ତୁରନ୍ତ ମରାମତି କରିବା ପାଇଁ ପ୍ରଶାସନକୁ ଦାବି କରାଯାଇଥିଲା । ଏ ନେଇ ଗତ ୧୩.୦୬.୨୦୨୬ ଦିନ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କ ସହ ଆଲୋଚନା କରି ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ପତ୍ର ସଂଖ୍ୟା ୧୨୪୬/୨୦୨୬ ଏକ ଚିଠି ପତ୍ର ଡିପିଆର ପ୍ରସ୍ତୁତ ପାଇଁ ପୂର୍ତ୍ତ ବିଭାଗକୁ ଚିଠି ପ୍ରଦାନ କରାଯାଇଥିଲା । ଦିର୍ଘ ୨୫ ଦିନ ବିତିଯିବ ପୂର୍ତ୍ତ ବିଭାଗ ଏ ଯାଏଁ କୌଣସି ପଦକ୍ଷେପ ନେଇ ନ ଥିବାରୁ ବିଧାୟକଙ୍କ ଚିଠି କୁ ଅଣଦେଖା କରୁଛି ବୋଲି ଦେବାଳୟ ଐତିହ୍ୟ ସୁରକ୍ଷା କମିଟି ଦାବି କରିଛି । ଆଗାମୀ ୭ ଦିନ ମଧ୍ୟରେ ପୂର୍ତ୍ତ ବିଭାଗ କିଛି କାର୍ଯ୍ୟକାରୀ ନ କଲେ କିମ୍ବା ଡିପିଆର ପ୍ରସ୍ତୁତି ନ କଲେ ଗାନ୍ଧୀ ପ୍ରତିମୂର୍ତ୍ତିରେ ବସିବା ପାଇଁ କମିଟି ନିଷ୍ପତି ନେଇଛି । ଜିଲ୍ଲାପାଳ ଓ ଉପମୁଖ୍ୟମନ୍ତ୍ରୀଙ୍କ ସହ ଏ ବିଷୟରେ ଆଲୋଚନା କରିବେ ବୋଲି ନିଷ୍ପତି ନିଆଯାଇଛି । ଏ ବିଷୟରେ କମିଟି ଏକ ପ୍ରେସ ବିବୃତି ଜାରି କରିଛନ୍ତି । ସଭାପତି ଜୟକୃଷ୍ଣ ମିଶ୍ରଙ୍କ ନିଷ୍ପତି କ୍ରମେ ସଂପାଦକ ପ୍ରଶାନ୍ତ ମହାଗୁରୁ ଏହି ପ୍ରେସ ବିବୃତି ମାଧ୍ୟମରେ ଜଣାଇଛନ୍ତି । କୋଷାଧକ୍ଷ ଭବାନୀ ଶଙ୍କର ଭୋଇ, ସହ ସଂପାଦକ ଗିଂଟୁ ସାହୁ, ଶମ୍ଭୁ ଶତପଥି, ଆନନ୍ଦ ମିଶ୍ର, ସୁରେନ୍ଦ୍ର ନେଗୀ ଓ ମନ୍ଦିର କମିଟି ନିଷ୍ପତି ନେଇଥିବା ବେଳେ ଏ ବାବଦରେ ଆଇନର ସହାୟତା ନେବେ ବୋଲି ପ୍ରେସ ବିବୃତିରେ ଜଣାଇଛନ୍ତି ।

ଆର୍ ଏଣ୍ଡ ବି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅବହେଳା ଯୋଗୁଁ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ବାଧାପ୍ରାପ୍ତ

ଯାଜପୁର, ୦୭/୦୭ (ଆ.ପ୍ର) : ଯାଜପୁର ସହରର ହାବେଳି ବଜାର ଠାରୁ ମାର୍କେଟ ଛକ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ ପାଇଁ ବିଗତ ସରକାରଙ୍କ ସମୟରେ ହୋଇଥିବା ଆଦେଶକୁ ଏବେ କାର ସରକାର କାର୍ଯ୍ୟ ଆରମ୍ଭ କରିଥିଲେ ମଧ୍ୟ ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକୁ ମାନୁନାହାନ୍ତି ଆର୍ ଏଣ୍ଡ ବି (ପାଣିକୋଇଲି) କାର୍ଯ୍ୟନିର୍ବାହୀ ଅଧିକାରୀ । ଏହା ଆମେ କହୁ ନାହୁଁ । ନିଜ ନାମ ଗୋପନ ରଖି ଅଫିସର ବାବୁ ଜଣଙ୍କ କହିଛନ୍ତି । ଯାହା ଫଳରେ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡି ରହିଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ବାରମ୍ବାର ଆଲୋଚନା ମାଧ୍ୟମରେ ରହିଯାଇଥିବା ବାକି ଘର ଗୁଡ଼ିକ ଭାଙ୍ଗିବା ପାଇଁ ଆର ଏଣ୍ଡବିକୁ ଦିଶା ମିଟିଂରେ ମନ୍ତ୍ରୀ ଓ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବିଭିନ୍ନ ରାସ୍ତା ଓ ଡ୍ରେନ ଗୁଡିକ ବର୍ଷା ଦିନ ପୂର୍ବରୁ ମରାମତି ସାରିବାକୁ । କାର୍ଯ୍ୟନିର୍ବାହୀ ଅଧିକାରୀ (ପାଣିକୋଇଲି) ବାବୁ ଜଣଙ୍କ ଏହା ମାନିବାକୁ ନାରାଜ । ଯାହା ଶୁଣିବାକୁ ମିଳେ ଆର୍ ଏଣ୍ଡ ବି (ପାଣିକୋଇଲି) ବାବୁଙ୍କର ବହୁତ ଲମ୍ବା ହାତ । ଜିଲ୍ଲା ପ୍ରଶାସନ ଚାହିଁଲେ ମଧ୍ୟ ତାଙ୍କର କିଛି କରିପାରିବେ ନାହିଁ । ସେଥିପାଇଁ ବାବୁ ଜଣଙ୍କ କାହାରି ଫୋନ୍ କଲ୍ ଉଠାନ୍ତି ନାହିଁ । ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଙ୍କ ନିର୍ଦ୍ଦେଶନାରେ ମଧ୍ୟ କୌଣସି କାର୍ଯ୍ୟ କରନ୍ତି ନାହିଁ । ଏହାର ଏକ ଜ୍ୱଳନ୍ତ ଉଦାହରଣ, ହାବେଳି ବଜାର ଠାରୁ ମାର୍କେଟ ଛକ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ ଓ ପଣସା ପଂଚାୟତରେ ଦବୀ ଯାଇଥିବା ଏକ ପୋଲର ମରାମତି ଠପ ହୋଇ ପଡ଼ିଥିବା । ବାବୁ ଜଣଙ୍କ ଏଗ୍ରିମେଂଟ କରି ବହୁ ଅର୍ଥ କମାଇଥିବା ସୂଚନା ମିଳେ । ଏପଟେ ଜିଲ୍ଲାରେ ଥିବା ରାସ୍ତା ପ୍ରଶସ୍ତିକରଣ ଓ ଅନ୍ୟାନ୍ୟ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିଛି । ଯାହା ଫଳରେ ଦିନକୁ ଦିନ ସହର ମଧ୍ୟରେ ନିୟମିତ ଭାବେ ଛୋଟ ବଡ଼ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି ଜନସାଧାରଣ । ବିଡ଼ମ୍ବନାର ବିଷୟ ହେଉଛି ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶନାମାକୁ ବେଖାତିର କରିବା ଆର ଏଣ୍ଡ ବି (ପାଣିକୋଇଲି) ଅଧିକାରୀ ବାବୁ ଜଣଙ୍କ ମୁଣ୍ଡ ଉପରେ କେଉଁ ବଡ଼ପଣ୍ଡା ଙ୍କ ହାତ ଅଛି । ଯାହା ଫଳରେ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶକୁ ବି ଖାତିର କରୁ ନାହାନ୍ତି ଆର୍ ଏଣ୍ଡ ବି (ପାଣିକୋଇଲି) ଅଧିକାରୀ ଜଣକ । ବାକି ରହିଥିବା ଘର ଗୁଡ଼ିକୁ ତୁରନ୍ତ ତାଙ୍କର ଅଭୁଆ ସମାଧାନ କରିବା ସହିତ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଯାଜପୁର ସହରର ସମସ୍ତ ଜନସାଧାରଣ ଓ ବୁଦ୍ଧିଜୀବ ମାନେ ଦାବି କରିଛନ୍ତି ।

କାର୍ଯ୍ୟରେ ଯୋଗ ଦେଲେ ନୂତନ ଏସଡିଓ

ଦଶପଲ୍ଲା, ୦୭/୦୭ (ଆ.ପ୍ର) : ଦଶପଲ୍ଲା ବିଦ୍ୟୁତ୍ ବିଭାଗ (ଟିପିସିଓଡିଏଲ)ର ନୂତନ ଉପଖଣ୍ଡ ଅଧିକାରୀ (ଏସଡିଓ) ଭାବେ ସୌମ୍ୟ ରଂଜନ ମହାପାତ୍ର ଆଜି କାର୍ଯ୍ୟରେ ଯୋଗ ଦେଇଛନ୍ତି । ଶ୍ରୀ ମହାପାତ୍ର ଏଥିପୂର୍ବରୁ ବାଙ୍କୀରେ କାର୍ଯ୍ୟ କରୁଥିଲେ । ଅନ୍ୟ ପକ୍ଷରେ ଏଠାରେ କାର୍ଯ୍ୟ କରୁଥିବା ତନ୍ମୟ କୁମାର ପୃଷ୍ଟିକର ଜଟଣୀକୁ ବଦଳି ହୋଇଛି । ଆଜି କାର୍ଯ୍ୟଭାର ଗ୍ରହଣ କରିବା ସମୟରେ ନୂତନ ଏସଡିଓ ଶ୍ରୀ ମହାପାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଦଶପଲ୍ଲାର ବିଭିନ୍ନ ଅଂଚଳରେ ବିଗତ କିଛି ମାସ ହେବ ବିଦ୍ୟୁତ ବିଭ୍ରାଟ, ଲୋ-ଭୋଲଟେଜ୍ ସମେତ ବହୁବିଧ ସମସ୍ୟା ଯୋଗୁଁ ଗ୍ରାହକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଖାଲି ସେତିକି ନୁହେଁ, ବିଦ୍ୟୁତ୍ ବିଭ୍ରାଟ ସମେତ ବିଭିନ୍ନ ସମସ୍ୟା ନେଇ ଗତ ୩୦ ତାରିଖ ଦିନ ଦଶପଲ୍ଲାରେ ମଧ୍ୟ ବନ୍ଦ ପାଳନ କରାଯାଇଥିଲା ଓ ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ହଟିଥିଲା । ଏହି ପରିପ୍ରେକ୍ଷୀରେ, ଶ୍ରୀ ମହାପାତ୍ରଙ୍କ ଯୋଗଦାନ ପରେ ଅଂଚଳର ବିଦ୍ୟୁତ ସେବା ବ୍ୟବସ୍ଥାରେ ସୁଧାର ଆସିବ ଓ ଉପଭୋକ୍ତାମାନେ ସମସ୍ୟାରୁ ମୁକ୍ତି ପାଇବେ ବୋଲି ଆଶା କରାଯାଏ ।

ପଂଚମୁଖୀ ହନୁମାନ ମନ୍ଦିର ପାର୍ଶ୍ୱରେ ଉଚ୍ଛେଦ ଅଭିଯାନ

ଭଦ୍ରକ, ୦୭/୦୭ (ଆ.ପ୍ର) : ଭଦ୍ରକ ସହରର ସାହାପୁରସ୍ଥିତ ପଂଚମୁଖୀ ହନୁମାନ ମନ୍ଦିର ପାର୍ଶ୍ୱବର୍ତୀ ଅଂଚଳରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ଉଚ୍ଛେଦ ଅଭିଯାନ ଚାଲିଥିଲା । ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତୀ, ତହସିଲଦାର ସଂଗ୍ରାମ ପ୍ରିୟଦର୍ଶୀ ଖୁଂଟିଆ, ଡିଆଇବି ଅଧିକାରୀ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ ଏବଂ ବିଭିନ୍ନ ବିଭାଗର ସରକାରୀ ଅଧିକାରୀଙ୍କ ଉପସ୍ଥିତିରେ ଏହି ଅଭିଯାନ ସମ୍ପନ୍ନ ହୋଇଥିଲା । ସୂଚନା ଅନୁଯାୟୀ, ପଂଚମୁଖୀ ହନୁମାନ ମନ୍ଦିର ପାର୍ଶ୍ୱରେ ସରକାରୀ ଜମି ଉପରେ କେତେକ ଘର ଓ ନିର୍ମାଣ ଦୀର୍ଘଦିନ ଧରି ଦଖଲ କରାଯାଇଥିବା ନେଇ ପ୍ରଶାସନ ନିକଟରେ ବିଭିନ୍ନ ସମୟରେ ଅଭିଯୋଗ ଆସୁଥିଲା । ଏହାର ଯାଂଚ ପରେ ପ୍ରଶାସନ ପକ୍ଷରୁ ଆଇନ ଅନୁଯାୟୀ ଉଚ୍ଛେଦ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା । ଉଚ୍ଛେଦ ଅଭିଯାନ ସମୟରେ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ଏବଂ ସମଗ୍ର ପ୍ରକ୍ରିୟା ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଥିଲା ।

ବାଣପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳନ

ଚିଲିକା/ ବାଣପୁର, ୦୭/୦୭ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବାଣପୁର ତାଲୁକ ଆଇନ ସେବା ସମିତି ପକ୍ଷରୁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଉକ୍ତ କାର୍ଯ୍ୟକ୍ରମ ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ବାଣପୁର ଅଦାଲତର ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବାଣପୁର ଜେଏମଏଫସି ଇପ୍ସିତା ପ୍ରିୟା ଏକ୍କା ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ବିଭିନ୍ନ ପ୍ରକାରର ଔଷଧୀୟ ତଥା ଉପକାରୀ ଚାରା ଗୁଡିକ ବିଦ୍ୟାଳୟ ପରିସରରେ ରୋପଣ କରାଯାଇଥିଲା । ପରିଶେଷରେ ଚାରାଗୁଡିକୁ ପୂଜନ ମଧ୍ୟ କରାଯାଇଥିଲା । ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ତଥା ବରିଷ୍ଠ ଆଇନଜୀବୀ ଶ୍ୟାମସୁନ୍ଦର ମିଶ୍ର, ବାଣପୁର ଓକିଲ ସଂଘ ସଭାପତି ଜଗନ୍ନାଥ ଭୋଳ, ବିଦ୍ୟାଳୟର ଆଚାର୍ଯ୍ୟ, ଆଚାର୍ଯ୍ୟା, କର୍ମଚାରୀ, ବନ ବିଭାଗ ଅଧିକାରୀ ଏବଂ କୋର୍ଟ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ସମ୍ପ୍ରତି ପରିସ୍ଥିତିରେ ବୃକ୍ଷରୋପଣ ଅପରିହାର୍ଯ୍ୟ ହୋଇପଡିଥିବା ବରିଷ୍ଠ ଦେୱାନୀ ବିଚାରପତି ଶ୍ରୀ ମହାପାତ୍ର ତାଙ୍କ ବକ୍ତବ୍ୟରେ କହିଥିଲେ । ଦିନକୁଦିନ ପରିବେଶ ଭାରସାମ୍ୟ ସନ୍ତୁଳନ ହରାଉଥିବା ବେଳେ ତାପମାତ୍ରାରେ ପରିବର୍ତ୍ତନ ଘଟୁଛି । ତେଣୁ ଏହାର ଏକମାତ୍ର ବିକଳ୍ପ ହେଉଛି ବୃକ୍ଷରୋପଣ ଏବଂ ଆମ ଭବିଷ୍ୟତ ପିଢ଼ି ମଧ୍ୟ ବୃକ୍ଷରୋପଣ ପ୍ରତି ଯତ୍ନବାନ ହେବା ଦରକାର ବୋଲି କହିଥିଲେ ବିଚାରପତି ଶ୍ରୀ ମହାପାତ୍ର ।

୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସରେ ରପ୍ତାନି କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ସଫଳତା ହାସଲ

ରାଉରକେଲା, ୦୭/୦୭ (ଆ.ପ୍ର) : ସେଲ୍‌ର ରାଉରକେଲା ଇସ୍ପାତ କାରଖାନା ଜୁନ୍ ୨୦୨୬ ଏବଂ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସ (ଏପ୍ରିଲ-ଜୁନ୍)ରେ ବିକ୍ରୟଯୋଗ୍ୟ ଇସ୍ପାତ ଡିସ୍ପାଚ୍ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ସୁପରିକଳ୍ପିତ ରଣନୀତି ଏବଂ ସୁଷ୍ଠୁ ଯୋଜନାବଦ୍ଧ କାର୍ଯ୍ୟପଦ୍ଧତି ମାଧ୍ୟମରେ କାରଖାନା ଘରୋଇ ବଜାରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିବା ସହ ବିଦେଶୀ ବଜାରରେ ମଧ୍ୟ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଜୁନ୍ ୨୦୨୬ ମାସରେ ଆର୍‌ଏସ୍‌ପି ସମୁଦାୟ ୩,୧୬,୪୬୭ ଟନ୍ ବିକ୍ରୟଯୋଗ୍ୟ ଇସ୍ପାତ ଡିସ୍ପାଚ୍ କରିଥିଲା । ଏଥିମଧ୍ୟରୁ ୨,୭୭,୦୧୮ ଟନ୍ ସିଧାସଳଖ ଗ୍ରାହକଙ୍କ ଅର୍ଡର ଅନୁଯାୟୀ ଡିସ୍ପାଚ୍ କରାଯାଇଥିଲା, ଯାହା ଗ୍ରାହକଙ୍କ ତତ୍କାଳ ଆବଶ୍ୟକତା ପୂରଣ ଏବଂ ମଧ୍ୟବର୍ତୀ ପରିଚାଳନାକୁ ହ୍ରାସ କରିବା ଦିଗରେ କାରଖାନାର ଦୃଢ଼ ପ୍ରୟାସକୁ ପ୍ରତିଫଳିତ କରେ । ଏପ୍ରିଲ-ଜୁନ୍ ୨୦୨୬ ତ୍ରୟମାସରେ ମୋଟ ୧୦,୨୩,୯୮୮ ଟନ୍ ଅର୍ଡର ଡିସ୍ପାଚ୍ ମଧ୍ୟରୁ ୮,୨୭,୬୮୦ ଟନ୍ ସିଧାସଳଖ ଗ୍ରାହକଙ୍କ ନିକଟକୁ ପଠାଯାଇଥିଲା, ଯାହା ପ୍ରାୟ ୮୧ ପ୍ରତିଶତ ସିଧାସଳଖ ଡିସ୍ପାଚ୍ ସ୍ତରକୁ ସୂଚିତ କରେ । ଷ୍ଟକ୍‌ୟାର୍ଡ ମାଧ୍ୟମରେ ହୋଇଥିବା ଡିସ୍ପାଚ୍‌କୁ ମିଶାଇଲେ, ଏହି ତ୍ରୟମାସରେ ମୋଟ ଡିସ୍ପାଚ୍ ପରିମାଣ ୯,୬୪,୩୫୦ ଟନ୍‌ରେ ପହଂଚିଥିଲା । ଏହି ସଫଳତା ଆର୍‌ଏସ୍‌ପିର ସିଧାସଳଖ ଡିସ୍ପାଚ୍‌କୁ ସର୍ବାଧିକ କରିବା ଏବଂ ଆଧୁନିକୀକୃତ ଉତ୍ପାଦନ କ୍ଷମତାର ସଦ୍‌ବ୍ୟବହାର କରି ଗ୍ରାହକଙ୍କୁ ଉତ୍ତମ ସେବା ପ୍ରଦାନ କରିବାର ନୀତିର ପ୍ରତିଫଳନ । ଏହା ମାଧ୍ୟମରେ ପରିଚାଳନା ସମୟ ହ୍ରାସ, ସମୟାନୁବର୍ତୀ ବିତରଣ ବ୍ୟବସ୍ଥାର ସୁଧାର ଏବଂ ନିଶ୍ଚିତ ଅର୍ଡର ଅନୁଯାୟୀ ଉତ୍ପାଦନକୁ ସମନ୍ୱିତ କରାଯିବା ଫଳରେ ଗ୍ରାହକ ସନ୍ତୁଷ୍ଟି ଓ କାର୍ଯ୍ୟଦକ୍ଷତା ଉଭୟରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି ।

ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

ଭଦ୍ରକ, ୦୭/୦୭ (ଆ.ପ୍ର) : ଭଦ୍ରକର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ରେ ଆଜି ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଶୁଣାଣିରେ ମୋଟ ୧୮୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ଏଥିରୁ ୧୨୩ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୩୪ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ କ୍ରସ ଅଧିନସ୍ଥ ୨୫ଟି ଅଭିଯୋଗ ରହିଥିଲା । ଶୁଣାଣି ସମୟରେ ୧୨ଟି ଅଭିଯୋଗର ସ୍ଥଳୀୟ ସମାଧାନ କରାଯାଇଥିଲା । ଜିଲ୍ଲା ରେଡକ୍ରସ ପାଣ୍ଠି ମାଧ୍ୟମରେ ୨୫ଜଣ ଅଭିଯୋଗକାରୀଙ୍କୁ ମୋଟ ୯୪,୫୦୦/- ଟଙ୍କା ମଞ୍ଜୁର କରାଯାଇଛି । ଏହି ଜନ ଅଭିଯୋଗ ଶୁଣାଣିରେ, ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ, ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବି ନାରାୟଣ ସାହୁ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରମୋଦ ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିରଂଜନ ମଲ୍ଲିକ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ ତମ ସ୍ମୃତି ପକ୍ଷ

ଜଗତସିଂହପୁର, ୦୭/୦୭ (ଆ.ପ୍ର) : ଭାରତୀୟ ଜନତା ପାର୍ଟି ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ ତମ ସ୍ମୃତି ପକ୍ଷ ସଭା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ପ୍ରତାପ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସ୍ମୃତି ପକ୍ଷ ରେ ଜିଲ୍ଲା ପ୍ରଭାରୀ ସୁବାଷ ଜେନା, ପ୍ରାକ୍ତନ ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ତ୍ରିତୋଲ ନେତା ରାଜକିଶୋର ବେହେରା ଅତିଥି ଭାବରେ ଯୋଗଦେଇ ଡକ୍ଟର ମୁଖାର୍ଜୀଙ୍କ ସ୍ମୃତି ଚାରଣ କରିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ । ଏଥିରେ ଜିଲ୍ଲାର କୋର କମିଟି ଓ ଜିଲ୍ଲା କମିଟି ର ସମସ୍ତ ସଦସ୍ୟ ଯୋଗ ଦେଇ ଥିଲେ, ସମସ୍ତ ମଣ୍ଡଳ ସଭାପତି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସଭାକୁ ସାଫଲ୍ୟମଣ୍ଡିତ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଭାରତୀୟ ଜନତା ପାର୍ଟି ଜିଲ୍ଲା ଉପସଭାପତି ସୁବାଷ ଜେନା ସୁଚାରୁରୂପେ ମଂଚ ପରିଚାଳନା କରିଥିଲେ । ସଭା ଶେଷରେ ଜଗତସିଂହପୁର ପୌରପରିଷଦ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଶୋଇ ଉପସ୍ଥିତ ସମସ୍ତ ଅତିଥି ଓ କାର୍ଯ୍ୟକର୍ତାଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

ଚିନ୍ତାରେ ଅସହାୟ ଯୁବକଙ୍କ ଦେହାନ୍ତ

ଦଶପଲ୍ଲା, ୦୭/୦୭ (ଆ.ପ୍ର) : ନୟାଗଡ ଜିଲ୍ଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ମଧ୍ୟଖଣ୍ଡ ପଂଚାୟତର ସ୍ୱର୍ଗତ ଦୟାନିଧି ସାହୁଙ୍କ ପୁତ୍ର ବିଦ୍ୟାଧର ସାହୁ (୫୫ ବର୍ଷ) ସୋମବାର ଦିନ ମୃତ୍ୟୁ ବରଣ କରିଥିବା ଜଣାପଡିଛି । ସୂଚନା ଅନୁସାରେ ଗତ ୪୦ ବର୍ଷ ଧରି ମଧ୍ୟଖଣ୍ଡ ଡାକ୍ତରଖାନା ପାର୍ଶ୍ୱ ରେ ଘର କରି ଜୀବନ ଯାପନ କରିଆସୁଥିଲେ । ମୂଲ ଲାଗି ଘର ଚଳାଇବା ତାଙ୍କର ଥିଲା ଏକ ମାତ୍ର ରୋଜଗାର । ଗତ କିଛି ଦିନ ପୂର୍ବରୁ ସେ ପାକସ୍ଥଳୀ ରୋଗରେ ପୀଡିତ ଥିଲେ । ଅର୍ଥ ଅଭାବରୁ ଅଧିକ ଚିକିତ୍ସା କରିପାରି ନ ଥିଲେ । ଅନ୍ୟ ପକ୍ଷରେ ସେ ୪୦ ବର୍ଷ ଧରି ରହୁଥିବା ଘରଟି ମଧ୍ୟଖଣ୍ଡ ଡାକ୍ତରଖାନାର ନୂତନ ଘର ନିର୍ମାଣ ଉଦେଶ୍ୟ ରେ ନୋଟିସ କରାଯାଇ ବିଦ୍ୟାଧରଙ୍କ ଘର ପ୍ରଶାସନ ପକ୍ଷରୁ ଭଙ୍ଗା ଯାଇଥିଲା । ଏପଟେ ରୋଗ ଅନ୍ୟ ପଟେ ଘର ଭାଙ୍ଗିବା ଚିନ୍ତାରେ ଆଖି ବୁଜିଥିଲେ ବିଦ୍ୟାଧର । ସୂଚନା ମୁତାବକ ଘର ଭାଙ୍ଗିବା ପରେ ସେ ଦଣ୍ଡହରା ପଡିଆ ପାଖରେ ଏକ ପରିତ୍ୟକ୍ତ ଘରେ ରହୁଥିବା ଜଣାପଡିଛି । ଡାକ୍ତରଖାନାର ନୂତନ ଗୃହ ନିର୍ମାଣ ନିମନ୍ତେ ବିଦ୍ୟାଧରଙ୍କ ଘର ଭଙ୍ଗାଗଲା ମାତ୍ର ପ୍ରଶାସନ ପକ୍ଷରୁ କୌଣସି କ୍ଷତିପୂରଣ ମିଳିଲା ନାହିଁ । ଦେଖାଯାଉ ବିଦ୍ୟାଧରଙ୍କ ମୃତ୍ୟୁ ପରେ ପ୍ରଶାସନ ପକ୍ଷରୁ କି ପଦକ୍ଷେପ ନିଆଯାଉଛି ତାହା ଦେଖିବାକୁ ବାକି ରହିଲା ।

ବଲେରୋ- କମାଣ୍ଡର ଧକ୍କା: ୨ ମୃତ, ଏକାଧିକ ଯାତ୍ରୀ ଗୁରୁତର

ସୁନ୍ଦରଗଡ଼, ୦୭/୦୭ (ଆ.ପ୍ର) : ଆଜି ଅପରାହ୍ଣ ୨ଟାରେ ସୁନ୍ଦରଗଡ଼ ସଦରଥାନା ପାତକିଯୋର ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ପରସ୍ପର ବିପରୀତ ଦିଗରେ ଦ୍ରୁତଗତିରେ ଆସୁଥିବା ବଲେରୋ ଓ ଯାତ୍ରୀବାହୀ କମାଣ୍ଡର ମୁହାଁମୁହିଁ ଧକ୍କା ହୋଇଛି । ଦୁର୍ଘଟଣାରେ କମାଣ୍ଡର ଚଳାଉଥିବା ମାଲିକଙ୍କ ସମେତ ୨ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଏକାଧିକ ଯାତ୍ରୀ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି । ମୃତକ ମାଲିକ ହେଲେ କିଞ୍ଜିରକେଲାର ରୋହିତ ତନ୍ତୀ । ଅନ୍ୟ ମୃତକଙ୍କ ପରିଚୟ ମିଳିନାହିଁ । କମାଣ୍ଡର ଭିତରେ ତାଙ୍କ ମୃତଦେହ ରହିଥିବା ପ୍ରତ୍ୟକ୍ଷଦର୍ଶୀ ସୂଚନା ଦେଉଛନ୍ତି । ରୋହିତ ନିୟମିତ ସୁନ୍ଦରଗଡ଼କୁ ନିଜ କମାଣ୍ଡରରେ ଯାତ୍ରୀ ନେବାଆଣିବା କରିଥାନ୍ତି । ସେ ସୁନ୍ଦରଗଡ଼ରୁ ଯାତ୍ରୀ ନେଇ କିଞ୍ଜିରକେଲା ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ବଲେରୋ ସହ ଧକ୍କା ହୋଇଛି । ଧକ୍କା ଏତେ ଜୋର୍ ଥିଲା ଯେ ଗାଡ଼ିଗୁଡ଼ିକୁ ରାସ୍ତାକଡ଼କୁ ଛିଟକି ପଡ଼ିଛି । ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇଛନ୍ତି । ସଦରଥାନା ପୁଲିସ ଘଟଣାସ୍ଥଳରେ ପହଂଚିଛି । କିଞ୍ଜିରକେଲା- ସୁନ୍ଦରଗଡ଼ ରାସ୍ତାରେ ଆଦୌ ଫିଟନେସ୍ ନଥିବା, ଅତି ପୁରୁଣା ଗାଡ଼ିକୁ ଅନଭିଜ୍ଞ ଚାଳକ ଏପରିକି ହେଲପର୍ ଚଲାଇ ଅସୁରକ୍ଷିତ ଭାବେ ଯାତ୍ରୀ ବୋହୁଥିବା ଅଭିଯୋଗ ରହିଛି । ହେଲେ ମୋଟରଯାନ ନିରୀକ୍ଷକଙ୍କ ଯାଂଚ ହେଉନାହିଁ ।

ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ମାନସିକ ଅସୁସ୍ଥତା ଏବଂ ବୌଦ୍ଧିକ ଅକ୍ଷମତା ଉପରେ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୦୭/୦୭ (ଆ.ପ୍ର) : ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲା ନ୍ୟାୟାଳୟ ଭଦ୍ରକର ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶକ୍ରମେ କ୍ରମେ ସାଇ ସ୍ୱରୂପା ମାନସିକ ଭିନ୍ନକ୍ଷମ ବିଦ୍ୟାଳୟ (ମାନସିକ ଅସୁସ୍ଥତା ଏବଂ ବୌଦ୍ଧିକ ଅକ୍ଷମତା ଥିବା ବ୍ୟକ୍ତିମାନଙ୍କୁ ଆଇନଗତ ସେବା) ନାଲସା ଯୋଜନା, ୨୦୨୪ ଅନ୍ତର୍ଗତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ । ଅତିଥି ଭାବେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ଭଦ୍ରକ ସ୍ମିତା ମାଝି, ଏଲ ଏ ଡି ସି ଭଦ୍ରକ, ଡେପୁଟି, ପ୍ରତିପକ୍ଷ ଅଧିବକ୍ତା, ମୋଜାହିଦ ଅଖତର ଖାନ, ଏଲ ଏ ଡି ସି, ଭଦ୍ରକ ,ସହାୟକ ପ୍ରତିପକ୍ଷ ଅଧିବକ୍ତା ବହ୍ନିଶିଖା ବିଶ୍ୱାଳ । ପ୍ରଧାନ ଶିକ୍ଷୟିତ୍ରୀ, ରଜନିରାଣୀ ପତି, ପରିଚାଳକ, ଶରତ କୁମାର ଆଚାର୍ଯ୍ୟ ତଥା ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଗଣ ଏବଂ ସେମାନଙ୍କ ଅଭିଭାବକ ଭାବେ ପିତା ମାତା ଉପସ୍ଥିତ ଥିଲେ । ମାନସିକ ଅସୁସ୍ଥତା ଏବଂ ବୌଦ୍ଧିକ ଅକ୍ଷମତା ଥିବା ବ୍ୟକ୍ତିବିଶେଷଙ୍କ ପାଇଁ ପରିବାରର ସଦସ୍ୟମାନେ ଏକ ଅମୂଲ୍ୟ ସମ୍ପଦ । ମାନସିକ ରୋଗ ହେଉଛି ଏପରି ଏକ ବ୍ୟାଧି ଯାହା ଜଣେ ବ୍ୟକ୍ତିଙ୍କ ମନୋଭାବ, ଚିନ୍ତାଧାରା କିମ୍ବା ଆଚରଣକୁ ପ୍ରଭାବିତ କରେ । ସେଥିପାଇଁ ସେମାନଙ୍କୁ ଭଲ ବ୍ୟବହାର, ମାନସିକ ରୋଗର ସୁ-ପରିଚାଳନା ଏବଂ ମୁକାବିଲା ପାଇଁ ସୁସ୍ଥ ଦୈନନ୍ଦିନ ଅଭ୍ୟାସ ସହ ନିର୍ଦ୍ଧାରିତ ଭାବରେ ଔଷଧ ସେବନ, ସନ୍ତୁଳିତ ଖାଦ୍ୟ ଖାଇବା ତଥା ନିୟମିତ ଶାରୀରିକ ବ୍ୟାୟାମ କରିବା ଇତ୍ୟାଦି ବିଷୟରେ ସଚେତନ କରାଯାଇଥିଲା ।

ଷ୍ଟାଣ୍ଡିଙ୍ଗ କମିଟି ବୈଠକରେ ପାରଳାରେ ଆୟୁର୍ବେଦିକ ମେଡ଼ିକାଲ କଲେଜର ଭିତିଭୂମି ପ୍ରସ୍ତର କେବେହେବ ପ୍ରଶ୍ନ କଲେ ବିଧାୟକ

ପାରଳାଖେମୁଣ୍ଡି, ୦୭/୦୭ (ଆ.ପ୍ର) : ଆଜି ଭୁବନେଶ୍ୱର ସ୍ଥିତ ବିଧାନସଭା ସ୍ୱତନ୍ତ୍ରଗୃହ ଠାରେ ଷ୍ଟାଣ୍ଡିଙ୍ଗ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଷ୍ଟାଣ୍ଡିଙ୍ଗ କମିଟି ବୈଠକ ବିଧାୟକ ବିଭୂତି ଭୂଷଣ ପ୍ରଧାନଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା । ମାନ୍ୟବର ପାରଳା ବିଧାୟକ ରୂପେଶ ପାଣିଗ୍ରାହୀ ଏହି ବୈଠକରେ ଉପସ୍ଥିତ ରହି ଗଜପତି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ସମସ୍ୟା ସହ ଗଜପତି ଜିଲ୍ଲାରେ ଆୟୁର୍ବେଦିକ ମେଡ଼ିକାଲ କଲେଜ ସ୍ଥାପନ କେବେ ହେବ ବୋଲି ପ୍ରଶ୍ନ କରିଥିଲେ । ବିଗତ ମାସରେ ଗଜପତି ଓ ରାୟଗଡ଼ା ଜିଲ୍ଲା ଗ୍ରସ୍ତ କରିଥିଲେ ସ୍ୱାସ୍ଥ୍ୟ ସଚିବ ଓ ବିଭିନ୍ନ ସମସ୍ୟା ବୁଲି ଦେଖିଥିଲେ ଓ ତୁରନ୍ତ ଏଥିପ୍ରତି ଧ୍ୟାନଦେଇ ତୁରନ୍ତ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ମଧ୍ୟଦେଇଥିଲେ । ଏଇ ସବୁ ବିଷୟ ନେଇ ଷ୍ଟାଣ୍ଡିଙ୍ଗ କମିଟି ସଭାପତି ଓ ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ପ୍ରଶ୍ନ କରିଥିଲେ ବିଧାୟକ । ପ୍ରତ୍ୟେକ ଜିଲ୍ଲା ଭଳି ଗଜପତି ଜିଲ୍ଲାରେ ଆୟୁର୍ବେଦିକ ମେଡ଼ିକାଲ ନିର୍ମାଣ କରିବ ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ କିନ୍ତୁ ଆଜି ପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ କେବେ ଭିତିଭୂମିପ୍ରସ୍ତର ହେବ ବୋଲି ପ୍ରଶ୍ନ କରିଥିଲେ ବିଧାୟକ । ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗରମରେ ହନ୍ତସନ୍ତ ରୋଗୀ । ହସ୍ପିଟାଲର ବିଭିନ୍ନ ୱାର୍ଡରେ ଲାଗିଥିବା ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ଦୀର୍ଘଦିନ ଧରି ଅଚଳ ଅବସ୍ଥାରେ ପଡି ରହିଥିବାରୁ ରୋଗୀ ଓ ରୋଗୀ ସମ୍ପର୍କୀୟ ଭୟଙ୍କର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବର୍ତ୍ତମାନର ମଧ୍ୟ ତାଡି ମଧ୍ୟରେ ହସ୍ପିଟାଲର ବିଭିନ୍ନ ୱାର୍ଡ, ଶିଶୁ ଓ ପ୍ରସୂତୀ ବିଭାଗ ଏବଂ ଆଇସିୟୁରେ ଲାଗିଥିବା ଏସି କାମ କରୁନଥିବାରୁ ରୋଗୀଙ୍କ ଯନ୍ତ୍ରଣା ଦ୍ୱିଗୁଣିତ ହେଉଥିବା ଅଭିଯୋଗ ହେଉଛି । ଏଥି ପ୍ରତି ଧ୍ୟାନ ଦେବା ସହ ଡାକ୍ତର ଓ ନର୍ସଙ୍କ ନିଯୁକ୍ତି ସାରା ଜିଲ୍ଲାରେ ରହିଛି ବୋଲି ବିଧାୟକ ଜଣାଇଛନ୍ତି । ସେହଭଳି ଗୁମ୍ମା, ଗାଇବା, କାଶୀନଗର, ମୋହନା, ଉଦୟଗିରି, ଜିଲ୍ଲାରେ ଥିବା ସମସ୍ତ ଚିକିତ୍ସାଳୟରେ ଡାକ୍ତର ଓ ନର୍ସ ନିଯୁକ୍ତିର ଆବଶ୍ୟକ ରହିଛି ବୋଲି ବିଧାୟକ ଦାବି ଜଣାଇଛି । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରଶାନ୍ତ ବେହେରା, ବିଧାୟକ ରମା ଚରଣ ମଲ୍ଲିକ, ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ବିଧାୟକ ସୁଭାଷିନୀ ଜେନା, ବିଧାୟକ ସତ୍ୟଜିତ ଗମାଙ୍ଗ, ସହ ସ୍ୱାସ୍ଥ୍ୟ ସଚିବ ପ୍ରମୁଖ ଉପସ୍ଥିତ ଥିଲେ ।

ରାଡଙ୍ଗ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ

ଜଗତସିଂହପୁର, ୦୭/୦୭ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ରାଡଙ୍ଗ ଉଚ୍ଚ ବିଦ୍ୟାଳୟରେ ୭୭ ତମ ବନ ମହୋତ୍ସବ ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା । ଏହି ଉପଲକ୍ଷେ ପ୍ରଧାନଶିକ୍ଷକ ଅକ୍ଷୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେଶ ଚନ୍ଦ୍ର ରାଉତ ଓ ସମ୍ମାନନୀୟ ଅତିଥି ଭାବେ ଶିକ୍ଷାବିତ ପ୍ରଫୁଲ୍ଲ ଚନ୍ଦ୍ର ଦାସ ଯୋଗ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ଇନ୍‌ସାଫର ବୈଷୟିକ ଉପଦେଷ୍ଟା ଉତ୍କଳ ରଞ୍ଜନ ମହାନ୍ତି ଯୋଗ ଦେଇ ଜୀବ ଜଗତର ସୁରକ୍ଷା ପାଇଁ ବୃକ୍ଷର ଆବଶ୍ୟକତା ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସି ଆରସିସି ଚିନ୍ମୟ ରଥ, ଉ.ପ୍ରା.ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତରୁଣ କୁମାର ଜେନା, ଶିକ୍ଷକ ସୁକାନ୍ତ ପାଲ୍ ଓ ପ୍ରାକ୍ତନ କର୍ମଚାରୀ ଶୁକଦେବ ଜେନା ଯୋଗ ଦେଇଥିଲେ । ଶିକ୍ଷା କର୍ମୀ ନିମାଇଁ ଚରଣ ରାଉତ ଓ ସନ୍ତୋଷ କୁମାର ରାଉତ ସହଯୋଗ କରିଥିଲେ । ଶେଷରେ ଶିକ୍ଷକ ବିରେନ୍ଦ୍ର ବାରିକ ଧନ୍ୟବାଦ ଦେଇଥିଲେ ।

ଅବକାରୀ ଗାଇଡ଼ଲାଇନକୁ ଫୁ ! ଏନଏଚ ଠାରୁ ୨୨୦ ମିଟର ବଦଳରେ ୯୦ ମିଟରରେ ମଦ ଦୋକାନ ନିର୍ମାଣ ଅଭିଯୋଗ

ଭବାନୀପାଟଣା, ୦୭/୦୭ (ଆ.ପ୍ର) : ମଦନପୁର ରାମପୁରରେ ନୂଆ ଲଟେରୀ ମଦ ଦୋକାନକୁ ନେଇ ତେଜିଲା ବିବାଦ ମଦନପୁର ରାମପୁର, କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ଅଂଚଳରେ ନୂଆ ଲଟେରୀ ମାଧ୍ୟମରେ ମଦ ଦୋକାନ ପାଇଥିବା ଦୋକାନ ମାଲିକ ପ୍ରକାଶ ଅଗ୍ରୱାଲଙ୍କ ବିରୋଧରେ ଅବକାରୀ ବିଭାଗର ଗାଇଡ଼ଲାଇନ ଉଲ୍ଲଂଘନ ଅଭିଯୋଗ ଉଠିଛି । ଅଭିଯୋଗ ଅନୁଯାୟୀ, ଜାତୀୟ ରାଜପଥ (ଏନଏଚ) ନିକଟରେ ମଦ ଦୋକାନ ସ୍ଥାପନ ପାଇଁ ସରକାର ନିର୍ଦ୍ଧାରିତ ଦୂରତା ୨୨୦ ମିଟର ଥିବାବେଳେ, ପ୍ରାୟ ୯୦ ମିଟର ଦୂରରେ ଦୋକାନ ନିର୍ମାଣ କାମ ଚାଲିଥିବା ଚର୍ଚ୍ଚା ହେଉଛି । ଅବକାରୀ ନିୟମ ଅନୁସାରେ ଜାତୀୟ ରାଜପଥ, ଶିକ୍ଷାନୁଷ୍ଠାନ, ଧାର୍ମିକ ସ୍ଥାନ ଓ ଜନବସତି ନିକଟରେ ମଦ ଦୋକାନ ସ୍ଥାପନ ଉପରେ କଡ଼ା ନିୟମ ରହିଛି । କିନ୍ତୁ ସେହି ନିୟମକୁ ଖୋଲାଖୋଲି ଅବହେଳା କରାଯାଉଥିବା ଅଭିଯୋଗ ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏନଏଚ ନିକଟରେ ମଦ ଦୋକାନ ରହିଲେ ସଡ଼କ ଦୁର୍ଘଟଣା ବଢ଼ିବା ସହ ସାମାଜିକ ପରିବେଶ ଉପରେ ମଧ୍ୟ ଖରାପ ପ୍ରଭାବ ପଡ଼ିପାରେ । ଏହାକୁ ନେଇ ସ୍ଥାନୀୟ ବାସିନ୍ଦା ତୁରନ୍ତ ତଦନ୍ତ ସହ ଦୋକାନ ନିର୍ମାଣ ବନ୍ଦ କରିବାକୁ ଦାବି କରିଛନ୍ତି । ଏହି ଘଟଣାକୁ ନେଇ ଏବେ ଅବକାରୀ ବିଭାଗ ଓ ଜିଲ୍ଲା ପ୍ରଶାସନ କେମିତି ପଦକ୍ଷେପ ନେଉଛି, ସେଥିପାଇଁ ସାଧାରଣରେ ଅପେକ୍ଷା ।

କଲ୍ୟାଣସିଂହପୁର ମଣ୍ଡଳରେ ଡ଼କ୍ଟର ଶ୍ୟାମ ପ୍ରସାଦ ମୁଖାର୍ଜୀଙ୍କ ୧୨୫ ତମ ଜନ୍ମ ଜୟନ୍ତୀ ପାଳିତ

ରାୟଗଡ଼ା, ୦୭/୦୭ (ଆ.ପ୍ର) : ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁରର ପୂର୍ତ୍ତ ବିଭାଗର ବଙ୍ଗଳା ଠାରେ ମଣ୍ଡଳ ସଭାପତି ଅଜିତ ପାଣିଗ୍ରାହୀଙ୍କ ନିର୍ଦ୍ଦେଶ କ୍ରମେ ପୂର୍ବତନ ମଣ୍ଡଳ ସଭାପତି ରାମାରାଓ କାତ୍ରାକାଙ୍କ ନେତୃତ୍ୱରେ ଭାରତୀୟ ଜନସଂଘର ପ୍ରତିଷ୍ଠାତା, ମହାନ ରାଷ୍ଟ୍ରନାୟକ ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଡଃ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଦେଶପ୍ରେମ, ଦୂରଦୃଷ୍ଟି, ରାଷ୍ଟ୍ରନିଷ୍ଠା ଏବଂ ଏକ ଭାରତ–ଶ୍ରେଷ୍ଠ ଭାରତର ସମାଜ ପାଇଁ ପ୍ରେରଣା ହୋଇ ପାରିଛନ୍ତି । ଏହି ଅବସରରେ ଭାରତ ମାତା, ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ଓ ଡ଼କ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଫୋଟ ଚିତ୍ର ରଖି ଧୂପ ଦୀପ ଦେଇ ପୁଷ୍ପ ମାଲ୍ୟାର୍ପଣ କରି ସ୍ମୃତିଚାରଣ କରଯାଇଥିଲା । ଏହି କାର୍ଯ୍ୟକ୍ରମରେ ବରିଷ୍ଠ କର୍ମୀ ଗୌରୀ ଶଙ୍କର ପଟନାୟକ, ନାରାୟଣପୁର ପଂଚାୟତଉପ ସଭାପତି, ବିଶ୍ୱନାଥ କାତ୍ରାକା ପଂଚାୟତ ପ୍ରମୁଖ କଲ୍ୟାଣସିଂହପୁର କାମାକ୍ଷା ପାଢ଼ୀ, ମଣ୍ଡଳ ଉପ ସଭାପତି ସନ୍ତୋଷ କୁମାର ବଛା, ସିଙ୍ଗାରି ପଂଚାୟତ ଉପ ସଭାପତି ଦଳରାମ ନାଏକ, ମଣ୍ଡଳ ସମ୍ପାଦକ କୈଳାସ ଚନ୍ଦ୍ର କାତ୍ରାକା, ସିଙ୍ଗାରି ପଂଚାୟତ ପ୍ରମୁଖ ଚନ୍ଦନ ଗଡବିଷି, ନାରାୟଣ ପୁର ପଂଚାୟତ ପ୍ରଭାରୀ ଭବାନୀ ଶଙ୍କର ପୁସିକା, କୃଷକ ମୋର୍ଚ୍ଚା ମଣ୍ଡଳ ସାଧାରଣ ସମ୍ପାଦକ ଚକ୍ରଧର ପ୍ରାସ୍କା, ନକୁଳ ବେନିଆଓ ଦଳୀୟ କାର୍ଯ୍ୟକର୍ତା ପ୍ରମୁଖ ଉପସ୍ଥିତ ରହିଥିଲେ ।

ବିଜେପି ମଂଚରେ ସମୀର ଓ ଶାରଦା କେବେ ଯୋଡ଼ି ହେବେ ପ୍ରଭାତ ଓ ସୁମନ୍ତ

ନିଶ୍ଚିନ୍ତକୋଇଲି, ୦୭/୦୭ (ଆ.ପ୍ର) : ଡ଼ଃ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜୟନ୍ତୀ ଅବସରରେ ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅଧିନସ୍ଥ କୁନିଆ ସ୍ଥିତ ଶ୍ରୀ ଶ୍ରୀ ରଘୁନାଥଜୀଉଙ୍କ ମନ୍ଦିର ପରିସରରେ ଡ଼ଃ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀ ପାଳିତ ହେବା ସହ ଭାରତୀୟ ଜନତା ପାର୍ଟି କଟକ(ଗ୍ରାମୀଣ)ଜିଲ୍ଲା କାର୍ଯ୍ୟକର୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ବିଜେପି କାର୍ଯ୍ୟକର୍ତା ସମ୍ମିଳନୀରେ ମାହାଙ୍ଗା ସ୍ୱାଧୀନ ବିଧାୟକ ଶାରଦାପ୍ରସାଦ ପ୍ରଧାନ, କଟକ ଜିଲ୍ଲା ଗ୍ରାମୀଣ ବିଜେପି ସଭାପତି ରାମନାରାୟଣ ମହାନ୍ତି, ରାଜ୍ୟ ବିଜେପି ଉପସଭାପତି ଗୌତମ ରାୟ, ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ଚୌଧୁରୀ ହେମନ୍ତ ସାହୁ, କୁଞ୍ଜମୋହନ ସେଠୀ, ଆଠଗଡ଼ ବିଜେପି ବିଧାୟକ ପ୍ରାର୍ଥୀ ଅଭୟ କୁମାର ବାରିକ, ସାଲେପୁର ବିଜେପି ବିଧାୟକ ପ୍ରାର୍ଥୀ ଅରିନ୍ଦମ ରାୟ ୨୦୧୪ ମସିହାରେ ମାହାଙ୍ଗା ବିଧାନସଭା କ୍ଷେତ୍ରରେ ନିର୍ବାଚନ ଲଢିଥିବା ବିଜେପି ବିଧାୟକ ପ୍ରାର୍ଥୀ ସମୀର କୁମାର ସାମଲ ମଂଚାସୀନ ହୋଇଥିବା ଦେଖିବାକୁ ମିଳିଥିଲା । ହେଲେ ଗତ ୨୦୨୪ ସାଧାରଣ ନିର୍ବାଚନରେ ମାହାଙ୍ଗାରୁ ବିଜେପି ବିଧାୟକ ପ୍ରାର୍ଥୀ ହୋଇଥିବା ଶ୍ରୀମାନ୍ ସୁମନ୍ତ କୁମାର ଘଡ଼ାଇ ଓ ପୂର୍ବରୁ ବିଜେପି ବିଧାୟକ ପ୍ରାର୍ଥୀ ହୋଇଥିବା ଚୌଧୁରୀ ପ୍ରଭାତକେଶରୀ ମିଶ୍ରଙ୍କୁ ବିଜେପି କାର୍ଯ୍ୟକର୍ତା ସମ୍ମିଳନୀରେ ଦେଖିବା ପାଇଁ ମିଳିନଥିଲା । ଯାହାକୁ ନେଇ ରାଜନୈତିକ ବିଶାରଦମାନଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି । ବିଜେପି ଦଳୀୟ କାର୍ଯ୍ୟକ୍ରମରେ ସ୍ୱାଧୀନ ବିଧାୟକ ମଂଚାସୀନ ହେବା ଏବଂ ଅନ୍ୟ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପରାଜିତ ବିଜେପି ବିଧାୟକ ପ୍ରାର୍ଥୀ ଉପସ୍ଥିତ ରହିଥିବା ବେଳେ ମାହାଙ୍ଗା ବିଧାନସଭା କ୍ଷେତ୍ରରୁ ପରାଜିତ ବିଜେପି ବିଧାୟକ ପ୍ରାର୍ଥୀ ସୁମନ୍ତ କୁମାର ଘଡ଼ାଇଙ୍କୁ ଦେଖିବାକୁ ମିଳିନଥିଲା । ଏହା ବିଜେପିର ଦଳୀୟ କାର୍ଯ୍ୟକ୍ରମ । ଏହି ଜିଲ୍ଲାସ୍ତରୀୟ ଦଳୀୟ କାର୍ଯ୍ୟକ୍ରମକୁ ଜିଲ୍ଲା ବିଜେପି ଓ ରାଜ୍ୟ ବିଜେପି ପକ୍ଷରୁ ମାହାଙ୍ଗା ବିଜେପି ବିଧାୟକ ପ୍ରାର୍ଥୀ ଶ୍ରୀମାନ୍ ଘଡ଼ାଇଙ୍କୁ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ସୂଚନା ପ୍ରଦାନ କରାଯାଇଥିଲା କି ନାହିଁ ତାହା ରାଜ୍ୟ ବିଜେପି ଗଣମାଧ୍ୟମ ଜରିଆରେ ଜଣାଇବାକୁ ସାଧାରଣରେ ଆଲୋଚନା ହେଉଥିବା ବେଳେ ଯଦି ଶ୍ରୀମାନ୍ ଘଡ଼ାଇଙ୍କୁ ଦଳ ପକ୍ଷରୁ କାର୍ଯ୍ୟକ୍ରମରେ ସାମିଲ ହେବାକୁ ସୂଚନା ପ୍ରଦାନ କରାଯାଇଥିଲା ଏବଂ ସିଏ କାର୍ଯ୍ୟକ୍ରମରେ ଯୋଗ ଦେଇନଥିଲେ ତାହେଲେ ତାଙ୍କୁ ରାଜ୍ୟ ବିଜେପି ପକ୍ଷରୁ କାରଣ ଦର୍ଶାଅ ନୋଟିସ ପଠାଇ ତାର ଉତର ଗଣମାଧ୍ୟମରେ ରାଜ୍ୟ ବିଜେପି ପ୍ରକାଶିତ କରୁ ବୋଲି ମାହାଙ୍ଗାର ବହୁ ବିଜେପି କାର୍ଯ୍ୟକର୍ତା ରାଜ୍ୟ ବିଜେପି ସାଂଗଠନିକ ନେତୃମଣ୍ଡଳୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

ଜି.ଉଦୟଗିରି ଠାରେ ଅଡିଟୋରୀୟମ ତଥା ସ୍ମାର୍ଟ ଲାଇବ୍ରେରୀ ପାଇଁ ଭିତିପ୍ରସ୍ତର ସ୍ଥାପନ

ଜି.ଉଦୟଗିରି, ୦୭/୦୭ (ଆ.ପ୍ର) : ଜି.ଉଦୟଗିରି ବିଜ୍ଞାପିତ ଅଂଚଳ ପରିଷଦ ନିମନ୍ତେ ନୂତନ ଭାବେ ୨.୯୫ କୋଟି ମୂଲ୍ୟର ଅଡିଟୋରୀୟମ ତଥା ସ୍ମାର୍ଟ ଲାଇବ୍ରେରୀ ନିର୍ମାଣ ନିମନ୍ତେ ମାନ୍ୟବର ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ସୋମବାର ଦିନ ଆଭାସି ମାଧ୍ୟମରେ ଭିତିପ୍ରସ୍ତର ସ୍ଥାପନ କରାଯାଇଥିଲା । ମଙ୍ଗଳବାର ପରିଷଦ ଅଧକ୍ଷା ସୁଶ୍ରୀ ଦେବସ୍ମିତା ଶତପଥୀଙ୍କ ଦ୍ୱାରା ୮ ନମ୍ବର ୱାର୍ଡ଼ ଅନ୍ତର୍ଗତ ପୁରୁଣା ଟାଉନ ହଲ ଠାରେ ପରିଷଦ ଅଂଚଳବାସୀଙ୍କ ପାଇଁ ହେବାକୁ ଥିବା ଉକ୍ତ ପ୍ରକଳ୍ପର ଭିତିପ୍ରସ୍ତର ଫଳକ ସ୍ଥାପନା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପରିଷଦର ଉପାଧକ୍ଷ ସନ୍ତୋଷ କୁମାର ବାଘ, କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, କାଉନସିଲର ବୃନ୍ଦ, ସହକାରୀ ଯନ୍ତ୍ରୀ ସୁଶାନ୍ତ ସାହୁ ଓ କର୍ମଚାରୀ ଉପସ୍ଥିତ ଥିଲେ । ଏହି ପ୍ରକଳ୍ପ ସହରବାସୀଙ୍କ ବହୁ ଦିନର ଦାବି ରହିଥିଲା ଯାହାକୁ ପୂର୍ବତନ ଅଧକ୍ଷା ସ୍ୱର୍ଗତା ଭାନୁପ୍ରଭା ମିଶ୍ର ନିର୍ମାଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ଯାହାକୁ ବର୍ତ୍ତମାନର ଅଧକ୍ଷା ଦେବସ୍ମିତା ପୂରଣ କରିଛନ୍ତି । ଏହି ପ୍ରକଳ୍ପ ଦ୍ୱାରା ସହରବାସୀ ଉନ୍ନତ ମାନର ସହରୀ ସୁବିଧା ପାଇପାରିବେ ।

ପଂଚାୟତ ବିକାଶ ଯୋଜନା ପ୍ରସ୍ତୁତି ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ

ରାୟଗଡ଼, ୦୭/୦୭ (ଆ.ପ୍ର) : ରାୟଗଡ଼ ବ୍ଲକ ସଦଭାବନା ସଭାଗୃହ ଠାରେ ପଂଚାୟତ ବିକାଶ ଯୋଜନା ପ୍ରସ୍ତୁତି ସମ୍ପର୍କିତ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହାର ଉଦଘାଟନୀ ଉତ୍ସବରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଜିତ କୁମାର ମିଶ୍ର, ବ୍ଲକ୍ ଉପାଧକ୍ଷ ହର ପ୍ରସାଦ ହିକ୍କା, ରାଜ୍ୟ ସ୍ତରୀୟ ସମ୍ବଳ ବ୍ୟକ୍ତିତ୍ୱ ରବି ନାରାୟଣ ଶତପଥୀ, ଜିପିଡିଓ ସ୍ମୃତିରେଖା ନାୟକ, ପେସା ସଂଯୋଜକ ଯୋଗେନ୍ଦ୍ର ନାୟକ ଓ ବରିଷ୍ଠ ଶିକ୍ଷକ ନିରଂଜନ ମିଶ୍ର ଉପସ୍ଥିତ ଥିଲେ । କର୍ମଶାଳାରେ ପିତାମହଲ ସରପଂଚ ବୁଟୁ ତାଡ଼ିଙ୍ଗି, କଡାପେଟା ସରପଂଚ ମମିତା ହୁଇକା, କୁମୁଟିପେଣ୍ଟ ସରପଂଚ ହରି କାତ୍ରାକା ସମେତ କଡାପେଟା, କୁମୁଟିପେଣ୍ଟ, ପିତମହଲ ଓ କାମ ମାଲିଗାଁ ଗ୍ରାମ ପଂଚାୟତର ନାଏବ ସରପଂଚ, ୱାର୍ଡ ସଦସ୍ୟ, ନିର୍ବାହୀ ଅଧିକାରୀ, ଏଡିଇଓ, ଜିଆରଏସ ତଥା ଶିକ୍ଷା, ସ୍ୱାସ୍ଥ୍ୟ, ପଶୁଧନ, ଯୋଗାଣ, ଜଙ୍ଗଲ,ମହିଳା ଓ ଶିଶୁ ବିକାଶ, ଜୀବିକା ମିଶନ ଆଦି ବିଭାଗୀୟ ଅଧିକାରୀ ଓ କର୍ମକର୍ତା ଯୋଗ ଦେଇଥିଲେ । ଏକ ବିକଶିତ ଓଡ଼ିଶା ଗଠନ ନିମନ୍ତେ ଗ୍ରାମ୍ୟ ଓ ଗ୍ରାମ ପଂଚାୟତ ସ୍ତରରୁ ଦୀର୍ଘସ୍ଥାୟୀ ବିକାଶ ଯୋଜନା ପ୍ରସ୍ତୁତିର ଆବଶ୍ୟକତା ରହିଛି । ଷଷ୍ଠ ଓ ଷୋଡ଼ଶ ଅର୍ଥ କମିଶନ ଯୋଜନାରେ ଆଗାମୀ ପାଂଚବର୍ଷ ନିମନ୍ତେ ଏଭଳି ଯୋଜନା ପ୍ରସ୍ତୁତ କରିବା ଯେପରି ପ୍ରତ୍ୟେକ ଗ୍ରାମ ପଂଚାୟତ ସ୍ୱୟଂ ସମ୍ପୂର୍ଣ୍ଣ ହେବା ସହିତ ଦୀର୍ଘସ୍ଥାୟୀ ନ୍ୟୁନତମ ଆବଶ୍ୟକତା ପୂରଣ କରିପାରିବ । ବିଭିନ୍ନ ବିଭାଗୀୟ ବିଷୟ ଓ ଯୋଜନା ସମ୍ପର୍କିତ ଆଲୋଚନା ଏଥିରେ ସ୍ଥାନ ପାଇଥିଲା । ସାତୋଟି ପର୍ଯ୍ୟାୟରେ ଚାରୋଟି ଲେଖାଏଁ ଗ୍ରାମ ପଂଚାୟତକୁ ନେଇ ଏହି କର୍ମଶାଳା ଅନୁଷ୍ଠିତ ହେବ । ମୁଖ୍ୟ ଉନ୍ନୟନ ଅଧିକାରୀ, ଅକ୍ଷୟ କୁମାର ଖେମୁଣ୍ଡୁଙ୍କ ନିର୍ଦ୍ଦେଶ କ୍ରମେ ପ୍ରତି ବ୍ଲକରେ ଏହି କର୍ମଶାଳା ଅନୁଷ୍ଠିତ ହେଉଛି, ଏକ ସନ୍ତୁଳିତ ପଂଚାୟତ ବିକାଶ ଯୋଜନା ପ୍ରସ୍ତୁତି ନିମନ୍ତେ ଗ୍ରାମ୍ୟ ଓ ଗ୍ରାମ ପଂଚାୟତ ସ୍ତରୀୟ ପ୍ରତିନିଧି ଓ କର୍ମକର୍ତା ଏଥିପାଇଁ ସଚେତନ ହେବା ଜରୁରୀ ବୋଲି ବିଡ଼ିଓ ସୁଜିତ କୁମାର ମିଶ୍ର ପ୍ରକାଶ କରିଛନ୍ତି ।

ଡ଼ଃ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଜୟନ୍ତୀରେ ବୃକ୍ଷରୋପଣ

ନିଶ୍ଚିନ୍ତକୋଇଲି, ୦୭/୦୭ (ଆ.ପ୍ର) : ଭାରତୀୟ ଜନସଂଘର ପ୍ରତିଷ୍ଠାତା ଡ଼ଃ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜୟନ୍ତୀ ଅବସରରେ ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଅଧିନସ୍ଥ କୁନିଆ ସ୍ଥିତ ଶ୍ରୀ ଶ୍ରୀ ରଘୁନାଥଜୀଉଙ୍କ ମନ୍ଦିର ପରିସରରେ ବିଭିନ୍ନ ପ୍ରକାରର ବୃକ୍ଷରୋପଣ କରାଯାଇଛି । ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନ, କଟକ ଜିଲ୍ଲା ବିଜେପି (ଗ୍ରାମୀଣ) ସଭାପତି ରାମନାରାୟଣ ମହାନ୍ତି, ବିଜେପି ନେତା ଗୌତମ ରାୟ, ଅଭୟ କୁମାର ବାରିକ, ଅରିନ୍ଦମ ରାୟ, ନିଶ୍ଚିନ୍ତକୋଇଲି ପଂଚାୟତ ସମିତି ଉପାଧକ୍ଷ ନୃସିଂହଚରଣ ମିଶ୍ର, ପୂର୍ବତନ ଉପାଧକ୍ଷ ଅଶୋକ କୁମାର ଓଝା, ଯତିନ୍ଦ୍ରନାଥ ଜେନା, ରମେଶ ଚନ୍ଦ୍ର ସ୍ୱାଇଁ, ଦେବେନ୍ଦ୍ର କୁମାର ସାହୁ, ବରିଷ୍ଠ ବିଜେପି କାର୍ଯ୍ୟକର୍ତା ହରିହର ପ୍ରଧାନ, ଗୋବରା ପଂଚାୟତ ସରପ ସୂର୍ଯ୍ୟକାନ୍ତ ପଣ୍ଡା, ଜ୍ଞାନରଂଜନ ରାଉତ, ଭକ୍ତଚରଣ ସ୍ୱାଇଁ ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ବୃକ୍ଷରୋପଣ କରିଥିଲେ ।

"କିଶୋର ସ୍ୱାକ୍ଷର"ର ୨୬ତମ ରାଜ୍ୟସ୍ତରୀୟ ଜୟନ୍ତୀ

ଭଦ୍ରକ, ୦୭/୦୭ (ଆ.ପ୍ର) : ଶିଶୁ କିଶୋର ସୃଜନଶୀଳ ସାହିତ୍ୟ ପତ୍ରିକା "କିଶୋର ସ୍ୱାକ୍ଷର"ର ୨୬ତମ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଆଜି ଜିଲ୍ଲା ସଂସ୍କୃତି ଭବନରେ ଆୟୋଜିତ ହୋଇଯାଇଛି । ଏହି ଉପଲକ୍ଷେ ରାଜ୍ୟସ୍ତରୀୟ ସାରସ୍ୱତ ସମ୍ମେଳନ ଓ ସମ୍ବର୍ଦ୍ଧନା ସଭା ହୋଇଥିଲା । ଏଥିରେ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସାଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର ଅଧକ୍ଷତା କରିଥିଲେ । ଉଦ୍‌ଘାଟକ ଭାବେ ଡେ଼ପୁଟି ଜିଲ୍ଲାପାଳ କାର୍ତିକନାଥ ମଣ୍ଡଳ, ମୁଖ୍ୟବକ୍ତା ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଓ ବିଶିଷ୍ଟ ବକ୍ତା ଡ଼ଃ ମନୋଜ ମହାନ୍ତି ପ୍ରମୁଖ ଯୋଗଦେଇ ଦୀର୍ଘ ୨୬ବର୍ଷ ଧରି ଓଡ଼ିଶା, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ବିଭିନ୍ନ ଓଡ଼ିଆ ପ୍ରବାସୀ ଅଂଚଳରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ପ୍ରଚାର, ପ୍ରସାର ଓ ଅଧିକ କ୍ରିୟାଶୀଳ କରିବା ଦିଗରେ ପ୍ରତିଷ୍ଠାତା ମୁଖ୍ୟ ସମ୍ପାଦକ ଶିଶୁ ସାହିତ୍ୟିକ ଶଶଧର ମହନ୍ତୀଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ । କଣ୍ଠ ଶିଳ୍ପୀ ଦେବେନ୍ଦ୍ର ପ୍ରସାଦ ପଣ୍ଡା ଓ ସାଥି ବନ୍ଦେ ଉତ୍କଳ ଜନନୀଗାନ ସହିତ ଶିକ୍ଷାବିତ୍ ସଞ୍ଜୟ କୁମାର ଦାସ ବେଦପାଠ କରିଥିଲେ । ଦୀର୍ଘ ବର୍ଷ ଧରି ପତ୍ରିକା ସହ ଜଡ଼ିତ ସାରା ରାଜ୍ୟର ବାଲେଶ୍ୱରରୁ ଶିକ୍ଷାବିତ୍ ସୁରେନ୍ଦ୍ର ନାଥ ବାରିକ, ପରମାନନ୍ଦ ମଲ୍ଲିକ, ସୁରେନ୍ଦ୍ର କୁମାର ପଣ୍ଡା, ଡ଼ଃ ଜୟନ୍ତୀ କରଶର୍ମା, ଭଦ୍ରକରୁ ଡ଼ଃ ଚନ୍ଦ୍ର ପ୍ରସାଦ ପଣ୍ଡା, କେନ୍ଦୁଝରରୁ ମୋହନ କୁମାର ମହାନ୍ତି, କୈଳାସ ଚନ୍ଦ୍ର ରାଉତ, ଅଭୟ କୁମାର ସାମଲ, ନାରାୟଣ ଚନ୍ଦ୍ର ଲେଙ୍କା, ରମାକାନ୍ତ ଜେନା ପ୍ରମୁଖଙ୍କୁ ମୁଖ୍ୟ ଅତିଥି "କିଶୋର ସ୍ୱାକ୍ଷର" ସାରସ୍ୱତ ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ । ଏଇ ଅବସରରେ ଅତିଥିଗଣ "କିଶୋର ସ୍ୱାକ୍ଷର"ର ସ୍ୱତନ୍ତ୍ର ସଂଖ୍ୟାକୁ ଲୋକାର୍ପଣ କରିଥିଲେ । ସମ୍ପାଦକ ଶଶଧର ମହନ୍ତୀ ସମ୍ପାଦକୀୟ ପାଠ ଓ କବି ଗୌତମ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ । ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପୂର୍ବରୁ ଆୟୋଜିତ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ 'କିଶୋର ସ୍ୱାକ୍ଷର'ର ସଭାପତି ରଣଜିତ୍ କୁମାର ଶୁକ୍ଳ ଧନ୍ୟବାଦ ଅର୍ପଣ କରିଥିଲେ, କର୍ମକର୍ତା ମଧ୍ୟରେ ସାଇସତ୍ୟ ମହନ୍ତୀ, ନିତ୍ୟାନନ୍ଦ ପାଣିଗ୍ରାହୀ, ଚତୁର୍ଭୁଜ ପତି, ଅଲେଖ ଚନ୍ଦ୍ର ନାୟକ, ଜନେନ୍ଦ୍ର ଶୁକ୍ଳ, ବାବୁଲାଲ ଦାସ, ଭାରତୀ ବାଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

ଶିକାରୀ ଫାନ୍ଦରେ ପଡ଼ି କଲରା ପତରିଆ ବାଘ ମୃତ

ବ୍ରହ୍ମପୁର/କବିସୂର୍ଯ୍ୟନଗର, ୦୭/୦୭ (ଆ.ପ୍ର) : ବାଘର ଅନ୍ୟ ପ୍ରଜାତି ମଧ୍ୟରେ କଲରାପତରିଆ ବାଘ ଏକ କୁଶଳ ଗଛଚଢ଼ାଳି ଅଟେ । ଏଭଳି ସ୍ଥିତିରେ ଆଜି ଚକିତ କରିବା ଭଳି ଘଟଣା ଦେଖିବାକୁ ମିଳିଛି । ଏକ କଲରାପତରିଆ ବାଘର ମୃତଦେହକୁ ଗଛ ଉପରୁ ଉଦ୍ଧାର କରାଯାଇଛି । ଗଞ୍ଜାମଜିଲ୍ଲା ଖଲ୍ଲିକୋଟ ରେଞ୍ଜ୍ ଅଧୀନ କବିସୂର୍ଯ୍ୟନଗର ବ୍ଲକ ଇରଡ଼ ଛକ କ୍ରସର ନିକଟ ଏକ ନିମ୍ବଗଛ ଉପରୁ ଏକ କଲରାପତରିଆ ବାଘର ମୃତ ଦେହ ଉଦ୍ଧାର କରାଯାଇଛି । ବାଘ ଦେହରେ ଦଉଡ଼ି ସହ ପଥରଟି ବନ୍ଧା ହୋଇ ରହିଛି । ଏଥିରୁ ଶିକାରୀ ଫାସରେ ପଡ଼ିବା ପରେ କୌଣସି ପ୍ରକାରେ ଖସିଆସିବା ପରେ ବାଘଟିର ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି । ଆଜି ପୂର୍ବାହ୍ନରେ କ୍ରସର ନିକଟରେ ରହୁଥିବା ବୁଲାକୁକୁରମାନେ ଗଛକୁ ଦେଖି ଭୁକିଥିଲେ । ଏହାପରେ ସ୍ଥାନୀୟ ଲୋକ ଗଛ ଉପରେ ବାଘ ରହିଥିବା ଦେଖିବାକୁ ପାଇ ବନ ବିଭାଗକୁ ସୂଚିତ କରିଥିଲେ । ଖବର ପ୍ରସାରିତ ହେବା ପରେ ବାଘଟିକୁ ଦେଖିବାକୁ ଆଖପାଖର ଲୋକଙ୍କ ଭିଡ଼ ମଧ୍ୟ ଜମିଥିଲା । ଖବରପାଇ ବହୁ ବିଳମ୍ବରେ ଖଲ୍ଲିକୋଟ ବନବିଭାଗର କର୍ମଚାରୀ ଘଟଣା ସ୍ଥଳରେ ପହଂଚିଥିଲେ । ଶେଷରେ ଅଗ୍ନିଶମ ବାହିନୀ ଦ୍ୱାରା ଗଛରୁ ବାହାର କରାଯାଇଥିଲା । ବନ ବିଭାଗ ପକ୍ଷରୁ ମିଳିଥିବା ସୂଚନାରେ ବାଘର ମୃତଦେହଟିକୁ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି । ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ । ତେବେ ପ୍ରାଥମିକ ଅନୁସନ୍ଧାନରୁ ଜଣାଯାଇଛି, ବନ୍ୟଜନ୍ତୁ ଶିକାର କରିବାକୁ ଶିକାରୀ ଫାସ ପକାଇଥିଲେ ।

ଟିପିସିଓଡ଼ିଏଲର ମନମାନୀ ; ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ବିଦ୍ୟୁତ୍ ଉପଭୋକ୍ତା ସଂଘ ଉପସଭାପତି

ନିଶ୍ଚିନ୍ତକୋଇଲି, ୦୭/୦୭ (ଆ.ପ୍ର) : ନିଶ୍ଚିନ୍ତକୋଇଲିର ତିନିଗୋଟି ବିଦ୍ୟୁତ୍ ସେକସନ ଯଥା - ଅସୁରେଶ୍ୱର, ନିଶ୍ଚିନ୍ତକୋଇଲି, ଓରିକଣ୍ଡାର ମୁଖ୍ୟ କାର୍ଯ୍ୟାଳୟରେ ଅଧିକାରୀ ରହୁନଥିବା ଓ ବାରମ୍ବାର ଘୋଷିତ ଓ ଅଘୋଷିତ ବିଦ୍ୟୁତ କାଟ ହେଉଥିବାରୁ ସାଲେପୁର ବିଦ୍ୟୁତ୍ ଉପଭୋକ୍ତା ସଂଘ ଉପସଭାପତି ରମାକାନ୍ତ ବେହେରା ନିଶ୍ଚିନ୍ତକୋଇଲି ପଂଚାୟତ ସମିତିରେ ତା.୦୬.୦୭.୨୦୨୬ରିଖ ସୋମବାର ଅନୁଷ୍ଠିତ ଜିଲ୍ଲାପାଳ କଟକଙ୍କ ଯୁକ୍ତ ଜନଶୁଣାଣୀରେ ଅଭିଯୋଗ କରିଥିଲେ । ଅଭିଯୋଗ ମୁତାବକ ମାର୍ଚ୍ଚ ୧, ୨୦୨୬ରୁ ୬ଜୁଲାଇ ୨୦୨୬ ଏହି ୧୨୮ଦିନ ଭିତରେ ଟିପିସିଓଡ଼ିଏଲ ପକ୍ଷରୁ ଘୋଷିତ ଭାବେ ୭୨ଘଂଟା ଓ ଅଘୋଷିତ ଭାବେ ୬୪୩ଘଂଟା ମୋଟ୍ ୭୧୫ ଘଂଟା ବିଦ୍ୟୁତ୍ କାଟ ହୋଇଛି । ଟିପିସିଓଡ଼ିଏଲର ଏଭଳି ମନମାନୀ କାର୍ଯ୍ୟ ଯୋଗୁଁ ଛାତ୍ର ଛାତ୍ରୀମାନେ ପାଠ ପଢିବା, ଗ୍ରୀଷ୍ମ ସମୟରେ ଛୋଟ ପିଲା ଓ ବୃଦ୍ଧ ବୃଦ୍ଧାମାନେ ଗରମରେ ଛଟପଟ ହେବା ଏପରିକି ବାରମ୍ବାର ବିଦ୍ୟୁତ୍ କାଟ ହେଉଥିବାରୁ ଜନସାଧାରଣ ମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଶ୍ରୀ ବେହେରା ଅଭିଯୋଗ କରିଛନ୍ତି । ତୁରନ୍ତ ଅଭିଯୋଗର ତଦନ୍ତ କରି ପଦକ୍ଷେପ ନେବାକୁ ଟିପିସିଓଡ଼ିଏଲ ଅଧିକାରୀଙ୍କୁ ଜିଲ୍ଲାପାଳ କଟକ ନିର୍ଦ୍ଦେଶ ଦେଇଥିଲେ । ଦେଖିବାକୁ ବାକି ରହିଲା ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଟିପିସିଓଡ଼ିଏଲ ଅଧିକାରୀ କେତେ କାର୍ଯ୍ୟରେ ଲଗାଉଛନ୍ତି ।

ସେଇଠୁ ଆରମ୍ଭ
SEITHO ARAMBHA
ବୁଧବାର, ୦୮ ଜୁଲାଇ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ଡି'କେଟ୍‌ଲାରେଙ୍କ ଯୁଗଳ: ବେଲ୍‌ଜିୟମ୍ କ୍ୱାର୍ଟରରେ

ସିଟଲ, ୭/୭(ନ୍ୟୁ.ଏ): ଚାର୍ଲସ ଡି'କେଟ୍‌ଲାରେଙ୍କ ଯୁଗଳରେ ବେଲ୍‌ଜିୟମ୍ ଚଳିତ ଫିଫା ବିଶ୍ୱକପ୍ କ୍ୱାର୍ଟରଫାଇନାଲ୍‌ରେ ପ୍ରବେଶ କରିଛି । ମଙ୍ଗଳବାର ପ୍ରିକ୍ୱାର୍ଟରଫାଇନାଲ୍‌ରେ ସହଆୟୋଜକ ଯୁଏସ୍‌ଏକୁ ୪-୧ ଗୋଲ୍‌ରେ ହରାଇ ଏହି ସ୍ଥାନ ନିଶ୍ଚିତ କରିଛି । ଯୁଏସ୍‌ଏର ଏହି ପରାଜୟ ପରେ ଯୁଏସ୍‌ଏ ସହ ଚଳିତ ବିଶ୍ୱକପ୍‌ର ୩ ଆୟୋଜକ ଦେଶର ଅଭିଯାନ ଶେଷ ହୋଇଛି । ପୂର୍ବରୁ କାନାଡ଼ା ଓ ମେକ୍ସିକୋର ଅଭିଯାନ ମଧ୍ୟ ପ୍ରିକ୍ୱାର୍ଟରଫାଇନାଲ୍‌ରେ ଶେଷ ହୋଇଥିଲା । ମଙ୍ଗଳବାର ସିଟଲ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ର ନବମ ମିନିଟ୍‌ରେ ନିକୋଲାସ ରାସ୍କିନ୍‌ଙ୍କ ପାସ୍‌କୁ ଡି'କେଟ୍‌ଲାରେ ଗୋଲ୍‌ରେ ପରିଣତ କରି ବେଲ୍‌ଜିୟମ୍‌କୁ ଆଗରେ ରଖିଥିଲେ । ତେବେ ୩୧ତମ ମିନିଟ୍‌ରେ ଘରୋଇ ଦଳକୁ ମିଳିଥିବା ଫ୍ରିକିକ୍‌କୁ ମଲିକ୍ ତିଲମାନ ସିଧା ବେଲ୍‌ଜିୟମ୍ ଗୋଲ୍‌ପୋଷ୍ଟକୁ ବଲ୍ ପଠାଇ ସ୍ଥିତି ବରାବର କରିଦେଇଥିଲେ । ଏହାର ୨ ମିନିଟ୍ ପରେ ଲେଣ୍ଡ୍ରୋ ଟ୍ରସ୍‌ସ୍ରାଡ୍‌ଙ୍କ ସହଯୋଗରେ ଡି'କେଟ୍‌ଲାରେ ଗୋଲ୍ ଦେଇ ବ୍ୟକ୍ତିଗତ ଯୁଗଳ ସଫଳତା ପାଇବା ସହ ଦଳକୁ ପ୍ରଥମାର୍ଦ୍ଧରେ ୨-୧ରେ ଆଗୁଆ ରଖିଥିଲେ । ଦ୍ୱିତୀୟାର୍ଦ୍ଧରେ ଡି'କେଟ୍‌ଲାରେଙ୍କ ସହାୟତାରେ ହନ୍‌ସ ଭାନାକେନ୍ ଗୋଲ୍ କରି ବେଲ୍‌ଜିୟମ୍‌କୁ ୩-୧ରେ ଅଗ୍ରଣୀ ଦେଇଥିଲେ । ଶେଷ ଇନ୍‌ଜୁରି ସମୟରେ ଭାନାକେନ୍‌ଙ୍କ ପାସ୍‌ରେ ରୋମେଲୁ ଲୁକାକୁ ଗୋଲ୍ କରି ଦଳକୁ ୪-୧ରେ ବିଜୟ ଭେଟି ଦେଇଥିଲେ । ୩ଟି ଗୋଲରେ ନିଜର ଅବଦାନ ରଖିଥିଲା ଡି'କେଟ୍‌ଲାରେ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ବେଲ୍‌ଜିୟମ୍ ଶୁକ୍ରବାର କ୍ୱାର୍ଟରଫାଇନାଲ୍‌ରେ ୟୁରୋପୀୟ ବିଜେତା ସ୍ପେନ୍‌କୁ ଭେଟିବ ।

ଜିମ୍ବାୱେ ଗସ୍ତ, ଏସୀୟ କ୍ରୀଡ଼ାରେ ଲକ୍ଷ୍ମଣ ପ୍ରଶିକ୍ଷକ

ନୂଆଦିଲ୍ଲୀ, ୭/୭(ନ୍ୟୁ.ଏ): ଭାରତର ବ୍ୟସ୍ତ ଅନ୍ତର୍ଜାତୀୟ କାର୍ଯ୍ୟସୂଚୀ ଯୋଗୁଁ ବିସିସିଆଇ ପୁଣି ଥରେ ପ୍ରଶିକ୍ଷଣ ଦାୟିତ୍ୱ ବିଭାଜନ କରିବାକୁ ଚିନ୍ତା କରିଛି । ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ସ୍ଥାନରେ ଜିମ୍ବାୱେ ଗସ୍ତ ଓ ଏସୀୟ କ୍ରୀଡାରେ ବିସିସିଆଇ ଉତ୍କର୍ଷ କେନ୍ଦ୍ର (ସିଓଇ)ର ମୁଖ୍ୟ ଭିଭିଏସ୍ ଲକ୍ଷ୍ମଣ ପ୍ରଶିକ୍ଷକ ଦାୟିତ୍ୱ ତୁଲାଇବେ । ଏସୀୟ କ୍ରୀଡ଼ାର ଶେଷ ସମୟରେ ଭାରତ ଗସ୍ତରେ ଆସିବ ୱେଷ୍ଟଇଣ୍ଡିଜ୍ । ଫଳରେ ଭାରତୀୟ ବରିଷ୍ଠ ଦଳ ସହ ଗୌତମ ଗମ୍ଭୀର ରହିବେ । ଅନ୍ୟ ଦଳ ସହ ଜିମ୍ବାୱେ ଓ ଜାପାନ ଗସ୍ତ କରିବେ ଲକ୍ଷ୍ମଣ । ଜିମ୍ବାୱେ ଗସ୍ତ ସମୟରେ ଲକ୍ଷ୍ମଣଙ୍କ ସହ ପୂର୍ବତନ ଭାରତୀୟ ସ୍ପିନର ସୁନିଲ ଜୋଶୀ (ବୋଲିଂ ପ୍ରଶିକ୍ଷକ) ଓ ପୂର୍ବତନ ବ୍ୟାଟର ହୃଷିକେଶ କାନିଟକର (ବ୍ୟାଟିଂ ପ୍ରଶିକ୍ଷକ) ପ୍ରଶିକ୍ଷଣ ଦାୟିତ୍ୱରେ ରହିବେ । ଏହି ପ୍ରଶିକ୍ଷଣ ଗୋଷ୍ଠୀ ଏସୀୟ କ୍ରୀଡ଼ାରେ ମଧ୍ୟ କାର୍ଯ୍ୟ କରିବାର ସମ୍ଭାବନା ରହିଛି ।

ନଗଦ ସଙ୍କଟ ଉପରେ ରିଜର୍ଭ ବ୍ୟାଙ୍କର କଠୋର ଆଭିମୁଖ୍ୟ

ନୂଆଦିଲ୍ଲୀ, ୭/୭(ନ୍ୟୁ.ଏ) ଆଜିକାଲି, ବ୍ୟାଙ୍କ କାର୍ଯ୍ୟଗୁଡ଼ିକ ପୂର୍ବ ତୁଳନାରେ ପରିଚାଳନା କରିବା ବହୁତ ସହଜ ହୋଇଗଲାଣି । ଦିନ ଥିଲା ଟଙ୍କା ଉଠାଇବା ପାଇଁ ଲୋକଙ୍କୁ ବ୍ୟାଙ୍କର ଲମ୍ବା ଧାଡ଼ିରେ ଠିଆ ହେବାକୁ ପଡୁଥିଲା, ଏବେ କିନ୍ତୁ ଅନଲାଇନରେ ଟଙ୍କା ନେଣଦେଣ ହେବା ସାଙ୍ଗକୁ ପାଖରେ ଥିବା ଏଟିଏମ୍‌ରୁ ମଧ୍ୟ ସହଜରେ ଟଙ୍କା ଉଠାଯାଇପାରୁଛି । କିନ୍ତୁ ନିକଟରେ କିଛି ଅଭାବନୀୟ ଘଟଣା ସାମ୍ନାକୁ ଆସିଛି । ଦେଶର ଅନେକ ସହରରେ ଥିବା ଏଟିଏମ୍ ଏବେ ଖାଲି ପଡ଼ିଛି ଅର୍ଥାତ୍ ଏଟିଏମ୍ ଅଛି କିନ୍ତୁ ସେଥିରେ ଟଙ୍କା ନାହିଁ । ଅନେକ ସହରରେ, ଲୋକମାନେ ଗତ ଦୁଇରୁ ତିନି ମାସ ଧରି ଏଟିଏମ୍‌ରୁ ଟଙ୍କା ଉଠାଇ ପାରୁନାହାଁନ୍ତି । ତମାମ ସମସ୍ୟାକୁ ନେଇ ଲଗାତାର ଅଭିଯୋଗ ମଧ୍ୟ କରାଯାଉଛି । ଏହି ବଢୁଥିବା ଅଭିଯୋଗ ମଧ୍ୟରେ, ଭାରତୀୟ ରିଜର୍ଭ ବ୍ୟାଙ୍କ ଏବେ ଏହି ମାମଲାର ତଦନ୍ତ ଆରମ୍ଭ କରିଛି । ପ୍ରଫିଟ୍ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଏଟିଏମ୍ ରେ ଟଙ୍କା ଅଭାବର ରିପୋର୍ଟ ମଧ୍ୟରେ ଆରବିଆଇ ସମସ୍ତ ବ୍ୟାଙ୍କଠାରୁ ଟିୟର-୨ ଏବଂ ଛୋଟ ସହରଗୁଡ଼ିକରେ ଟଙ୍କାର ଉପଲବ୍ଧତା ସମ୍ପର୍କରେ ବିସ୍ତୃତ ସୂଚନା ମାଗିଛି । ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ବିଭିନ୍ନ ସ୍ଥାନରେ ଥିବା ଏଟିଏମ୍‌ରେ କେତେ ଟଙ୍କା ଉପଲବ୍ଧ ଅଛି ତାହା ଚିହ୍ନଟ କରିବା । ଏହା ସହିତ, RBI ତଦନ୍ତ କରୁଛି ଯେ କିଛି ବ୍ୟାଙ୍କ ବଡ଼ ଏବଂ ଛୋଟ ସହରଗୁଡ଼ିକୁ ପର୍ଯ୍ୟାପ୍ତ ଟଙ୍କା ଆବଂଟନ କରିଛନ୍ତି କି ନାହିଁ, କିମ୍ବା ATM ଗୁଡ଼ିକରେ ପୁନଃ ଟଙ୍କା ଲୋଡ୍ କରାଯାଉଛି କି ନାହିଁ । RBI ସ୍ପଷ୍ଟ କରିଛି ଯେ ଯଦି ଏପରି କୌଣସି ତ୍ରୁଟି ଦେଖାଯାଏ ତେବେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଏହି ପ୍ରସଙ୍ଗରେ, ବ୍ୟାଙ୍କଗୁଡ଼ିକ କହିଛନ୍ତି ଯେ କେବଳ ମୋଟ ନଗଦ ଷ୍ଟକ୍ ଦେଖି ପରିସ୍ଥିତି ଆକଳନ କରାଯାଇପାରିବ ନାହିଁ । ବ୍ୟାଙ୍କଗୁଡ଼ିକ ଅନୁଯାୟୀ, କ୍ଷତିଗ୍ରସ୍ତ କିମ୍ବା ଛିଣ୍ଡିଯାଇଥିବା ନୋଟଗୁଡ଼ିକୁ ଏଟିଏମ୍‌ରେ ଲୋଡ୍ କରାଯାଇପାରିବ ନାହିଁ ।

ଟ୍ରମ୍ପଙ୍କ ରେଡ୍‌କାର୍ଡ ସମାଲୋଚନା: ବ୍ରାଜିଲ ରେଫରିଙ୍କୁ ଫିଫାର ସମର୍ଥନ

ନୂଆଦିଲ୍ଲୀ, ୭/୭(ନ୍ୟୁ.ଏ): ୟୁଏସ୍‌ଏ ଷ୍ଟ୍ରାଇକର ଫୋଲାରିନ୍ ବାଲୋଗନ୍‌ଙ୍କୁ ରେଡ୍‌କାର୍ଡ ପ୍ରଦାନ ପରେ ରେଫରିଙ୍କୁ ସୋମବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସମାଲୋଚନା କରିଥିଲେ । ହେଲେ ବ୍ରାଜିଲ ରେଫରି ରାଫେଲ କ୍ଲସ୍‌ଙ୍କ ଏହି ନିଷ୍ପତ୍ତିକୁ ବିଶ୍ୱ ଫୁଟ୍‌ବଲ୍‌ର ସର୍ବୋଚ୍ଚ ସଂସ୍ଥା ଫିଫା ପୂର୍ଣ୍ଣ ସମର୍ଥନ କରିଛି । ବୋସନିଆ ଓ ହାର୍ଜେଗୋଭିନା ବିପକ୍ଷ ରାଉଣ୍ଡ-୩୨ ମ୍ୟାଚ୍ ବେଳେ ବାଲୋଗନ୍ ବିପକ୍ଷ ଖେଳାଳି ତାରିକ ମୁହାରେମୋଭିକ୍‌ଙ୍କ ଗୋଇଠିକୁ ବୁଟ୍‌ରେ ମାରି ଦେଇଥିଲେ । କ୍ଲସ୍ 'ଭାର' ଯାଂଚ ପରେ ବାଲୋଗନ୍‌ଙ୍କୁ ରେଡ୍‌କାର୍ଡ ଦେଇଥିଲେ । ହେଲେ ଫିଫା ପରବର୍ତ୍ତୀ ସମୟରେ ବାଲୋଗନ୍‌ଙ୍କ ରେଡ୍‌କାର୍ଡ ନିଲମ୍ବନକୁ ବାତିଲ କରିଦେଇଥିଲା । ଟ୍ରମ୍ପ କହିଥିଲେ, ଏହି ନିଷ୍ପତ୍ତି ସମୀକ୍ଷା ହେବାର ଆବଶ୍ୟକ ଥିଲା । କ୍ଲସ୍‌ଙ୍କୁ ସିଧାସଳଖ କିଛି ଆକ୍ଷେପ ନକରି, ସେ କହିଥିଲେ 'ଯଦି ତାଙ୍କର ଅତୀତ ଯାଂଚ କରିବ, ଟିକେ ସନ୍ଦେହଜନକକ' । ଏହାପରେ ଫିଫା ଏକ ବିବୃତିରେ କହିଛି ଯେ, ରାଫେଲ କ୍ଲସ୍ ଜଣେ ପ୍ରମୁଖ ବୃତ୍ତିଗତ ରେଫରି ଏବଂ ବିଶ୍ୱକପ୍‌ରେ ଏଲିଟ୍ ରେଫରି ଗୋଷ୍ଠୀରେ ଅଛନ୍ତି । ତାଙ୍କ ଜୀବନରେ ସେ ସଚ୍ଚୋଟତାର ସହ ପ୍ରଦର୍ଶନ କରିଛନ୍ତି । ରେଫରିଙ୍କୁ ଓ ମ୍ୟାଚ୍ ପରିଚାଳନା ନିୟମକୁ ସମ୍ମାନ କରିବା ଉଚିତ । କାରଣ ରେଫରି ବିନା ଫୁଟ୍‌ବଲ୍ ଖେଳ ହୋଇପାରିବନି'' । ୪୫ ବର୍ଷୀୟ କ୍ଲସ୍ ତାଙ୍କ ରେଫରି ଜୀବନରେ ୬୦୦ରୁ ଅଧିକ ମ୍ୟାଚ୍ ପରିଚାଳନା କରିଛନ୍ତି । କ୍ଲସ୍ ଦ୍ୱିତୀୟ ଫିଫା ବିଶ୍ୱକପ୍‌ରେ ରେଫରି ଦାୟିତ୍ୱ ତୁଲାଇଛନ୍ତି । ସେ ଆମ ସହ ୨୦୨୨ କତାରରେ ମଧ୍ୟ ଥିଲେ । ତାଙ୍କ ପାଖରେ ବହୁତ ଅଭିଜ୍ଞତା ରହିଛି । ଆମର ତାଙ୍କ ଉପରେ ପୂରା ଭରସା ରହିଛି ବୋଲି ଫିଫାର ମୁଖ୍ୟ ରେଫରି ଅଧିକାରୀ ଓ ରେଫରି କମିଟି ଅଧ୍ୟକ୍ଷ ପିଏରଲୁଇଗି କୋଲିନା କହିଛନ୍ତି ।

କକ୍ରୋଚ ଜନତା ପାର୍ଟିର ଏକ୍ସ ଆକାଉଂଟ ଅନବ୍ଲକ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୭/୭(ନ୍ୟୁ.ଏ): କକ୍ରୋଚ ଜନତା ପାର୍ଟିକୁ ବଡ଼ ଆଶ୍ୱସ୍ତି । ପାର୍ଟିର ଏକ୍ସ ଆକାଉଂଟ ଉପରେ ଲାଗିଥିବା ରୋକ ହଟିଛି । ଆଜି ଦିଲ୍ଲୀ ହାଇକୋର୍ଟ କକ୍ରୋଚ ଜନତା ପାର୍ଟିର ଏକ୍ସ ଆକାଉଂଟକୁ ଅନବ୍ଲକ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଦଳର ପ୍ରତିଷ୍ଠାତା ଅଭିଜିତ ଦିପକେଙ୍କ ଆବେଦନକୁ ଅନୁମତି ଦେଇ ଏପରି ନିର୍ଦ୍ଦେଶ ଦେଇଛନ୍ତି ଜଷ୍ଟିସ ସ୍ୱର୍ଣ୍ଣ କାନ୍ତା ଶର୍ମାଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ । କୋର୍ଟ କହିଛନ୍ତି ଯେ ନିଟ୍ ପରୀକ୍ଷାକୁ ନେଇ କେନ୍ଦ୍ର ସରକାର ଚିନ୍ତା ପ୍ରକଟ କରିବାରୁ ଆକାଉଂଟ ବ୍ଲକ ହୋଇଥିଲା । ଏବେ ନିଟ ପରୀକ୍ଷା ଶେଷ ହୋଇଥିବାରୁ ଏହି ଚିନ୍ତାର ଆଉ ଗୁରୁତ୍ୱ ନାହିଁ । ଏହି କାରଣରୁ ଆବେଦନକୁ ଅନୁମତି ଦିଆଯାଇଛି । ଶୁଣାଣି ବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହଟା ପକ୍ଷ ରଖିଥିଲେ । ଆକାଉଂଟରେ ପୋଷ୍ଟ ହେଉଥିବା ବିଷୟବସ୍ତୁ ନିଟ ପରୀକ୍ଷା ବେଳେ ଶିକ୍ଷାର୍ଥୀ ଓ ଅଭିଭାବକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିବାର ଆଶଙ୍କା ରହିଥିଲା । ଏହା ହିଁ ଆକାଉଂଟ ବ୍ଲକ କରିବାର ପ୍ରମୁଖ କାରଣ ଥିଲା । ଏହାକୁ ବିଚାରକୁ ନେଇ କୋର୍ଟ କହିଛନ୍ତି ଯେ ଯେହେତୁ ଏବେ ପରୀକ୍ଷା ଶେଷ ହୋଇ ସାରିଛି, ତେଣୁ କେନ୍ଦ୍ର ସରକାର ଆଶଙ୍କା କରିଥିବା ଚିନ୍ତା ମଧ୍ୟ ସମାଧାନ ହୋଇ ଯାଇଛି । ଏହାପରେ କୋର୍ଟ କକ୍ରୋଚ ଜନତା ପାର୍ଟିର ଏକ୍ସ ଆକାଉଂଟ ଉପରେ ଲାଗିଥିବା ରୋକକୁ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ମେ' ୨୧ରେ ଦଳର ଏକ୍ସ ଆକାଉଂଟକୁ ଭାରତରେ ବ୍ଲକ କରାଯାଇଥିଲା । ଏହାର ୫ ଦିନ ପୂର୍ବରୁ ହିଁ ସୋଶାଲ ମିଡିଆରେ ପଦାର୍ପଣ କରିଥିଲା କକ୍ରୋଚ ଜନତା ପାର୍ଟି । ସୋଶାଲ ମିଡିଆରେ ଏହାକୁ ନେଇ ବେଶ କ୍ରେଜ ଦେଖିବାକୁ ମିଳିଥିଲା । ବେକାର ଯୁବଗୋଷ୍ଠୀଙ୍କୁ ନେଇ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟ କାନ୍ତ କରିଥିବା ଟିପ୍ପଣୀକୁ ଆଧାର କରି କକ୍ରୋଚ ଜନତା ପାର୍ଟି ସୃଷ୍ଟି ହୋଇଛି । କକ୍ରୋଚ ଜନତା ପାର୍ଟିର ଆକାଉଂଟକୁ ବ୍ଲକ୍ କରାଯିବା ସମୟରେ ଏହା ଅନଲାଇନରେ ଟ୍ରେଣ୍ଡ କରୁଥିଲା । ଏହାର ଇନଷ୍ଟାଗ୍ରାମ୍ ଆକାଉଂଟ କେବଳ କିଛି ଦିନ ମଧ୍ୟରେ ୧.୬୪ କୋଟି ଫଲୋଅର୍ସ ଅତିକ୍ରମ କରିଥିଲା, ଯାହା ବିଜେପିର ଅଫିସିଆଲ୍ ଇନଷ୍ଟାଗ୍ରାମ୍ ପେଜ୍ ଠାରୁ ଯଥେଷ୍ଟ ଅଧିକ ରହିଥିଲା । ସିଜେପି ପକ୍ଷରୁ ଶେୟାର କରାଯାଇଥିବା ଅନଲାଇନ୍ ସଦସ୍ୟତା ଫର୍ମ ମାଧ୍ୟମରେ ହଜାର ହଜାର ଲୋକ ଏହା ସହ ଯୋଡ଼ି ହୋଇଥିଲେ । ତେବେ ଏସବୁ ଭିତରେ ଦଳର ଏକ୍ସ ଆକାଉଂଟ ବ୍ଲକ୍ ହୋଇ ଯାଇଥିଲା । କିନ୍ତୁ ଏହାର କିଛି ଘଂଟା ପରେ ସଂଗଠନ ପକ୍ଷରୁ 'Cockroach is back' ନାମକ ଆଉ ଏକ ହ୍ୟାଣ୍ଡେଲ୍ ଖୋଲା ଯାଇଥିଲା ।

ମୃତ କେତନଙ୍କ ସହ ନିର୍ବନ୍ଧ ପୂର୍ବରୁ ପ୍ରେମିକକୁ ଗୁପ୍ତରେ ବିବାହ କରିଥିଲେ ସିୟା



ପୁଣେ, ୭/୭(ନ୍ୟୁ.ଏ): ପୁଣେର ବହୁ ଚର୍ଚ୍ଚିତ ଲୋହଗଡ଼ ଦୁର୍ଗ ହତ୍ୟାକାଣ୍ଡ ମାମଲାରେ ଏକ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି, ଯେଉଁଥିରେ ମୁଖ୍ୟ ଅଭିଯୁକ୍ତ ସିୟା ଗୋୟଲ୍ ବ୍ୟବସାୟୀ କେତନ ଅଗ୍ରୱାଲଙ୍କ ସହ ନିର୍ବନ୍ଧ ହେବା ପୂର୍ବରୁ ହିଁ ନିଜ ପ୍ରେମିକ ଚେତନ ଚୌଧୁରୀଙ୍କୁ ଗୁପ୍ତ ଭାବେ ବିବାହ କରିସାରିଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି । ଚଳିତ ବର୍ଷ ନଭେମ୍ବର ମାସରେ ୨୦ ବର୍ଷୀୟା ସିୟା ଏବଂ ୨୫ ବର୍ଷୀୟ କେତନଙ୍କ ବିବାହ ସ୍ଥିର ହୋଇଥିବା ବେଳେ ଗତ ଜୁନ୍ ୧୮ ତାରିଖରେ ଲୋହଗଡ଼ ଦୁର୍ଗରୁ ଖସିପଡ଼ି କେତନଙ୍କ ମୃତ୍ୟୁ ଘଟିଥିଲା । ଏହି ବିବାହରେ ଅରାଜି ଥିବା ସିୟା ହିଁ କେତନଙ୍କୁ ରାସ୍ତାରୁ ହଟାଇବା ପାଇଁ ସମ୍ପୂର୍ଣ୍ଣ ହତ୍ୟାକାଣ୍ଡର ବ୍ଲୁ-ପ୍ରିଂଟ ପ୍ରସ୍ତୁତ କରିଥିବା ନେଇ ପୋଲିସ ପୂର୍ବରୁ ସନ୍ଦେହ କରୁଥିଲା । ଏବେ ପୁଣେ ଗ୍ରାମାଂଚଳ ପୋଲିସ ହାତରେ ଲାଗିଥିବା ନୂଆ ତଥ୍ୟ ଅନୁଯାୟୀ, ପ୍ରାୟ ଚାରି ମାସ ପୂର୍ବରୁ ସିୟା ଓ ଚେତନ ଏକ ସ୍ଥାନୀୟ ସବ୍-ରେଜିଷ୍ଟ୍ରାର ଅଫିସରେ ଗୁପ୍ତରେ କୋର୍ଟ ମ୍ୟାରେଜ୍ କରିଥିବା ଜଣାପଡ଼ିଛି । ପୋଲିସ ବର୍ତ୍ତମାନ ସ୍ପେଶାଲ ମ୍ୟାରେଜ୍ ଆକ୍ଟ ଅଧୀନରେ ସେମାନଙ୍କର କୌଣସି ବିବାହ ପ୍ରମାଣପତ୍ର (ମ୍ୟାରେଜ୍ ସାର୍ଟିଫିକେଟ୍) ରହିଛି କି ନାହିଁ ତାହା ଯାଂଚ କରୁଛି, ଯାହାଫଳରେ ଗତ ଫେବୃଆରୀ ମାସରେ କେତନଙ୍କ ସହ ହୋଇଥିବା ନିର୍ବନ୍ଧ ଆଇନଗତ ଭାବେ ଅବୈଧ ସାବ୍ୟସ୍ତ ହେବ । ଏହି ଗୁପ୍ତ ବିବାହରେ ସାକ୍ଷୀ ଭାବେ ସ୍ୱାକ୍ଷର କରିଥିବା ସିୟାଙ୍କ ଦୁଇ କଲେଜ ବନ୍ଧୁଙ୍କୁ ମଧ୍ୟ ପୋଲିସ ନିଜ ସ୍କାନରକୁ ନେଇଛି । ଏହାସହ ଅଭିଯୁକ୍ତ ପ୍ରେମୀଯୁଗଳ ବରମାଳା ପିନ୍ଧିଥିବା କେତେକ ଫଟୋ ଏକ ଅବୈଧ ଇଷ୍ଟାଗ୍ରାମ ଆକାଉଂଟରୁ ଡିଲିଟ୍ କରାଯାଇଥିବା ବେଳେ ପୋଲିସର ବୈଷୟିକ ଦଳ(ଟେକନିକାଲ୍ ଟିମ୍) ତାହାକୁ ରିକୋଭର କରିବାକୁ ଚେଷ୍ଟା କରୁଛି । ଉଦୟପୁରରେ ହେବାକୁ ଥିବା ଡେଷ୍ଟିନେସନ ୱେଡିଂ ପାଇଁ କେତନଙ୍କ ପରିବାର ଲୋକେ ଯେତେବେଳେ ସିୟାଙ୍କ ପରିଚୟପତ୍ର ଓ ଦସ୍ତାବିଜ୍ ମାଗିଥିଲେ ।

ରାମମନ୍ଦିର ଦାନ ଚୋରି ପ୍ରସଙ୍ଗରେ ବିରୋଧୀଙ୍କୁ ଯୋଗୀଙ୍କ ପାଲଟା ଆକ୍ରମଣ

ଅଯୋଧ୍ୟା, ୭/୭(ନ୍ୟୁ.ଏ): ଅଯୋଧ୍ୟାର ରାମମନ୍ଦିରରେ ଭକ୍ତମାନଙ୍କ ଦାନ ଚୋରି ଅଭିଯୋଗକୁ ନେଇ ଉତ୍ତର ପ୍ରଦେଶରେ ରାଜନୈତିକ ବିବାଦ ତୀବ୍ର ହୋଇଛି । ଏହି ପ୍ରସଙ୍ଗରେ ସମାଜବାଦୀ ପାର୍ଟି (ଏସ୍‌ପି) ଓ କଂଗ୍ରେସ ବିଜେପି ଓ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟକୁ ଟାର୍ଗେଟ୍ କରୁଥିବାବେଳେ, ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହାର କଡ଼ା ଜବାବ ଦେଇଛନ୍ତି । ସେ ବିରୋଧୀ ଦଳଗୁଡ଼ିକ ଦୋମୁହାଁ ନୀତି ଅବଲମ୍ବନ କରୁଥିବା ଅଭିଯୋଗ କରିବା ସହ ୱକଫ୍ ଜମି ପ୍ରସଙ୍ଗରେ ସେମାନଙ୍କ ନିରବତାକୁ ପ୍ରଶ୍ନ କରିଛନ୍ତି । ପ୍ରତାପଗଡ଼ରେ ଏକ ସାର୍ବଜନୀନ କାର୍ଯ୍ୟକ୍ରମରେ ଯୋଗୀ ଆଦିତ୍ୟନାଥ କହିଥିଲେ, ରାମମନ୍ଦିରରେ ଘଟିଥିବା ଏକ ଚୋରି ଘଟଣାକୁ ଆଧାର କରି ବିରୋଧୀ ଦଳ ସନାତନ ପରମ୍ପରା ଓ ହିନ୍ଦୁ ଆସ୍ଥା ଉପରେ ଆକ୍ରମଣ କରୁଛନ୍ତି । କିନ୍ତୁ ୱକଫ୍ ସମ୍ପତ୍ତିକୁ ନେଇ ଉଠୁଥିବା ଅଭିଯୋଗ କିମ୍ବା ଅନିୟମିତତା ପ୍ରସଙ୍ଗରେ ସେମାନେ ସମ୍ପୂର୍ଣ୍ଣ ନିରବ ରହୁଛନ୍ତି । ସେ କଟାକ୍ଷ କରି କହିଥିଲେ, ୱକଫ୍ କଥା ଆସିଲେ ବିରୋଧୀ ନେତାଙ୍କ ମୁହଁରେ କାହିଁକି ତାଲା ପଡ଼ିଯାଏ ? ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ ନିଜେ ଏହି ଘଟଣାର ତଦନ୍ତ ପାଇଁ ରାଜ୍ୟ ସରକାରଙ୍କୁ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ଗଠନ କରିବାକୁ ଅନୁରୋଧ କରିଥିଲା । ସରକାର ତୁରନ୍ତ ଏସ୍‌ଆଇଟି ଗଠନ କରି ନିରପେକ୍ଷ ତଦନ୍ତ ଆରମ୍ଭ କରିଛି । ପ୍ରାରମ୍ଭିକ ତଦନ୍ତରେ ଚୋରିର ପ୍ରମାଣ ମିଳିବା ସହ ଏହି ମାମଲାରେ ଅନେକ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି । ଯୋଗୀ ଆଦିତ୍ୟନାଥ ବିରୋଧୀଙ୍କୁ ଆକ୍ରମଣ କରି କହିଥିଲେ, ଯେଉଁମାନେ ଆଜି ରାମମନ୍ଦିର ପ୍ରସଙ୍ଗରେ ପ୍ରଶ୍ନ ଉଠାଉଛନ୍ତି, ସେମାନେ ପୂର୍ବରୁ ଅଯୋଧ୍ୟାରେ ଭବ୍ୟ ରାମମନ୍ଦିର ନିର୍ମାଣକୁ ବିରୋଧ କରୁଥିଲେ । ବାବ୍ରି ଢାଂଚା ହଟିବା ପରେ ସେଠାରେ ଭବ୍ୟ ରାମମନ୍ଦିର ନିର୍ମାଣ ହୋଇଥିବାରୁ ସେମାନେ ଅସନ୍ତୁଷ୍ଟ ଅଛନ୍ତି ।

ୱାୟନାଡରେ ଭୂସ୍ଖଳନ: ମାଟି ତଳେ ପୋତି ହୋଇ ରହିଛନ୍ତି ୧୦ ଲୋକ

ନୂଆଦିଲ୍ଲୀ, ୭/୭(ନ୍ୟୁ.ଏ): କ୍ୟାମେରାରେ କଏଦ ହୋଇଛି ଭୂସ୍ଖଳନର କରାଳରୂପ । କେରଳର ୱାୟନାଡରେ ଲଗାଣ ବର୍ଷା ଯୋଗୁ ଘଟିଛି ଭୟଙ୍କର ଘଟଣା । ଟନେଲ ନିର୍ମାଣ ଚାଲିଥିବା ବେଳେ ହୋଇଛି ବଡ଼ଧରଣର ଭୂସ୍ଖଳନ । ଏହାପରେ ଅତର୍କିତ ଭାବେ ଘୁଡୁ ଘୁଡୁ କରି ମାଡ଼ି ଆସିଛି କାଦୁଅ ମିଶା ପାଣି । ଆଉ ଏହି ଧ୍ୱଂସାବଶେଷ ତଳେ ପୋତି ହୋଇଯାଇଛନ୍ତି ଅନେକ ଲୋକ । ଉପୁଡ଼ି ପଡ଼ିଛି ଗଛ ଓ ଭାସି ଯାଇଛି ଗାଡ଼ି । କାଦୁଅ ମିଶା ପାଣି ପାହାଡ଼ ଉପରୁ ମାଡ଼ି ଆସୁଥିବା ବେଳେ ଲୋକମାନେ ଜୀବନ ବିକଳରେ ଦୌଡୁଥିବାର ଦୃଶ୍ୟ ମଧ୍ୟ ସମସ୍ତଙ୍କୁ ବିଚଳିତ କରିଛି । ଭୂସ୍ଖଳନ ଜନିତ ଅଘଟଣରେ ବର୍ତ୍ତମାନ ସୁଦ୍ଧା ନିର୍ମାଣସ୍ଥଳରେ ଥିବା ୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ସେହିପରି ଆହୁରି ୭ ଅଧିକ ଲୋକ ନିଖୋଜ ଥିବା ପ୍ରାଥମିକ ଯାଂଚରୁ ଜଣାପଡ଼ିଛି । ବେଶ କିଛି ଦିନ ଧରି ୱାୟନାଡରେ ଅବିଶ୍ରାନ୍ତ ବର୍ଷା ଯୋଗୁ ଏପରି ଘଟଣା ଘଟିଥିବା କୁହାଯାଉଛି । ଆନାକ୍କମ୍ପୋୟିଲ-କାଲାଡି-ମେପାଡି ଟ୍ୱିନ ଟନେଲ ପ୍ରକଳ୍ପ ଚାଲିଥିବା ମୀନାକ୍ଷୀ ବ୍ରିଜ ନିକଟରେ ଘଟିଛି ପୂରା ଘଟଣା । ମାଲାପୁରମ ଓ ୱାୟନାଡକୁ ସଂଯୋଗ କରିବା ପାଇଁ ଏହି ପ୍ରକଳ୍ପ କାମ ଚାଲିଛି । ୨୦୨୪ ଭୂସ୍ଖଳନ ଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇଥିବା ମୁଣ୍ଡାକ୍କିର ଅତି ନିକଟରେ ଏହି ସ୍ଥାନଟି ରହିଛି । ଏବେ ଏଠାରେ ଭୂସ୍ଖଳନର ତାଣ୍ଡବ ସମସ୍ତଙ୍କ ନିଦ ହଜାଇ ଦେଇଛି । ଆଜି ଅପରାହ୍ନରେ ଏଠାରେ ଟନେଲ କାମ ଚାଲିଥିଲା । ଶ୍ରମିକମାନେ ଲଗାଣ ବର୍ଷାରେ ମଧ୍ୟ ନିଜ କାମ ଜାରି ରଖିଥିଲେ । ହେଲେ କାମ ଚାଲିଥିବା ବେଳେ ହଠାତ୍ ଭୂସ୍ଖଳନ ହୋଇଥିଲା । ଚାରିଆଡ଼ୁ ମାଟି, ପାଣି ଓ ବଡ଼ବଡ଼ ପଥର ଖଣ୍ଡ ସବୁ ପାହାଡ଼ ଉପରୁ ତଳକୁ ଖସିବାରେ ଲାଗିଥିଲା । ଆଖି ପିଛୁଳାକେ କାଦୁଆ ମିଶା ପାଣି କାମ କରୁଥିବା ଲୋକଙ୍କୁ ପୋତି ପକାଇଥିଲା । କିଛି ଲୋକ ଜୀବନ ବିକଳରେ ମଧ୍ୟ ଦୌଡ଼ିବାକୁ ଚେଷ୍ଟା କରିଥିଲେ ହେଁ ଧ୍ୱଂସାବଶେଷ ତଳେ ପୋତି ହୋଇଯାଇଥିଲେ । ମାଟି ତଳେ କିଛି ଇଞ୍ଜିନିୟର ଓ ସିକ୍ୟୁରିଟୀ ଗାର୍ଡ ଫସି ରହିଥିବା ଆଶଙ୍କା କରାଯାଉଛି । ସୋଶାଲ ମିଡିଆରେ ଭାଇରାଲ୍ ଭିଡିଓରେ ଦେଖିବାକୁ ମିଳୁଛି ଯେ ପାହାଡ଼ରୁ କାଦୁଅ ଓ ମାଟି ତଳକୁ ଖସୁଛି । ସେହି କାଦୁଅ ମିଶା ପାଣି ସବୁ କିଛି ଭସାଇ ନେଉଛି । କାଦୁଅର ପ୍ରବଳ ସ୍ରୋତରେ ଗୋଟିଏ ବଡ଼ ଇନ୍ଧନ ବୋଝେଇ ଟ୍ୟାଙ୍କର ଭାସିଯାଉଥିବା ବେଳେ ଲୋକମାନେ ପ୍ରାଣ ବଂଚାଇବାକୁ ଦୌଡୁଥିବା ଦେଖାଯାଉଛି । ଘଟଣା ପରେ ପ୍ରଥମେ ସ୍ଥାନୀୟ ଲୋକମାନେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ପରେ କାଲପେଟାରୁ ଅଗ୍ନିଶମ ଓ ଉଦ୍ଧାରକାରୀ ଦଳ ପହଂଚିଥିଲେ । ଏନଡିଆରଏଫର ଏକାଧିକ ଟିମ୍ ମଧ୍ୟ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି । ଜଣେ ଅଧିକାରୀ କହିଛନ୍ତି ଯେ ଘଟଣା ସ୍ଥଳରୁ ଅନେକ ଲୋକଙ୍କୁ ଉଦ୍ଧାର କରାଯାଇଛି ।

ସିଙ୍ଗାପୁର ବିଶ୍ୱର ସବୁଠୁ ବ୍ୟୟବହୁଳ ସହର, ୨୨ତମ ସ୍ଥାନରେ ମୁମ୍ବାଇ



ନୂଆଦିଲ୍ଲୀ, ୭/୭(ନ୍ୟୁ.ଏ): ଧନୀମାନଙ୍କ ବିଳାସପୂର୍ଣ୍ଣ ଜୀବନଯାପନ ପାଇଁ ସିଙ୍ଗାପୁର ବିଶ୍ୱର ସବୁଠୁ ବ୍ୟୟବହୁଳ ସହର । ଲଗାତାର ଚତୁର୍ଥ ବର୍ଷ ପାଇଁ ସିଙ୍ଗାପୁର ଶୀର୍ଷ ସ୍ଥାନ ବଜାୟ ରଖିଛି । ଆବାସିକ ସମ୍ପତି ଏବଂ କାର ଦାମ୍ ବୃଦ୍ଧି କାରଣରୁ ସିଙ୍ଗାପୁର ଏହି ସ୍ଥାନରେ ରହିଛି । ବ୍ୟୟବହୁଳ ସହର ତାଲିକାର ଦ୍ୱିତୀୟ ସ୍ଥାନରେ ଗତବର୍ଷ ଲଣ୍ଡନ ଥିବାବେଳେ ଏଥର ଜୁରିକ୍ ସେହି ସ୍ଥାନ ଦଖଲ କରିଛି । ମୋନାକୋ ପ୍ରଥମ ଥର ପାଇଁ ରିପୋର୍ଟରେ ବିଶ୍ୱର ତୃତୀୟ ବ୍ୟୟବହୁଳ ସହରର ସ୍ଥାନ ନେଇଛି ବୋଲି ସ୍ୱିଜରଲାଣ୍ଡର ସମ୍ପତି ପରିଚାଳନା ସଂସ୍ଥା ଜୁଲିୟସ ବେୟର ଗ୍ରୁପ୍ ଲିମିଟେଡ ପକ୍ଷରୁ ପ୍ରକାଶିତ ଗ୍ଲୋବାଲ ୱେଲଥ୍ ଆଣ୍ଡ ଲାଇଫଷ୍ଟାଇଲ୍ ରିପୋର୍ଟ ୨୦୨୬ରେ କୁହାଯାଇଛି । ଚଳିତବର୍ଷ ବିଶ୍ୱର ବ୍ୟୟବହୁଳ ସହର ତାଲିକାରେ ପ୍ରଥମ ଦଶରେ ଯେଉଁ ସହରଗୁଡ଼ିକ ରହିଛନ୍ତି ସେଗୁଡ଼ିକ ଯଥାକ୍ରମେ ହେଲେ ହଂକଂ, ଲଣ୍ଡନ, ସାଂଘାଇ, ପ୍ୟାରିସ, ସିଡ଼ନି, ମିଲାନ ଓ ବ୍ୟାଙ୍କକ । ଆବାସିକ ସମ୍ପତି, କାର, ବିଜନେସ୍ ଶ୍ରେଣୀ ବିମାନ ଯାତ୍ରା, ସ୍କୁଲ ଫି ଏବଂ ଭୋଜନ ଭଳି ୨୦ଟି ସାମଗ୍ରୀ ଓ ସେବାର ମୂଲ୍ୟକୁ ନେଇ ଜୁଲିୟସ ବେୟର୍ସ ଲାଇଫଷ୍ଟାଇଲ୍ ଇଣ୍ଡେକ୍ସ ପ୍ରକାଶ କରାଯାଇଛି । ବିଶ୍ୱର ୨୫ଟି ସହରକୁ ଏହି ତାଲିକାରେ ରଖାଯାଇଛି । ତାଲିକାରେ ଭାରତର ଏକମାତ୍ର ସହର ଭାବେ ମୁମ୍ବାଇ ଏଥର ୨୨ତମ ସ୍ଥାନରେ ରହିଛି । ଗତବର୍ଷ ମୁମ୍ବାଇ ବିଂଶ ସ୍ଥାନରେ ରହିଥିଲା । ୩୬୦ ଜଣ ବଡ଼ ଧନୀ ବ୍ୟକ୍ତି, ଯେଉଁମାନଙ୍କର ନିବେଶଯୋଗ୍ୟ ପାରିବାରିକ ସମ୍ପତି ଅତିକମ୍‌ରେ ୧ ନିୟୁତ ଡଲାରରୁ ଅଧିକ, ସେମାନଙ୍କୁ ନେଇ ସଂସ୍ଥା ପକ୍ଷରୁ ଚଳିତବର୍ଷ ଫେବୃଆରିରୁ ମାର୍ଚ୍ଚ ମଧ୍ୟରେ ସର୍ଭେ କରାଯାଇଥିଲା । ସେଥିରୁ ଏହି ନିର୍ଯ୍ୟାସ ବାହାରିଛି । ୨୦୨୬ରେ ଉନ୍ନତ ଜୀବନଶୈଳୀ ବଜାୟ ରଖିବା ପାଇଁ ଧନୀମାନଙ୍କୁ ଆମେରିକୀୟ ଡଲାର ମୂଲ୍ୟରେ ହାରାହାରି ୧୦.୨ ପ୍ରତିଶତ ଅଧିକ ଖର୍ଚ୍ଚ କରିବାକୁ ପଡ଼ୁଛି । ବ୍ୟୟବହୁଳ ସହରଗୁଡ଼ିକର ରାଙ୍କିଂ ଜୁଲିୟସ ବେୟର ଲାଇଫଷ୍ଟାଇଲ ଇଣ୍ଡେକ୍ସ ଅନୁଯାୟୀ ପ୍ରସ୍ତୁତ କରାଯାଇଛି । ବିଶ୍ୱର ବିଭିନ୍ନ ସହରରେ ବସବାସ ଉଦ୍ଦେଶ୍ୟରେ ଯାତ୍ରା କରୁଥିବା ଲୋକ ଓ ପରିବାରଗୁଡ଼ିକର ଖର୍ଚ୍ଚ ଏବଂ ଅର୍ଥନୈତିକ ସ୍ଥିରତା କିପରି ପ୍ରଭାବିତ ହେବ ସେ ସମ୍ପର୍କରେ ଉକ୍ତ ରିପୋର୍ଟ ଏକ ଦୃଷ୍ଟିକୋଣ ପ୍ରଦାନ କରିବ ବୋଲି କୁହାଯାଉଛି ।

୫ ଦିନରେ ଅମରନାଥ ଦର୍ଶନ କଲେଣି ୧ ଲକ୍ଷ ଭକ୍ତ

ଜମ୍ମୁ, ୭/୭(ନ୍ୟୁ.ଏ): ବାର୍ଷିକ ଅମରନାଥ ଯାତ୍ରା ପାଇଁ ଚଳିତ ବର୍ଷ ଭକ୍ତଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଦେଖିବାକୁ ମିଳିଛି । ମଙ୍ଗଳବାର ସକାଳେ ୩୧ ଜଣ ବିଦେଶୀ ନାଗରିକଙ୍କ ସମେତ ମୋଟ ୮,୮୧୫ ଜଣ ଶ୍ରଦ୍ଧାଳୁଙ୍କୁ ନେଇ ଚଳିତ ବର୍ଷର ସବୁଠାରୁ ବଡ଼ ଦଳ ଜମ୍ମୁର ଭଗବତୀ ନଗର ବେସ୍ କ୍ୟାମ୍ପରୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ପବିତ୍ର ଗୁମ୍ଫା ଅଭିମୁଖେ ଯାତ୍ରା ଆରମ୍ଭ କରିଛି । ଗତ ୨ ତାରିଖରୁ ଆରମ୍ଭ ହୋଇଥିବା ଏହି ଯାତ୍ରାର ମାତ୍ର ପ୍ରଥମ ୪ ଦିନ ମଧ୍ୟରେ ଏହି ପବିତ୍ର ଗୁମ୍ଫାରେ ବାବା ବରଫାନୀଙ୍କୁ ଦର୍ଶନ କରିଥିବା ଶ୍ରଦ୍ଧାଳୁଙ୍କ ସଂଖ୍ୟା ୯୩,୦୦୦ ଅତିକ୍ରମ କରିସାରିଛି । ୩,୮୮୦ ମିଟର ଉଚ୍ଚତାରେ ଅବସ୍ଥିତ ମହାଦେବଙ୍କ ଏହି ପବିତ୍ର ଗୁମ୍ଫାକୁ ଆଜି ସନ୍ଧ୍ୟା ସୁଦ୍ଧା ଶ୍ରଦ୍ଧାଳୁଙ୍କ ସଂଖ୍ୟା ୧ ଲକ୍ଷ ଟପିଯିବ ବୋଲି ପ୍ରଶାସନ ପକ୍ଷରୁ ଆଶା କରାଯାଉଛି । ଯଦି ଏହା ହୁଏ, ତେବେ ଚଳିତ ବର୍ଷର ରେକର୍ଡ ଭିଡ଼କୁ ଦର୍ଶାଉଛି । ଆଗାମୀ ଅଗଷ୍ଟ ୨୮ ତାରିଖ ପର୍ଯ୍ୟନ୍ତ ଜାରି ରହିବାକୁ ଥିବା ଏହି ଯାତ୍ରା ପାଇଁ ସୁରକ୍ଷା ବ୍ୟବସ୍ଥାକୁ ଅତି କଡ଼ାକଡ଼ି କରାଯାଇଛି । ଅଧିକାରୀଙ୍କ ସୂଚନା ଅନୁଯାୟୀ, ମଙ୍ଗଳବାର ବାହାରିଥିବା ଏହି ସର୍ବବୃହତ ଦଳରେ ୫,୮୩୧ ଜଣ ପୁରୁଷ, ୨,୧୯୩ ଜଣ ମହିଳା, ୩୧ ଜଣ ଶିଶୁ, ୫୯୮ ଜଣ ସାଧୁ, ୧୩୧ ଜଣ ସାଧ୍ୱୀ ଏବଂ ୩୧ ଜଣ ବିଦେଶୀ ନାଗରିକ ସାମିଲ ଅଛନ୍ତି । ଏହି ସମସ୍ତ ଯାତ୍ରୀ ମୋଟ ୩୬୩ଟି ଗାଡ଼ିର ଏକ ବିଶାଳ ସ୍ୱତନ୍ତ୍ର କନଭେୟରେ ଯାତ୍ରା କରୁଛନ୍ତି, ଯେଉଁଥିରୁ ୧୮୧ଟି ଗାଡ଼ିରେ ୩,୯୮୯ ଜଣ ଯାତ୍ରୀ ଗାନ୍ଦେରବଲ ଜିଲ୍ଲାର ବାଲଟାଲ୍ ବେସ୍ କ୍ୟାମ୍ପ ଅଭିମୁଖେ ଯାଇଥିବା ବେଳେ ୧୮୨ଟି ଗାଡ଼ିରେ ୪,୮୨୬ ଜଣ ଶ୍ରଦ୍ଧାଳୁ ପାରମ୍ପରିକ ଅନନ୍ତନାଗ ଜିଲ୍ଲାର ପହଲଗାମ ରୁଟ୍ ଦେଇ ଯାତ୍ରା କରିଛନ୍ତି । ଚଳିତ ଯାତ୍ରା ଆରମ୍ଭ ହେବା ପରଠାରୁ ବର୍ତ୍ତମାନ ସୁଦ୍ଧା ଜମ୍ମୁ ବେସ୍ କ୍ୟାମ୍ପ ଛାଡ଼ିଥିବା ମୋଟ ଶ୍ରଦ୍ଧାଳୁଙ୍କ ସଂଖ୍ୟା ୩୪,୮୨୯ରେ ପହଂଚିଛି । ଏହାପୂର୍ବରୁ ଗତ ରବିବାର ସର୍ବାଧିକ ୬,୭୧୫ ଜଣ ଯାତ୍ରୀ ଯାଇଥିବା ବେଳେ ମଙ୍ଗଳବାରର ଏହି ଦଳ ସେହି ରେକର୍ଡକୁ ଭାଙ୍ଗିଛି ।

ADMISSION OPEN- 2025
MODERN
I.T.I
TRADE:
FITTER &
ELECTRICIAN
Affiliated to NCVT, Govt. of India, New Delhi
STIPEND FACILITY FOR SC/ST/OBC STUDENTS
Special Concession for very poor & girl students
Sundari, P.O.- Sunhat, Balasore
9437485676, 8249839157, 9438214434

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସମ୍ପାଦକ : ଶୁଭେନ୍ଦୁ ଦାସ
Editor : Subhendu Das